R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୨୩
ତିଥି : ଚତୁର୍ଥୀ
୦୫ ଫେବୃଆରୀ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 123
05 February 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ରାଇରଙ୍ଗପୁରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ରାଷ୍ଟ୍ରପତି

# ପୂର୍ବୋଦୟ ଦୃଷ୍ଟିକୋଣ ଓଡ଼ିଶା ବିକାଶକୁ ପ୍ରାଥମିକତା ଦେଇଥାଏ : ରାଷ୍ଟ୍ରପତି



ବାରିପଦା, ୦୪।୦୨ (ସବ୍ୟୁ) : ଦିନିଆ ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ପୂର୍ବାହ୍ନରେ ବାୟୁସେନାର ଏକ ସ୍ୱତନ୍ତ୍ର ହେଲିକେପ୍ଟର ଜରିଆରେ ରାଇରଙ୍ଗପୁର ସ୍ଥିତ ଦାଣ୍ଡବୋଷ ଏୟାରଷ୍ଟ୍ରିପ୍‌ରେ ପହଞ୍ଚିଥିଲେ। ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀ ଓ ଉପସ୍ଥିତ ଅତିଥି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ରାଇରଙ୍ଗପୁରକୁ ଏହା ମହାମହିମଙ୍କ ଚତୁର୍ଥ ଗସ୍ତ ହୋଇଥିବେଳେ ଏହି ଗସ୍ତ କାର୍ଯ୍ୟକ୍ରମକୁ ନେଇ ସମଗ୍ର ରାଇରଙ୍ଗପୁର ଚଳଚଞ୍ଚଳ ଥିଲା ଏବଂ ଜିଲ୍ଲାପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ମଧ୍ୟ କଡାକଡି କରାଯାଇଥିଲା। କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆସି ଦିବା ୧୧ଟା ୩୦ରେ ହଲି ଡେ ହୋମର ଉଦଘାଟନ କରିଥିଲେ । କେନ୍ଦ୍ର ସରକାରଙ୍କ ଦ୍ୱାରା ରାଇରଙ୍ଗପୁର ପରି ଉପାନ୍ତ ଅଞ୍ଚଳରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସ୍ୱାଗତ ପାଇଁ ମହୁଲଡିହାରେ ଏହି ହଲି ଡେ ହୋମ୍ ପ୍ରସ୍ତୁତ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ପଦରୁ ଅବସର ଗ୍ରହଣ କରିବା ପରେ ଏହି ହଲି ଡେ ହୋମରେ ଅବସ୍ଥାନ କରିବେ। ଏଠାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଏକ ବିଳାସ ପୂର୍ଣ୍ଣ ବଙ୍ଗଳା ସହ ୧୬ଟି କୋଠରୀ ବିଶିଷ୍ଟ ଏକ ବିଲ୍ଡିଂ ପ୍ରସ୍ତୁତ ହୋଇଛି । ଉଦଘାଟନ କାର୍ଯ୍ୟକ୍ରମରେ ରାଜ୍ୟପାଳ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ୍, ଗୃହନଗର ଓ ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ । (୯ ପୃଷ୍ଠାରେ)

**ଆମ ବିକାଶ ଦୃଷ୍ଟିକୋଣର କେନ୍ଦ୍ର ହେଉଛି ଶିକ୍ଷା : ମୁଖ୍ୟମନ୍ତ୍ରୀ**

### ଲୋକସଭାରେ ବିରୋଧୀ ସାଂସଦଙ୍କ ହଙ୍ଗାମା

## ଅଭିଭାଷଣ ରଖିପାରିଲେନି ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୪।୨ : ଲୋକସଭାରେ ବିରୋଧୀ ସଦସ୍ୟଙ୍କ ହଙ୍ଗାମା ଯୋଗୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତିଙ୍କ ଅଭିଭାଷଣର ଧନ୍ୟବାଦ ପ୍ରସ୍ତାବ ଉପରେ ଆଜି ତାଙ୍କର ଉତ୍ତର ରଖିପାରିନାହାନ୍ତି। ପ୍ରଧାନମନ୍ତ୍ରୀ ଗୃହକୁ ସମ୍ବୋଧିତ କରିବାର କିଛି ସମୟ ପୂର୍ବରୁ ଲୋକସଭାକୁ ମୂଲତବୀ କରାଯାଇଛି। କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳର ମହିଳା ସାଂସଦମାନେ ପ୍ରଧାନମନ୍ତ୍ରୀଙ୍କ ଆସନକୁ ଘେରାଉ କରି ରଖିବା ସହ ବିଭିନ୍ନ ପ୍ରକାର ପୋଷ୍ଟର ପ୍ରଦର୍ଶନ କରିଥିଲେ। ବିରୋଧୀ ଦଳ ସଂସଦ ଗୃହକୁ ମଧ୍ୟଭାଗକୁ ଆସିବା ସହ ପ୍ରଧାନମନ୍ତ୍ରୀଙ୍କ ଆସନ ଆଡକୁ ମାଡ଼ି ଯାଇଥିଲେ ବୋଲି ବିଜେପି ସାଂସଦ ମନୋଜ ତିୱାରୀ ଅଭିଯୋଗ କରିଥିଲେ।

**ଶେଷ ମୁହୂର୍ତ୍ତରେ ଗୃହ ହେଲା ମୁଲତବୀ**

**ପ୍ରଧାନମନ୍ତ୍ରୀଙ୍କ ଆସନକୁ ବିରୋଧୀ ମହିଳା ସାଂସଦ ଘେରି ରହିଥିବା ଅଭିଯୋଗ**

ବିଜେପି ସାଂସଦ ତିୱାରୀ କହିଥିଲେ ଯେ ଏହି ମହିଳା ସାଂସଦମାନଙ୍କୁ ବରିଷ୍ଠ ମନ୍ତ୍ରୀମାନେ ନିଜ ଆସନକୁ ଫେରି ଯିବାରୁ ସେମାନେ ଏହାକୁ ଗ୍ରହଣ କରିନଥିଲେ। ଏହି ହଟ୍ଟଗୋଳରେ କଂଗ୍ରେସ ସାଂସଦମାନଙ୍କ ସହ ଟିଏମସି ଓ ସପାର (୯ ପୃଷ୍ଠାରେ)

### ଏସ୍‌ଆଇଆର ବିରୋଧରେ ସୁପ୍ରିମ୍‌କୋର୍ଟରେ ପକ୍ଷ ରଖିଲେ ମମତା

## ନ୍ୟାୟ ଏବେ ବନ୍ଦ ଦରଜାରେ କାନ୍ଦୁଛି

ନୂଆଦିଲ୍ଲୀ, ୦୪।୦୨ : ସୁପ୍ରିମକୋର୍ଟରେ ପଶ୍ଚିମବଙ୍ଗରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର୍)କୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିଜେ ଉପସ୍ଥିତ ରହି ପକ୍ଷ ରଖିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କୁ ସେ ୫ ମିନିଟ୍ ସମୟ ଦେବାକୁ ସେ ଅନୁରୋଧ କରିଥିଲେ। ହେଲେ ପ୍ରଧାନ ବିଚାରପତି ୧୫ ମିନିଟ୍ ସମୟ ଦେଇଥିଲେ। ମମତା କହିଥିଲେ। ଯେ ବନ୍ଦ ଦରଜା ମଧ୍ୟରେ ଏବେ ନ୍ୟାୟ କାନ୍ଦୁଛି। ନିର୍ବାଚନ କମିଶନ ତାଙ୍କ ଅନୁରୋଧକୁ ଅଣଦେଖା କରିଛନ୍ତି। ଆମେ କୌଣସି ଠାରେ ନ୍ୟାୟ ପାଇନାହୁଁ। ଇସିଆଇକୁ ୬ଥର ଲେଖିଛି ମାତ୍ର ସେ କୌଣସି ଉତ୍ତର ଦେଇନାହାନ୍ତି।

ପ୍ରଧାନବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଓ ବିପୁଲ ଏମ ପାଞ୍ଚୋଲିକୁ ନେଇ ଗଠିତ ଖଣ୍ଡପୀଠ ସମ୍ମୁଖରେ ମମତା ତାଙ୍କ ପକ୍ଷ ରଖିଥିଲେ। ସେ କହିଥିଲେ ଯେ, ଏ ଲଢ଼େଇ ମୋର ନୁହେଁ (୯ ପୃଷ୍ଠାରେ)

## ହ୍ୱାଟ୍ସଆପ୍‌ରେ ୨୪ ଘଣ୍ଟିଆ ରାଜସ୍ୱ ସେବା

ଭୁବନେଶ୍ୱର, ୪।୨ (ସବ୍ୟୁ): ଏଣିକି ହ୍ୱାଟ୍ସଆପ୍‌ରେ ୨୪ ଘଣ୍ଟିଆ ରାଜସ୍ୱ ସେବା ଯୋଗାଇ ଦିଆଯିବ। ହ୍ୱାଟ୍ସଆପ୍ ମାଧ୍ୟରେ ଜମିଜମା ବିବାଦର ସବୁ ଅଭିଯୋଗ ଓ ଆବେଦନ ହୋଇପାରିବ। ରାଜସ୍ୱ ମନ୍ତ୍ରୀଙ୍କ ହ୍ୱାଟ୍ସଆପ୍‌ରେ ସିଧାସଳଖ ଅଭିଯୋଗ ହୋଇପାରିବ। ଯଦି କୌଣସି ଅଧିକାରୀଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିବ ତେବେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।

ମନ୍ତ୍ରୀ କହିଛନ୍ତି (୯ ପୃଷ୍ଠାରେ)

## ସଂସଦ ପରିସରରେ ରାହୁଲ-ବିଟ୍ଟୁ ବାକ୍ ଯୁଦ୍ଧ

ନୂଆଦିଲ୍ଲୀ, ୪।୨ (ଏଜେନ୍ସି): କେନ୍ଦ୍ରମନ୍ତ୍ରୀ ରଭନୀତ ସିଂ ବିଟ୍ଟୁ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ମଧ୍ୟରେ ବାକଯୁଦ୍ଧ ଦେଖିବାକୁ ମିଳିଥିଲା। ପୂର୍ବତନ କଂଗ୍ରେସ ସାଂସଦ ଶ୍ରୀ ବିଟ୍ଟୁଙ୍କୁ ରାହୁଲ ବିଶ୍ୱାସଘାତ ବନ୍ଧୁ ବୋଲି ସମ୍ବୋଧନ କରିବା ପରେ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ମାତ୍ର ଏହାର ଶ୍ରୀ ବିଟ୍ଟୁ ରାହୁଲଙ୍କୁ ଦେଶର ଶତ୍ରୁ ବୋଲି କହିଥିଲେ। ଏହା ରାଜନୀତି ମହଲରେ ବେଶ ଚର୍ଚ୍ଚା ହୋଇଛି।

ନିଲମ୍ବିତ ହୋଇଥିବା ୮ ସାଂସଦ ନିଷ୍ପତ୍ତିର ପୁନଃ ବିଚାର ପାଇଁ କଂଗ୍ରେସ ସାଂସଦମାନେ ସଂସଦ ପରିସରରେ ମକରଦ୍ୱାର ନିକଟରେ ଧାରଣା ଦେଇଥିଲେ। ଏହି ସମୟରେ କେନ୍ଦ୍ରମନ୍ତ୍ରୀ ବିଟ୍ଟୁ ସେପଟେ ଯାଉଥିଲେ। ଶ୍ରୀ ବିଟ୍ଟୁ ୩ ଥର କଂଗ୍ରେସରୁ ସାଂସଦ (୯ ପୃଷ୍ଠାରେ)




# ଲାଲ୍ ଚିନିର ଉପକାରିତା

ଲାଲ୍ ଚିନି ବା ବ୍ରାଉନ ସୁଗାର ସାଧାରଣ ଧଳା ଚିନିର ଏକ ସ୍ୱାସ୍ଥ୍ୟକର ବିକଳ୍ପ ଭାବରେ ବେଶ୍ ଜଣାଶୁଣା । ଏହାର ସ୍ୱତନ୍ତ୍ର ରଙ୍ଗ ଏବଂ ସ୍ୱାଦ ପାଇଁ ଏହା ରୋଷେଇ ଘରେ ଏକ ବିଶେଷ ସ୍ଥାନ ଅଧିକାର କରିଛି । ସମସ୍ତଙ୍କ ପାଇଁ ଏହା ଏକ ସାସ୍ଥ୍ୟକର ବିକଳ୍ପ ପାଲଟିଛି । ଏହି ଲାଲ ଚିନିକୁ ମୁଖ୍ୟତଃ ଆଖୁ ରସରୁ ପ୍ରସ୍ତୁତ କରାଯାଏ । ଏହା ତିଆରି ହେବାର ଦୁଇଟି ପ୍ରକ୍ରିୟା ଅଛି ଯଥା ପ୍ରାକୃତିକ ଓ ଆଧୁନିକ । ପ୍ରାକୃତିକ ପ୍ରକ୍ରିୟାରେ ଆଖୁ ରସକୁ ଗରମ କରି ଚିନି ପ୍ରସ୍ତୁତ କଲାବେଳେ ସେଥିରୁ ସମ୍ପୂର୍ଣ୍ଣ ଭାବେ 'ମୋଲାସେସ୍' ବା ଗୁଡ଼ ଅଂଶକୁ ବାହାର କରାଯାଏ ନାହିଁ। ଯାହାପରେ ଲାଲ ଚିନିରେ ପରିଣତ ହୋଇଥାଏ । ସେହିଭଳି ଆଧୁନିକ ପ୍ରକ୍ରିୟାରେ ଧଳା ଚିନି ପ୍ରସ୍ତୁତ ହେବା ପରେ ସେଥିରେ ନିର୍ଦ୍ଦିଷ୍ଟ ପରିମାଣର ମୋଲାସେସ୍ ମିଶାଯାଇ ଏହାକୁ ବ୍ରାଉନ୍ ସୁଗାରର ରୂପ ଦିଆଯାଏ । ଏହି ମୋଲାସେସ୍ ଯୋଗୁଁ ଚିନିର ରଙ୍ଗ ମାଟିଆ ଦେଖାଯାଏ ଏବଂ ଏଥିରେ ଆର୍ଦ୍ରତା ରହିଥାଏ ।

### ଉପକାରିତା

- ଧଳା ଚିନି ତୁଳନାରେ ଏଥିରେ କିଛି ଅଧିକ ପୋଷକ ତତ୍ତ୍ୱ ଥାଏ ।
- ମୋଲାସେସ୍ ଯୋଗୁଁ ଏଥିରେ କ୍ୟାଲସିୟମ୍, ପୋଟାସିୟମ୍, ମାଗ୍ନେସିୟମ୍ ଏବଂ ଆଇରନ୍ ସାମାନ୍ୟ ପରିମାଣରେ ଥାଏ ।
- ଏହା ହଜମ ଶକ୍ତି ବଢ଼ାଇବାରେ ଏବଂ ପେଟ କାମୁଡ଼ା ଭଳି ସମସ୍ୟାରୁ ମୁକ୍ତି ଦେବାରେ ସାହାଯ୍ୟ କରିଥାଏ ।
- ଏଥିରେ ଥିବା କାର୍ବୋହାଇଡ୍ରେଟ୍ ଶରୀରକୁ ତୁରନ୍ତ ଶକ୍ତି ପ୍ରଦାନ କରେ ।
- ଏହା ଏକ ପ୍ରାକୃତିକ 'ଏକ୍ସଫୋଲିଏଟର' ଭାବେ କାମ କରେ, ଯାହା ତ୍ୱଚାର ମଲା କୋଷ ବାହାର କରିବାରେ ସାହାଯ୍ୟ କରେ।

### ବ୍ୟବହାର

- କେକ୍, କୁକିଜ୍ ଏବଂ ପେଷ୍ଟ୍ରି ତିଆରି କରିବାରେ ଏହା ବହୁଳ ଭାବରେ ବ୍ୟବହୃତ ହୁଏ। ଏହା ଖାଦ୍ୟକୁ ଅଧିକ ନରମ ଏବଂ ସ୍ୱାଦିଷ୍ଟ କରେ।
- ସେହିଭଳି ଚା', କଫି କିମ୍ବା ଶରବତରେ ଧଳା ଚିନି ବଦଳରେ ଏହାକୁ ବ୍ୟବହାର କରାଯାଇପାରିବ।
- ବିଭିନ୍ନ ପ୍ରକାରର ଚଟଣି ଏବଂ ସସରେ ମଧ୍ୟ ଏହା ବ୍ୟବହାର ହୁଏ।
- ତେବେ ଏହାକୁ ବ୍ୟବହାରରେ ମଧ ସତର୍କତାର ଆବଶ୍ୟକତା ରହିଛି । ଏହାକୁ ମଧୁମେହ ରୋଗୀ ଖାଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବାର ଆବଶ୍ୟକତ ।



ରହିଛି । ଏହା ଧଳା ଚିନିଠାରୁ ଭଲ ହୋଇପାରେ କିନ୍ତୁ ଶରୀର ପାଇଁ ସମ୍ପୂର୍ଣ୍ଣ ଲାଭ ଦାୟକ ନୁହେଁ , ତେଣୁ ଏହାର ବ୍ୟବହାର ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି ।

## ସୋସିଆଲ କୋଟ୍ସ



ମୋ କ୍ୟାରିୟରର ସବୁଠାରୁ ବେଷ୍ଟ ପାର୍ଟ ଆସିବା ଏବେ ବି ବାକି ଅଛି । ମୋତେ ଅଭିନୟ ବ୍ୟତିତ ଅନ୍ୟ କିଛି କାମ ଆସେ ନାହିଁ । ସାରା ଜୀବନ ଏହାକୁ ହିଁ କରିବି ।

ସୁନିଲ ଗ୍ରୋଭର, ଅଭିନେତା



ରାସ୍ତାଘାଟରେ ଝଗଡା କରିବା ଦ୍ୱାରା ବର୍ତ୍ତମାନ ସେଲିବ୍ରିଟି ହୋଇ ଯାଉଛନ୍ତି। ରାସ୍ତାରେ କାହାକୁ ପିଟ ଏବଂ ପରେ ପୋଲିସ ଷ୍ଟେସନ ଯିବା ଦ୍ୱାରା ବର୍ତ୍ତମାନ ଭଲ ରିଆଲିଟି ଶୋ'ରେ ମଧ୍ୟ ସ୍ଥାନ ମିଳୁଛି ।

ଦେବୋଲିନା ଭଟ୍ଟାଚାର୍ଯ୍ୟ, ଅଭିନେତ୍ରୀ



ବିନା ସ୍କ୍ରିପ୍ଟ ପଢାରେ ଶାହରୁଖ ମୁନ୍ନାଭାଇ ଫିଲ୍ମ କରିବାକୁ ରାଜି ଥିଲେ। ହେଲେ ତାଙ୍କର ଅସୁସ୍ଥତା କାରଣରୁ ସଞ୍ଜୟଦତ୍ତଙ୍କୁ ଏହି ଚାନ୍ସ ମିଳିଥିଲା ।

ରାଜକୁମାର ହିରାନୀ, ଫିଲ୍ମମେକର

# ଅନ୍ତିମ ସଂସ୍କାର ବୀମା

ଆଜିକାଲି ବିଭିନ୍ନ ବୀମା ଯେପରି ଗାଡି ବୀମା, ସ୍ୱାସ୍ଥ୍ୟ ବୀମା, ନିଜର ବିଭିନ୍ନ ଗ୍ୟାଜେଟ ଫୋନ୍, ଲାପଟପ ଓ ଅନ୍ୟାନ୍ୟ ସାମଗ୍ରୀର ବୀମା କରାଯାଉଛି । ହେଲେ ପୃଥିବୀରେ ଏଭଳି ଏକ ଦେଶ ରହିଛି ଯେଉଁଠି ଲୋକ ଅନ୍ତିମ ସଂସ୍କାର ବୀମା କରାଉଛନ୍ତି । ଜିମ୍ବାବେ ଏଭଳି ଏକ ଦେଶ ଯେଉଁଠାରେ ସ୍ୱାସ୍ଥ୍ୟବୀମା ଖୁବ ଅଧିକ ମହଙ୍ଗା। ଏଠାରେ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟବୀମା ଭରିବା ପାଇଁ ସମ୍ବଳ ନାହିଁ । ତେଣୁ ଏହାଠାରୁ ସସ୍ତା ଥିବା ଅନ୍ତିମ ସଂସ୍କାର ବୀମା ଲୋକ କିଣୁଥିବା ଦେଖିବାକୁ ମିଳୁଛି । ଚିକିତ୍ସା କରାଇବାର ଖର୍ଚ୍ଚ ଏଠାରେ ଅଧିକ ଥିବାରୁ ଲୋକମାନେ ଅନେକ ଧାର ଉଧାର କରୁଛନ୍ତି । ତେଣୁ ପରିବାର ଉପରେ ଅନ୍ତିମ ସଂସ୍କାର ଖର୍ଚ୍ଚର ବୋଝ ନଦେବାକୁ ଏଭଳି ନିଷ୍ପତ୍ତି ନେଉଥିବା ଦେଖିବାକୁ ମିଳିଛି ।






## ମୃତ ଲୋକଙ୍କ ଚର୍ବିର ବ୍ୟବହାର

ଆଜିକାଲି ମୃତ ଲୋକଙ୍କ ଶରୀରରେ ଥିବା ଚର୍ବିକୁ ମଧ ବୈଜ୍ଞାନିକମାନେ ବ୍ୟବହାର କରୁଛନ୍ତି । ସୂଚନା ଅନୁସାରେ ଆମେରିକାରେ ବର୍ତ୍ତମାନ ମୃତ ଲୋକଙ୍କର ଶରୀରରେ ଥିବା ଚର୍ବିକୁ ବ୍ୟବହାର କରି ବଞ୍ଚିଥିବା ମଣିଷଙ୍କର ଶରୀରରୁ ସୁନ୍ଦର ଓ ସୁଢଳ କରାଯାଉଛି । ଏହି ନୂଆ ଟେକନିକ ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । ଏହି ପ୍ରକ୍ରିୟାରେ ମୃତ ଲୋକଙ୍କର ଚର୍ବିକୁ ପ୍ରଥମେ ପ୍ରୋସେସ କରାଯାଉଛି । ଯେଉଁଥିରୁ ଅଦରକାରୀ ଜନିଷକୁ ବାହାର କରି ଦିଆଯାଉଛି । ଯାହାପରେ ଏହାକୁ ଇଞ୍ଜେକସନ ସାହାଯ୍ୟରେ ଲୋକଙ୍କ ଶରୀରରେ ଫୋଡା ଯାଉଛି । ଏହି ପ୍ରକ୍ରିୟାକୁ ଉଭୟ ପୁରୁଷ ଓ ମହିଳା ନିଜ ଶରୀରକୁ ଏକ ସୁନ୍ଦର ଆକାର ଦେବା ପାଇଁ କରୁଛନ୍ତି । ଅନେକ ଉପାୟରେ ଏହାର ବ୍ୟବହାର ହେଉଥିବା ଜଣା ପଡିଛି । ନିକଟରେ ଏହି ଟେକନିକ ନ୍ୟୁୟର୍କରେ ଜଣେ ଯୁପତୀଙ୍କ ଉପରେ କରାଯାଇଛି । ଯିଏ ଏହି ଟେକନିକକୁ ବ୍ୟବହାର କରି ପୂରା ନିଜର ଶରୀରର ଆକାରକୁ ପରିବର୍ତ୍ତନ କରିଛନ୍ତି ଯେଉଁଥିପାଇଁ ତାଙ୍କୁ ୪୦ ଲକ୍ଷ ଟଙ୍କାର ଖର୍ଚ୍ଚ କରିବାକୁ ପଡିଛି ।

## ମାର୍ଜରୀ ଆସନ

ପ୍ରଥମେ ଚଟାଣରେ ଆଣ୍ଠୁ ମାଡ଼ି ବସନ୍ତୁ ଏବଂ ହାତ ଦୁଇଟିକୁ ସାମ୍ନାରେ ରଖନ୍ତୁ । ଆପଣଙ୍କ ହାତ କାନ୍ଧ ସହ ଏବଂ ଆଣ୍ଠୁ ନିତମ୍ବ ସହ ସମାନ ରେଖାରେ ରହିବା ଉଚିତ୍। ଏହାପରେ ପେଟକୁ ତଳକୁ କରନ୍ତୁ, ମେରୁଦଣ୍ଡକୁ ଧନୁ ଭଳି ବଙ୍କାନ୍ତୁ ଏବଂ ମୁଣ୍ଡକୁ ଉପରକୁ ଟେକି ଆକାଶକୁ ଚାହାନ୍ତୁ ଏବଂ ନିଶ୍ୱାସ ନିଅନ୍ତୁ। ଏହାପରେ ଶ୍ୱାସ ଛାଡ଼ିଲା ବେଳେ ମେରୁଦଣ୍ଡକୁ ଉପରକୁ ଟେକନ୍ତୁ (ଗୋଲ୍ କରନ୍ତୁ) ଏବଂ ମୁଣ୍ଡକୁ ତଳକୁ କରି ନିଜ ନାଭିକୁ ଚାହାନ୍ତୁ। ଏହି ପ୍ରକ୍ରିୟାକୁ ୫ ରୁ ୧୦ ଥର ଧୀରେ ଧୀରେ ଦୋହରାନ୍ତୁ। ଯଦି ଆପଣଙ୍କର ପିଠିରେ ଗୁରୁତର ଆଘାତ ଥାଏ କିମ୍ବା ସ୍ଲିପ୍ ଡିସ୍କ ସମସ୍ୟା ଥାଏ, ତେବେ ବିଶେଷଜ୍ଞଙ୍କ ପରାମର୍ଶ ବିନା ଯୋଗ କରନ୍ତୁ ନାହିଁ।

### ଉପକାର

- ପିଠି ଯନ୍ତ୍ରଣାର ମୁଖ୍ୟ କାରଣ ହେଉଛି ଦୁର୍ବଳ ମାଂସପେଶୀ। ଯୋଗାସନ ଦ୍ୱାରା ପିଠି, ପେଟ ଏବଂ ନିତମ୍ବର ମାଂସପେଶୀ ମଜବୁତ୍ ହୁଏ, ଯାହା ମେରୁଦଣ୍ଡକୁ ସଠିକ୍ ସହଯୋଗ ପ୍ରଦାନ କରେ।
- ଯୋଗ କରିବା ସମୟରେ ବିଭିନ୍ନ ଅଙ୍ଗକୁ ରକ୍ତ ସଞ୍ଚାଳନ ଭଲ ଭାବେ ହୋଇଥାଏ। ପିଠିର ପ୍ରଭାବିତ ସ୍ଥାନକୁ ଅଧିକ ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱ ପହଞ୍ଚିବା ଫଳରେ ଯନ୍ତ୍ରଣା ଶୀଘ୍ର ଉପଶମ ହୁଏ।
- ଅନେକ ସମୟରେ ଆମେ ଭୁଲ୍ ଭାବେ ବସିବା କିମ୍ବା ଠିଆ ହେବା ଯୋଗୁଁ ପିଠିରେ ଯନ୍ତ୍ରଣା ହୁଏ। ଯୋଗ ଦ୍ୱାରା ଆପଣଙ୍କ ଶରୀରର ଗଠନ ବା 'ପୋଷ୍ଚର' ସଠିକ୍ ରହେ, ଯାହା ଭବିଷ୍ୟତରେ ହେବାକୁ ଥିବା ଯନ୍ତ୍ରଣାରୁ ରକ୍ଷା କରେ।
- ଯୋଗ ଏବଂ ପ୍ରାଣାୟାମ ମନକୁ ଶାନ୍ତ ରଖେ, ଯାହା ଶରୀରର ମାଂସପେଶୀକୁ ଆରାମ ଦେଇଥାଏ।



## ହାଃହାଃ



ସ୍ତ୍ରୀ: ଆଜି କାଲି ତୁମେ ମୋତେ ଆଦୌ ଭଲ ପାଉନାହଁ, କେବଳ ଫେସବୁକ୍ ଆଉ ହ୍ୱାଟସଆପ୍‌ରେ ବ୍ୟସ୍ତ ରହୁଛ!

ସ୍ୱାମୀ: ଆରେ ସେମିତି କିଛି ନୁହେଁ କିଛି ନୁହେଁ...

ସ୍ତ୍ରୀ: ତାହେଲେ କୁହ, ମୋ ଶାଢ଼ୀର ରଙ୍ଗ କ'ଣ?

ସ୍ୱାମୀ (ମୋବାଇଲକୁ ଚାହିଁ): ଫେସବୁକ ରଙ୍ଗ ଭଳି ନୀଳ!

ଏହାପରେ ମୋବାଇଲ ଭାଙ୍ଗିବାର ଶବ୍ଦ ଶୁଣାଗଲା....



# ସାଇଙ୍କ ଏଣ୍ଟ୍ରି

କାଲକି ଫିଲ୍ମର ପ୍ରଥମଭାଗର ସଫଳତା ପରେ ଏହାର ସିକୁଏଲକୁ ନେଇ ଖୁବ ଜୋରରେ ଚର୍ଚ୍ଚା ଜାରି ରହିଛି । ବିଶେଷଭାବେ ଏହାର ଷ୍ଟାରକାଷ୍ଟଙ୍କୁ ନେଇ ବେଶି ଚର୍ଚ୍ଚା ହେଉଛି । ପ୍ରଥମ ଭାଗରେ ମୁଖ୍ୟ ନାୟିକାଭାବେ ଦର୍ଶକ ଦୀପିକାଙ୍କୁ ଦେଖିଥିଲେ ହେଲେ ସିକୁଏଲ ଦୀପିକା ଅଭିନୟ କରିବେ ନାହିଁ ବୋଲି ବର୍ତ୍ତମାନ ଆଲୋଚନା ହେଉଛି । ଦୀପିକାଙ୍କ ସ୍ଥାନରେ ଦର୍ଶକ ସାଇ ପଲ୍ଲବୀଙ୍କୁ ଦେଖିବେ । ତେବେ ଏନେଇ କୌଣସି ଆଧିକାରୀକ ପୃଷ୍ଟି ନହେଲେ ମଧ୍ୟ ସୋସିଆଲ ମିଡିଆ ଓ ଗଣମାଧ୍ୟମରେ ଆଲୋଚନାର ବିଷୟ ପାଲଟିଛି । ତେବେ ସୂଚନା ଅନୁସାରେ ସାଇ ପଲ୍ଲବୀ ଏଥିରେ ଅଭିନୟ ପାଇଁ ରାଜି ହୋଇଥିବାବେଳେ ଖୁବଶୀଘ୍ର ଏହାର କାମ ଆରମ୍ଭ ହେବ । ତେବେ ଏନେଇ ଖୁବଶୀଘ୍ର ମେକର୍ସ ସମସ୍ତଙ୍କୁ ସୂଚନା ଦେବେ ବୋଲି ଜଣା ପଡିଛି । ହେଲେ ପ୍ରଥମରେ ଦୀପିକାଙ୍କ ଚରିତ୍ରର ଭୂମିକା ସିକୁଏଲ ପାଇଁ ଖୁବ ଜରୁରୀଥିଲା, କିନ୍ତୁ ମେକର୍ସ ଦୀପିକାଙ୍କ ବିନା ଏହି ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି । ତେଣୁ ଫ୍ୟାନଙ୍କ ଭିତରେ ବି ଉତ୍ସାହ ରହିଛି ଦୀପିକାଙ୍କ ବିନା ଫିଲ୍ମର କାହାଣୀ କିଭଳି ନିର୍ମାଣ ହୋଇଥିବ । ସେହିଭଳି ଦୀପିକାଙ୍କର ପ୍ରୋଜେକ୍ଟରୁ ବାହାରିବା ପଛରେ ଭିନ୍ନଭିନ୍ନ କାରଣକୁ ନେଇ ଆଲୋଚନା ହେଉଛି । କିଛି ରିପୋର୍ଟସ ଅନୁଯାୟୀ ଫିଲ୍ମରେ ଅଭିନୟ ଛୋଟ ହେବାରୁ ଦୀପିକା ନିଜେ ଏହି ଫିଲ୍ମରୁ ବାହାରି ଯାଇଛନ୍ତି । ହେଲେ ଏହାର ଅସଲ କାରଣ କଣ ଏପର୍ଯ୍ୟନ୍ତ କିଛି ଜଣା ପଡିନାହିଁ । ତେବେ ଫିଲ୍ମକୁ ଦର୍ଶକ ଖୁବ ଭଲପାଇବା ଦେବେ ବୋଲି ପୂରା ୟୁନିଟ ଆଶାବାନ୍ଧି ବସିଛନ୍ତି ।

## ଇତିହାସ

୧୯୦୪- କ୍ୟୁବା ଦେଶ ଆମେରିକା କବଳରୁ ମୁକ୍ତ ହେଲା ।
୧୯୧୭- ମେକ୍ସିକୋରେ ନୂତନ ସମ୍ବିଧାନ ଅଙ୍ଗୀକାର କରାଗଲା ।
୧୯୨୨- ଉତ୍ତରପ୍ରଦେଶର ଗୋରଖପୁର ନିକଟରେ ଚୌରିଚୌରା କାଣ୍ଡରେ କିଛି ଲୋକ ଥାନାରେ ନିଆଁ ଲଗାଇବାରୁ ୨୨ଜଣ ପୋଲିସ୍‌କର୍ମୀଙ୍କ ମୃତ୍ୟୁ ।
୧୯୬୧- ବ୍ରିଟିଶ ଖବରକାଗଜ ସଣ୍ଡେ ଟେଲିଗ୍ରାଫ୍‌ର ପ୍ରଥମ ସଂସ୍କରଣ ପ୍ରକାଶିତ ହେଲା ।
୧୯୭୦- ଆମେରିକା ନେବାଦାରେ ପରମାଣୁ ପରୀକ୍ଷଣ କଲା ।
୧୯୯୨- ଭାରତୀୟ କ୍ରିକେଟର ଦିଲୀପ ଭେଙ୍ଗସରକାର ଶେଷ ମ୍ୟାଚ୍ ଖେଳି ସନ୍ନ୍ୟାସ ନେଲେ ।
୨୦୦୭- ଭାରତର ସୁନୀତା ୱିଲିୟମ୍ସ ମହାକାଶରେ ସବୁଠୁ ଅଧିକ ସମୟ ବିତାଇଥିବା ମହିଳା ହେଲେ ।
୨୦୧୬- ଅର୍ଥ ମନ୍ତ୍ରଣାଳୟର ୟୁଟ୍ୟୁବ୍ ଚାନେଲ୍ ଲଞ୍ଚ୍ କରାଗଲା ।



**ମେଷ-** ଧନଲାଭ, ସମ୍ମାନପ୍ରାପ୍ତି, ଆଭୂଷଣ ପ୍ରାପ୍ତି, ନୂତନ କାର୍ଯ୍ୟ ଆରମ୍ଭ, ଶତ୍ରୁ ନାଶ, କର୍ମକ୍ଷେତ୍ରେ ସଫଳ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ପ୍ରଭୁ ଶ୍ରୀରାମ ।

**ବୃଷ-** ମାନସିକ ଦୁଶ୍ଚିନ୍ତା, ବ୍ୟବସାୟରେ ମଧ୍ୟମ ଫଳ, ଆକସ୍ମିକ ଧନଲାଭ, ଶତ୍ରୁ ସମସ୍ୟା, ଶରୀର ସୁସ୍ଥ, ଆଶା ବିଫଳ, ସମ୍ପତ୍ତି ବିବାଦ, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଫି, ସଂଖ୍ୟା-୫, ଆରାଧନା- ମା ବିମଳା ।

**ମିଥୁନ-** ଶରୀର ଅସୁସ୍ଥ, ଧନଲାଭ, ବନ୍ଧୁଲାଭ, ଦାମ୍ପତ୍ୟ କଳହ, କର୍ମରେ ସଫଳତା, ଦେବକାର୍ଯ୍ୟରେ ଆଗ୍ରହ, ନୂତନ ବ୍ୟବସାୟ, ପିନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା- ମା ଭୈରବୀ ।

**କର୍କଟ-** ସମ୍ମାନ ଲାଭ, ଶତ୍ରୁ ପରାଜିତ, ସମ୍ପତ୍ତି ଲାଭ, କର୍ମେ ଶାନ୍ତି, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, ବିଦ୍ୟାରେ ସଫଳତା ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୧୦, ଆରାଧନା- ମହାଲକ୍ଷ୍ମୀ ।

**ସିଂହ-** ଅର୍ଥହାନି, ମନ ସ୍ଥିର, ଚିନ୍ତା ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ଦାମ୍ପତ୍ୟ ସୁଖ, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୭, ଆରାଧନା- ମା ବଗଳାମୁଖୀ ।

**କନ୍ୟା-** ଶୁଭକାର୍ଯ୍ୟ, ଆଶା ସଫଳ, ଶରୀର ସୁସ୍ଥ, ବନ୍ଧୁକଳହ, କର୍ମକ୍ଷେତ୍ରେ ଅଶାନ୍ତି, ଲୋକସମ୍ପର୍କ ବୃଦ୍ଧି, ନୂତନ କର୍ମାରମ୍ଭ, ଧନପ୍ରାପ୍ତି, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମୀ, ସଂଖ୍ୟା-୧୨, ଆରାଧନା- ପ୍ରଭୁ ଜଗନ୍ନାଥ ।

**ତୁଳା-** ମନସ୍ତାପ, କାର୍ଯ୍ୟ ସଫଳ, ଶରୀର ଅସୁସ୍ଥ, ଅଚାନକ ଧନଲାଭ, ଦୂରଯାତ୍ରା, ବନ୍ଧୁ ସହଯୋଗ, ତୀର୍ଥାଟନ, ଈଶ୍ୱର ଭକ୍ତି, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୨, ଆରାଧନା-ଶଙ୍କର ଭଗବାନ ।

**ବିଛା-** କର୍ମେ ଖୁସି ସମ୍ମାନ ଲାଭ, ବିବାଦମୁକ୍ତ, ଆଶା ସଫଳ, ସନ୍ତାନସୁଖ, ସମ୍ପତ୍ତି ଲାଭ, ବନ୍ଧୁ ଦର୍ଶନ, ବାଣିଜ୍ୟରେ ଲାଭ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା- ୯, ଆରାଧନା-ବିଷ୍ଣୁ ଭଗବାନ ।

**ଧନୁ-** ଶତ୍ରୁନାଶ, ଶରୀର ପୀଡ଼ା, ଚଟେରୀ ମାମଲା, ଅର୍ଥଲାଭ, ବନ୍ଧୁଦର୍ଶନ, ଯାନବାହନେ ସତର୍କ, ବାଣିଜ୍ୟେ ଲାଭ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା- ମା ଭଗବତୀ ।

**ମକର-** ରାଜଦଣ୍ଡ, କର୍ମେ ବିବାଦ, ଶତ୍ରୁ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୪, ଆରାଧନା- ପ୍ରଭୁ ହନୁମାନ ।


**କୁମ୍ଭ-** ଦ୍ରବ୍ୟ ନଷ୍ଟ, ଶରୀର ଅସୁସ୍ଥ, ମାନସିକ କଷ୍ଟ, ଶତ୍ରୁ ସମସ୍ୟା, ଅର୍ଥ ଖର୍ଚ୍ଚ, ବ୍ୟବସାୟରେ ବାଧା, ବନ୍ଧୁ ସହଯୋଗ, ପୁରାତନ କାର୍ଯ୍ୟରେ ଖୁସି, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୧, ଆରାଧନା- ଗ୍ରାମଦେବତୀ ।

**ମୀନ-** ବନ୍ଧୁମିଳନ, ଆଶା ସଫଳ, ବାଣିର୍ୟରେ ଲାଭ, ଦେବକାର୍ଯ୍ୟରେ ଖୁସି, ଶତ୍ରୁ ପରାଜିତ ଶୁଭକାର୍ଯ୍ୟରେ ଧନବ୍ୟୟ, ଦାମ୍ପତ୍ୟ ଖୁସି, ବିବାଦମୁକ୍ତ, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୫, ଆରାଧନା- କୁବେର ଭଗବାନ ।

ଫାଲଗୁନ କୃଷ୍ଣପକ୍ଷ, ଚତୁର୍ଥୀ
୫.୨.୨୦୨୬ ଗୁରୁବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮




# ଶ୍ୱେତଗଙ୍ଗାରେ ପିଣ୍ଡ ଦାନ କରି, ଶ୍ରୀମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କଲେ ରାଷ୍ଟ୍ରପତି



ପୁରୀ, (ସବ୍ୟୁ) : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ସକାଳେ ଲୋକଭବନରୁ ବାହାରି ପବିତ୍ର ପୁଷ୍କରିଣୀ ଶ୍ୱେତଗଙ୍ଗାରେ ପିଣ୍ଡଦାନ କରିଛନ୍ତି। ପିଣ୍ଡଦାନ ପରେ ଶ୍ରୀମନ୍ଦିର ଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିଛନ୍ତି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଲୋକ ଭବନରୁ ବାହାରି ରାଷ୍ଟ୍ରପତି ଭିଆଇପି ରୋଡ଼, ମେଡିକାଲ ଛକ , କାକୁଡିଖାଇ ଛକ ଦେଇ ଶ୍ୱେତଗଙ୍ଗାରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ଓ ପିଣ୍ଡଦାନ ପରେ ଏମାର ମଠ ଚକଡା ଦେଇ ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ସେଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ , ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର,ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢ଼ୀ,ପୁଲିସ ଆଇଜି ଅରୁଣ କୁମାର ସାହୁ,ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା,ଏସପି ପ୍ରତୀକ ସିଂ ପ୍ରମୁଖ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ପରେ ରାଷ୍ଟ୍ରପତି ପାଦ ପ୍ରକ୍ଷାଳନ କରି ଅରୁଣ ସ୍ତମ୍ଭ ନିକଟରେ ପହଞ୍ଚି ପ୍ରଣାମ କରିଥିଲେ। ସିଂହଦ୍ୱାର ଦେଇ ପତିତପାବନଙ୍କ ଦର୍ଶନ ସାରି ବାଇଶି ପାହାଚ ଟପି ଶ୍ରୀଜୀଉ ମାନଙ୍କୁ ଦର୍ଶନ କରିଥିଲେ।ଦର୍ଶନ ପରେ ଫେରିବା ପଥରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ କିଛି ସମୟ ବାଇଶି ପାହାଚରେ ବସିଥିଲେ। ସିଂହଦ୍ୱାର ନିକଟରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଷ୍ଟ୍ରପତିଙ୍କୁ ମହାପ୍ରଭୁଙ୍କ ବେଶ ଫଟୋ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଷ୍ଟ୍ରପତିଙ୍କ ଶ୍ରୀଜୀଉ ମାନଙ୍କୁ ଦର୍ଶନ ସମୟରେ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ପରିଚାଳନା କମିଟି ସଦସ୍ୟ ସିଦ୍ଧେଶ୍ୱର ମହାପାତ୍ର, ମଧୁସୂଦନ ସିଂହାରୀ, ରାମ ନାରାୟଣ ଗୋଛିକାର,କୃଷ୍ଣଚନ୍ଦ୍ର ସାମନ୍ତରା,ଜଗନ୍ନାଥ ପୂଜାପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପରେ ରାଷ୍ଟ୍ରପତି ଚାଲି ଚାଲି ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯିବା ସହ ପିଲା ମାନଙ୍କୁ ଚକଲେଟ ବଣ୍ଟନ କରିଥିଲେ।ଏହାପରେ ରାଷ୍ଟ୍ରପତି ଲୋକଭବନରେ ପହଞ୍ଚି କିଛି ସମୟ ବିରତି ପରେ ହେଲିପ୍ୟାଡ ଅଭିମୁଖେ ପ୍ରସ୍ଥାନ କରିଥିଲେ।ସେଠାରୁ ସ୍ୱତନ୍ତ୍ର ବିମାନ ଯୋଗେ ମୟୂରଭଞ୍ଜର ରାଇରଙ୍ଗପୁର ଅଭିମୁଖେ ଯାତ୍ରା କରିଥିଲେ।

## ପଞ୍ଜୀକରଣ କରିନଥିବା ଚାଷୀଙ୍କୁ ବଡ଼ ଆଶ୍ୱସ୍ତି

# ଚାଷୀଙ୍କୁ ଧାନ ବିକ୍ରିରୁ ବଞ୍ଚିତ କରାଯାଇ ପାରିବନି: ହାଇକୋର୍ଟ

କଟକ, (ସବ୍ୟୁ): ଧାନ କ୍ରୟ ପ୍ରକ୍ରିୟା ପାଇଁ ପିପିଏସ(ପ୍ୟାଡି ପ୍ରୋକ୍ୟୁରମେଣ୍ଟ ସିଷ୍ଟମ) ପୋର୍ଟାଲରେ ନାମ ପଞ୍ଜୀକରଣ ହୋଇ ନ ଥିବା ଦର୍ଶାଇ ଚାଷୀମାନଙ୍କୁ ଧାନ ବିକ୍ରିରୁ ବଞ୍ଚିତ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ କହିଛନ୍ତି ଯେ, ସରକାରଙ୍କ ଧାନ ସଂଗ୍ରହ ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଚାଷୀଙ୍କ କଲ୍ୟାଣ ଏବଂ ସେମାନଙ୍କୁ ଉତ୍ପାଦନ ବୃଦ୍ଧି ପାଇଁ ଉତ୍ସାହିତ କରିବା । କେବଳ ପୋର୍ଟାଲରେ ନାମ ପଞ୍ଜୀକରଣ ହୋଇ ନ ଥିବା ଭଳି କେତେକ ବୈଷୟିକ କାରଣ ପାଇଁ ଗରିବ ଚାଷୀଙ୍କୁ ସେମାନଙ୍କ ଜୀବନ ଜୀବୀକାରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ତେଣୁ ଏହି ପରିପ୍ରେକ୍ଷୀରେ ରୁଜୁ ଏକ ମାମଲାରେ ହାଇକୋର୍ଟ ଜଗତସିଂହପୁର ଜିଲ୍ଲାପାଳଙ୍କୁ ଆବେଦନକାରୀ ଚାଷୀମାନେ ଅଦାଲତଙ୍କ ଆଦେଶର ନକଲ କପି ଦାଖଲ କରିବା ମାତ୍ରେ ସେମାନଙ୍କ ଧାନ କିଣିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜଗତସିଂହପୁର ଜିଲାର ପଦ୍ମଜା ମଞ୍ଜରୀ ସ୍ୱାଇଁ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏହି ଆଦେଶ ଦେଇଛନ୍ତି। ଆବେଦନକାରୀମାନେ ଅଭିଯାଗ କରିଥିଲେ ଯେ, ସେମାନେ ନିର୍ଦ୍ଧାରିତ ସମୟ ପୂର୍ବରୁ ପଞ୍ଜୀକରଣ ପାଇଁ ଆବେଦନ କରିଥିଲେ ମଧ୍ୟ ସୋସାଇଟି ସେମାନଙ୍କ ନାମ ପିପିଏସ ପୋର୍ଟାଲରେ ପଞ୍ଜୀକୃତ କରି ନ ଥିଲା । ଫଳରେ ସେମାନେ ସରକାରଙ୍କୁ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଥିଲେ। ଏନେଇ ଜିଲ୍ଲାପାଳଙ୍କ ନିକଟରେ ଆବେଦନକାରୀମାନେ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ମଧ୍ୟ ସେମାନଙ୍କ ଅଭିଯୋଗ ଉପରେ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ। ଫଳରେ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ଏହି ପିଟିସନ୍‌କୁ ରାଜ୍ୟ ସରକାରଙ୍କ ପକ୍ଷରୁ ବିରୋଧ କରାଯାଇଥିଲା । ରାଜ୍ୟ ସରକାର ଯୁକ୍ତିରେ ଦର୍ଶାଇଥିଲେ ଯେ, ଚାଷୀମାନେ ସମୟ ସୀମା ଶେଷ ହେବା ପରେ ଆବେଦନ କରିଥିଲେ । ତେଣୁ ସେମାନେ ଧାନ ବିକ୍ରି କରିବା ପାଇଁ ଯୋଗ୍ୟ ନୁହଁନ୍ତି। କିନ୍ତୁ ହାଇକୋର୍ଟ ଏହି ଯୁକ୍ତିକୁ ଅଗ୍ରାହ୍ୟ କରି ଦେଇଛନ୍ତି।

# ବନ୍ଧୁକ ଦେଖାଇ ଗହଣା ଲୁଟ୍

ଭୁବନେଶ୍ୱର, (ସବ୍ୟୁ) : ଜଣେ ବୟସ୍କା ମହିଳାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦୁର୍ବୃତ୍ତ ସୁନା ଗହଣା ଲୁଟିନେବା ଘଟଣା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଲୁଟ୍‌ର ଶିକାର ହୋଇଥିବା ମହିଳା ଫୁଲତୋଳି ନୂଆପଲ୍ଲୀ ଗଡସାହିସ୍ଥିତ ତାଙ୍କ ଘର ଦୁଆରମୁହଁରେ ଠିଆ ହୋଇଥିବା ବେଳେ ତାଙ୍କଠାରୁ ଲୁଟ୍ ହେଲା । ଏହି ଘଟଣା ସେହି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଭୋର୍ ସାଢେ ୫ଟା ବେଳେ ମହିଳା ଜଣଙ୍କ ଘରୁ ଉଠି ପାଖରେ ଥିବା ଫୁଲଗଛରୁ ଫୁଲ ତୋଳିବା ପରେ ବାଡିପଟ କବାଟ ଦେଇ ଘର ଭିତରକୁ ଯିବା ସମୟରେ ଲୁଟେରା ପାଖ ପାଚେରି ଡେଇଁ ତାଙ୍କ ପାଖକୁ ଆସିଥିଲା । ଘରର କବାଟ ବାହାରପଟୁ ବନ୍ଦ କରିଦେଇ ମୁଣ୍ଡରେ ବନ୍ଧୁକ ଲଗାଇ ସୁନା ଦେ ବୋଲି କହିଥିଲା । ମହିଳା ଜଣଙ୍କ ଭୟଭୀତ ହୋଇ କାନରେ ପିନ୍ଧିଥିବା ଫୁଲକୁ ଖୋଲି ଦେଇଥିଲେ । ଏହାପରେ ଲୁଟେରା ତାଙ୍କ ହାତକୁ ଲକ୍ଷ୍ୟ କରି ପିନ୍ଧିଥିବା ସୁନାଚୁଡି ଦେ ବୋଲି ଦାବି କରିବାରୁ ପୀଡିତା କହିଥିଲେ ତାହା ଇମିଟେସନ । ଏହା ଶୁଣିବା ପରେ ଲୁଟେରା ତାଙ୍କୁ ଧମକାଇ ଦେ ବୋଲି କହିଥିଲା । ଯଦ୍ଦ୍ୱାରା ସେ ହାତରେ ପିନ୍ଧିଥିବା ଇମିଟେସନ ଗହଣାକୁ ଦେଇଥିଲେ । ଘଟଣା ସମ୍ପର୍କରେ ନୂଆପଲ୍ଲୀ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମହିଳାଙ୍କ କହିବାନୁଯାୟୀ ପତଳା ଯୁବକ ଜଣକ ଜିନ୍ ପ୍ୟାଣ୍ଟ ସାଙ୍ଗରେ କଳାରଙ୍ଗର ଜ୍ୟାକେଟ୍ ପିନ୍ଧିଥିଲା । ସେ ଜ୍ୟାକେଟ୍‌ରେ ଲାଗିଥିବା ଟୋପିକୁ ମୁଣ୍ଡରେ ପିନ୍ଧିଥିଲା । ମହିଳାଙ୍କ ଠାରୁ ପୋଲିସ ଏହା ଶୁଣିବା ପରେ ପାଖରେ ଥିବା ସିସି କ୍ୟାମେରାକୁ ଯାଞ୍ଚ କରୁଛି । ପୀଡିତାଙ୍କ କହିବା ଓ ସିସି କ୍ୟାମେରା ଯାଞ୍ଚରୁ ଲୁଟେରା ସମ୍ପର୍କରେ ମିଳିବା ତଥ୍ୟକୁ ଆଧାର କରି ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିଛି ।

# ବାଲି ବୋଝେଇ ହାଇୱା ଜବତ

ବାରଙ୍ଗ, (ସବ୍ୟୁ): ବେଆଇନ ବାଲି ନେଇ ଆସୁଥିବା ଏକ ହାଇୱାକୁ ରୋକି କାଗଜ ପତ୍ର ଯାଞ୍ଚ କରିବା ବେଳେ ଚାଳକ ସଠିକ କାଗଜ ପତ୍ର ଦେଖାଇ ପାରିନଥିଲେ ।ଯାହାଫଳରେ ପୋଲିସ ଉକ୍ତ ବାଲି ବୋଝେଇ ହାଇୱାକୁ ଜବତ କରିବା ସହ ଚାଳକ ଓ ତାର ସହଯୋଗୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ,ନନ୍ଦନକାନନ ଥାନାଧିକାରୀ ବିଭୂତିଙ୍କ ନେତୃତ୍ୱରେ ମଙ୍ଗଳବାର ବିଳମ୍ବିତ ରାତିରେ ନନ୍ଦନକାନନ ଗୋଲେଇ ଛକ ନିକଟରେ ରାତ୍ରିକାଳୀନ ପେଟ୍ରୋଲିଂ କରୁଥିଲେ ।ଏହି ସମୟ ରେ ଭୁବନେଶ୍ୱର ଅଭିମୁଖେ ଆସୁଥିବାଏକ ହାଇୱା ଟ୍ରକ ଦ୍ରୁତ ଗତିରେ ଅସୁଥିବାର ଦେଖି ତାକୁ ରୋକିଥିଲେ । ଏହାପରେ ଯାଞ୍ଚ କରିବା ପରେ ଚାଲକ ବାଲି ପରିବହନ କରିବାର ବୈଧ କାଗଜପତ୍ର ଦେଖାଇ ପାରିନଥିଲେ ।ଯାହାଫଳରେ ପୋଲିସ ଗାଡ଼ିକୁ ଜବତ କରିବା ସହ ୫୩/୨୬କେସ ନମ୍ବରରେ ଏକ ମକଦ୍ଦମା ରୁଜୁ କରି ଚାଲକ ବାଙ୍କି କୁସୁଣ୍ଡାର ଲକ୍ଷ୍ମୀଧର ଭୋଇ(୨୭) ଓ ସହଯୋଗୀ ବାଙ୍କି ବ୍ରାହ୍ମଣିଆର ଗାଙ୍ଗୁଲି ନାୟକ(୨୦)ଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି ।

## ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧଦିବସରେ ଶ୍ରଦ୍ଧାଞ୍ଜଳି

# ପ୍ରଥମ ରାଜନୈତିଜ୍ଞ ପୁରୁଷ ଓ ଓଡ଼ିଆ ଅସ୍ମିତାର ଯୁଗ ପୁରୁଷ ଥିଲେ ମଧୁବାବୁ: ଅତିଥି

ଭୁବନେଶ୍ୱର,(ସବ୍ୟୁ) : ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୀବନ ଥିଲା ଏକ ଜୀବନ୍ତ ଇତିହାସ । ଭାଷାଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ଗଠନର ପୁରୋଧା ମଧୁବାବୁ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କର ଦୂରଦୃଷ୍ଟି ଓ ଜାତୀୟ ଦୃଷ୍ଟି ପାଇଁ ସେ ଚିରକାଳ ପାଇଁ ଓଡ଼ିଶାବାସୀଙ୍କ ହୃଦୟରେ ବଞ୍ଚିରହିବେ । ଓଡ଼ିଶାର ହସ୍ତଶିଳ୍ପ ଓ ସ୍ୱଦେଶୀ କାରିଗରୀ ଜରିଆରେ ଅର୍ଥନୈତିକ ଅଭିବୃଦ୍ଧି ଆଣିବା ସହ ଓଡ଼ିଶାର ଖ୍ୟାତିକୁ ବିଶ୍ୱଦରବାରରେ ପହଞ୍ଚାଇବା ପାଇଁ ତାଙ୍କର ଉଦ୍ୟମ ପ୍ରଣିଧାନଯୋଗ୍ୟ । ଓଡ଼ିଆ ଲୋକଟିଏ ଯେତେବେଳେ କିଛି ନୂଆ କରିବାକୁ ଚେଷ୍ଟା କରିବ ସେତିକିବେଳେ ମଧୁବାବୁଙ୍କ ପ୍ରେରଣା ତାଙ୍କୁ ପ୍ରୋତ୍ସାହିତ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । "ଓଡ଼ିଆ ଅସ୍ମିତା ଏବଂ ମଧୁବାବୁ ବିଷୟବସ୍ତୁକୁ ନେଇ ବୁଧବାର ସୂଚନା ଓ ଲୋକସମ୍ପର୍କ ବିଭାଗର ସମ୍ମିଳନୀ କକ୍ଷରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଉତ୍କଳଗୌରବ ମଧୁସୂଦନ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ଅବସରରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଦୈନିକ ସମ୍ବାଦପତ୍ର "ସମୟର ମୁଖ୍ୟ ସମ୍ପାଦକ ତଥା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପୌତ୍ର ଗୁରୁକଲ୍ୟାଣ ମହାପାତ୍ର କହିଛନ୍ତି ଯେ ଓଡ଼ିଶାର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ନବଜାଗରଣ ପାଇଁ ମଧୁବାବୁଙ୍କ ଅବଦାନ ଅବିସ୍ମରଣୀୟ । ସେ ମଧୁବାବୁଙ୍କୁ ପ୍ରଥମ ରାଜନୈତିଜ୍ଞ ପୁରୁଷ ବୋଲି ସମ୍ବୋଧନ କରି କହିଥିଲେ ଯେ ମଧୁବାବୁ ହେଉଛନ୍ତି ଆଧୁନିକ ଓଡ଼ିଶାର ରାଜନୈତିକ ଇତିହାସର ଅଗ୍ରଗଣ୍ୟ ଓ ଅନନ୍ୟ ବ୍ୟକ୍ତିତ୍ୱ । ବ୍ୟକ୍ତିଗତ ସଫଳତାକୁ ପ୍ରାଧାନ୍ୟ ନଦେଇ ଓଡ଼ିଶାର ପରିଚୟକୁ ବିଶ୍ୱବିଦିତ କରିବାକୁ ସେ ସବୁବେଳେ ଚେଷ୍ଟା କରୁଥିଲେ ବୋଲି ଶ୍ରୀ ମହାପାତ୍ର ମତପ୍ରକାଶ କରିଛନ୍ତି । ଅତିଥି ବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର ପ୍ରହଲ୍ଲାଦ କୁମାର ସିଂହ ମଧୁବାବୁଙ୍କ ଓଡ଼ିଆ ଅସ୍ମିତାର ଯୁଗ ପୁରୁଷ ବୋଲି ବିବେଚିତ କରି କହିଛନ୍ତି ଯେ ମଧୁସୂଦନ ଦାସଙ୍କ ନୀତି ଆଦର୍ଶକୁ ଆଜିର ଦିନରେ ଆମେ କେତେ ଦୂର ପ୍ରତିଫଳିତ କରିପାରିଛେ। ତାହାର ଆତ୍ମଚିନ୍ତନର ଆବଶ୍ୟକତା ରହିଛି । ୧୮୪୮ରେ ଜନ୍ମ ଓ ୧୯୩୪ ଫେବୃଆରୀ ୪ ରେ ପରଲୋକ ଗମନ କରିଥିବା ମଧୁବାବୁଙ୍କ ଜୀବନୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ ସେ । ଊନବିଂଶ ଶତାବ୍ଦୀ



ପୂର୍ବରୁ ଏବଂ ପ୍ରାରମ୍ଭରେ ଓଡ଼ିଶାର ରାଜନୈତିକ ପରିସ୍ଥିତି, ଅର୍ଥନୈତିକ ଅବସ୍ଥା, ଉତ୍କଳ ସମ୍ମିଳନୀ, ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ଓ ସ୍ୱାଭିମାନର ସୁରକ୍ଷା ଏବଂ ସର୍ବୋପରି ଓଡ଼ିଶାରେ ନବଜାଗରଣର ଅଭ୍ୟୁଦୟରେ ତାଙ୍କର ଭୂମିକା ଥିଲା ଅପରିସୀମ ବୋଲି ସେ ପ୍ରକାଶ କରିଛନ୍ତି । ଓଡ଼ିଆ ଜାତିର ଉନ୍ନତି ପାଇଁ ସେ ନିଜର ସବୁକିଛି ଉତ୍ସର୍ଗ କରିଦେଇଥିଲେ । ଫଳ ସ୍ୱରୂପ ଶେଷ ଜୀବନରେ ସେ ଦେବାଳିଆ ହୋଇଯାଇଥିଲେ । ସେଭଳି ଜଣେ ବରପୁତ୍ରଙ୍କ ଜୀବନାଦର୍ଶକୁ ପାଥେୟ କରି ଓଡ଼ିଶାର ଯୁବପିଢ଼ି ଅଗ୍ରସର ହେଲେ ବିଶ୍ୱ ମାନଚିତ୍ରରେ ଓଡ଼ିଶାର ପରିଚିତି ଅଧିକ ଜାଜ୍ୱଲ୍ୟମାନ ହେବ ଏ କଥାରେ ସନ୍ଦେହ ନାହିଁ ବୋଲି ଶ୍ରୀ ସିଂହ ପ୍ରକାଶ କରିଛନ୍ତି । ମଧୁବାବୁ ବହୁକ୍ଷେତ୍ରରେ ଥିଲେ ପ୍ରଥମ ଓଡ଼ିଆ । ଓଡ଼ିଶାର ପ୍ରଥମ ସ୍ନାତକ, ପ୍ରଥମ ଏମ୍.ଏ, ପ୍ରଥମ ଓକିଲ, ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନ୍‌ସିଲର ପ୍ରଥମ ମନ୍ତ୍ରୀ ଭାବେ ସେ ନିଜର ସ୍ୱକୀୟ ପରିଚୟ ସୃଷ୍ଟି କରିଯାଇଛନ୍ତି । ଓଡ଼ିଶାର ଅର୍ଥନୈତିକ ବିକାଶ ସହ ଜନଜାତି ଓ ନାରୀ ଶିକ୍ଷା ସହ ସେମାନଙ୍କର ଉତ୍‌ଥାନ ପାଇଁ ମଧୁବାବୁଙ୍କର ଅବଦାନ ଅବିସ୍ମରଣୀୟ ବୋଲି ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡଃ ଭାରତୀ ପାଲ କହିଛନ୍ତି । ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଅତିଥିମାନଙ୍କ ସହ ଯୋଗ ଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନୁହେଁ ଓଡ଼ିଆ ସ୍ୱାଭିମାନ ଓ ଅସ୍ମିତାର ପ୍ରତିଷ୍ଠା ଓ ପରିଚିତି ନିମନ୍ତେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ବହୁମୁଖୀ ଅବଦାନ ପ୍ରାତଃସ୍ମରଣୀୟ ବୋଲି କହିଛନ୍ତି । କାର୍ଯ୍ୟକ୍ରମକୁ ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ବିଭାଗର ଅନୁଶାସନ ସଚିବ ସୁଶ୍ରୀ ମୌସୁମୀ ଦାସ ଅତିଥି ପରିଚୟ ଓ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ବୈଷୟିକ ଗୁରୁବୀର ସିଂ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆ, ସହକାରୀ ବିତ୍ତ ପରାମର୍ଶଦାତା ପୃଥ୍ୱୀରାଜ ପାଣି, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାଶ ଓ ବିଭାଗର ବହୁ ବରିଷ୍ଠ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ କର୍ମଚାରୀଙ୍କ ସମେତ ପ୍ରମୁଖ ବୁଦ୍ଧିଜୀବୀ ସଭାରେ ଯୋଗ ଦେଇଥିଲେ ।

# ଜଳିଗଲା ଧାନ ,କୋଳଥ

ଦଶପଲ୍ଲା,(ସବ୍ୟୁ) : ଦଶପଲ୍ଲା ବ୍ଲକ ବାଣୀଗୋଛା ପଞ୍ଚାୟତ କୁଟିବାରି ଗ୍ରାମରେ ଏକ ଖଳା ରେ ଥୁଆ ହୋଇଥିବା ଧାନଗଦା ଓ କୋଳଥ ଗଦାରେ ନିଆଁ ଲାଗି ଯିବାରୁ ଖଳାରେ ଥିବା ସମସ୍ତ ଧାନ ଓ କୋଳଥ ପୋଡି ପାଉଁଶ ହୋଇ ଯାଇଛି । ଏହାସହ ଖଳାରେ ବନ୍ଧା ହୋଇଥିବା ବଳଦର ଗୋଡ଼ ପୋଡିଯାଇଛି । କୁଟିବାରି ଗ୍ରାମର ଅଜୟ କଁହର ତାଙ୍କର ତିନି ଏକର ଜମିରୁ ଧାନ ଓ କୋଳଥ ଆଦାୟ କରି ବେଙ୍ଗେଲା ପାଇଁ ଖଳା ରେ ସାଇତି ରଖିଥିବା ବେଳେ ବୁଧବାର ମଧ୍ୟାହ୍ନରେ ଏହି ଧାନ ଗଦା ଓ କୋଳଥ ଗଦା ରେ ନିଆଁ ଲାଗି ଯାଇଥିଲା । ପରେ ଖବର ପାଇ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଆୟତ୍ତ କରିଥିଲେ ।

## ପୁଲିସର ଚୂଡ଼ାନ୍ତ ରିପୋର୍ଟ କାଏମ

# ଜଗନ୍ନାଥ ପ୍ରଧାନଙ୍କ ଆବେଦନ ଖାରଜ

କଟକ, (ସବ୍ୟୁ): ଭୁବନେଶ୍ୱର ମଧ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କ ୨୦୧୯ ନିର୍ବାଚନ ପ୍ରଚାର ସମୟରେ ହୋଇଥିବା ବୋମାମାଡ଼ ମାମଲାରେ ପୁଲିସ ଦ୍ୱାରା ଦାଖଲ କରାଯାଇଥିବା ଫାଇନାଲ ବା ଚୂଡ଼ାନ୍ତ ରିପୋର୍ଟକୁ ହାଇକୋର୍ଟ କାଏମ୍ ରଖିଛନ୍ତି । ଏହି ଚୂଡ଼ାନ୍ତ ରିପୋର୍ଟକୁ ଚ୍ୟାଲେଞ୍ଜ କରି ଶ୍ରୀ ପ୍ରଧାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟର ବିଚାରପତି ଜଷ୍ଟିସ ଏସ୍.କେ. ପାଣିଗ୍ରାହୀ ମାମଲାର ଶୁଣାଣି କରି ଶ୍ରୀ ପ୍ରଧାନଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି। ୨୦୧୯ ମସିହାରେ ନିର୍ବାଚନ ପ୍ରଚାର ସମୟରେ ଜଗନ୍ନାଥ ପ୍ରଧାନଙ୍କ ଉପରକୁ ବୋମାମାଡ଼ ହୋଇଥିବା ନେଇ ନୟାପଲ୍ଲୀ ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ପୁଲିସ ପକ୍ଷରୁ ଦାଖଲ କରାଯାଇଥିବା ତଦନ୍ତ ରିପୋର୍ଟକୁ ଚାଲେଞ୍ଜ କରି ଶ୍ରୀ ପ୍ରଧାନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ ପୁଲିସ ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ପଚରାଉଚୁରା କରିନାହିଁ । ଘଟଣାସ୍ଥଳରୁ ଜବତ ବିସ୍ଫୋରକକୁ ପରୀକ୍ଷା ପାଇଁ ଲ୍ୟାବ୍‌କୁ ପଠାଯାଇ ନାହିଁ। ତେଣୁ ଏହି ଘଟଣାର ସିବିଆଇ କିମ୍ବା କ୍ରାଇମବ୍ରାଞ୍ଚ ଦ୍ୱାରା ପୁନଃ ତଦନ୍ତ କରାଯାଉ । ଅଦାଲତ କହିଛନ୍ତି ଯେ ପୁଲିସର ଫାଇନାଲ ରିପୋର୍ଟରେ କୌଣସି ତ୍ରୁଟି ପରିଲକ୍ଷିତ ହେଉନାହିଁ । ତେଣୁ ଏହାକୁ ରଦ୍ଦ କରାଯାଇପାରିବ ନାହିଁ । ତେବେ ପୁନଃ ତଦନ୍ତ ପାଇଁ ଆବେଦକାରୀ ନୂତନ ଆବେଦନ କରିପାରିବେ ଓ ଆଇନ ଅନୁଯାୟୀ ତାହା ବିଚାର କରାଯିବ ବୋଲି ହାଇକୋର୍ଟ ଆଦେଶରେ ଉଲ୍ଲେଖ କରିଛନ୍ତି।

# ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଲିଙ୍ଗରାଜ ମହାପ୍ରଭୁଙ୍କ ରୀତିନୀତି ନେଇ ଆଲୋଚନା

## ଜାଗର ସମୟରେ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ

ଭୁବନେଶ୍ୱର, (ସବ୍ୟୁ) : ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲିଙ୍ଗରାଜ ମହାପ୍ରଭୁଙ୍କ ଶୃଙ୍ଖଳିତ ରୀତିନୀତି ଓ ପୂଜାବିଧି ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୁଧବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ରୀତିନୀତି ଏବଂ ପୂଜାବିଧି ସୁଚାରୁ ରୂପେ ସମ୍ପାଦନ କରିବା ନେଇ ଆଲୋଚନା ହୋଇଥିଲା । ଏଥି ସହିତ ଚଳିତ ଜାଗର ଉତ୍ସବକୁ ଶୃଙ୍ଖଳିତ କରିବା ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ କହିଲେ ଯେ ଲିଙ୍ଗରାଜ ମହାପ୍ରଭୁ ସାରା ଓଡ଼ିଶାର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଆରାଧ୍ୟ ଦେବତା । ତେଣୁ ରୀତିନୀତିରେ କୌଣସି ପ୍ରକାର ଅବହେଳା ଗ୍ରହଣୀୟ ନୁହେଁ । ଚଳିତ ଫେବୃଆରୀ ୧୫ ତାରିଖରେ ଜାଗର ଉତ୍ସବ ଅନୁଷ୍ଠିତ ହେଉଛି । ଏହି ଉତ୍ସବରେ ଅନେକ ଭିଡ଼ ହେବାର ସମ୍ଭାବନା ରହିଛି । ଜାଗର ଦିନ ଲିଙ୍ଗରାଜଙ୍କ ଦର୍ଶନ ନେଇ ସବୁ ଭକ୍ତଙ୍କ ମନରେ ଆଗ୍ରହ ରହୁଥିବାରୁ ଭିଡ଼କୁ ଆୟତ୍ତ କରିବା ଏବଂ ସମସ୍ତଙ୍କ ପାଇଁ ଶୃଙ୍ଖଳିତ ଦର୍ଶନର ବ୍ୟବସ୍ଥା କରିବା ଏକ ବଡ ଆହ୍ୱାନ । ଏହି ଆହ୍ୱାନର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ, ପୋଲିସ ପ୍ରଶାସନ, ଅଗ୍ନିଶମ ବାହିନୀ, ଲିଙ୍ଗରାଜ ମନ୍ଦିରର



- ଅଯଥା ଭିଡ଼ ରୋକିବାକୁ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ରୋଡ୍ ମ୍ୟାପ୍
- ଦକ୍ଷ ଅଧିକାରୀଙ୍କୁ ଦିଆଯିବ ଅତିରିକ୍ତ ଦାୟିତ୍ୱ

ସେବକ ଓ ନିଯୋଗସମୂହ ଏବଂ ଜନସାଧାରଣଙ୍କ ମିଳିତ ସହଯୋଗର ଆବଶ୍ୟକତା ରହିଛି । ଏଥିରେ ସାମାନ୍ୟତମ ବ୍ୟତିକ୍ରମ ଅଘଟଣକୁ ଆମନ୍ତ୍ରଣ କରିପାରେ । ତେଣୁ ଚଳିତ ଜାଗରକୁ ସୁଚାରୁ ରୂପେ ପରିଚାଳନା କରିବା ଏବଂ ସବୁ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଦେଇ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ସେବାୟତ ଓ ନିଯୋଗସମୂହ ସହ ସମନ୍ୱୟ ରଖି ସଠିକ୍ ସମୟରେ ନୀତିକାନ୍ତି ସମାପନ, ପୂଜାବିଧି ପାଳନ, ଭକ୍ତ ଓ ଶ୍ରଦ୍ଧାଳୁଙ୍କର ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବା ସହ ମନ୍ଦିର ଭିତରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ପର୍ଯ୍ୟାପ୍ତ ବାୟୁ ଚଳାଚଳ, ଅକ୍ସିଜେନ୍‌ର ବ୍ୟବସ୍ଥା ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ନେଇ ଆଲୋଚନା ହୋଇଥିଲା । ଏଥି ସହିତ ସମୟ ଅନୁସାରେ ରୀତିନୀତିର ତଥ୍ୟ ବିଭିନ୍ନ ଟିଭି, ରେଡ଼ିଓ, ମୁଦ୍ରଣ ଗଣମାଧ୍ୟମ ଓ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରସାରଣ ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଜାଗର ଉତ୍ସବକୁ ସୁଚାରୁ ରୂପେ ସମ୍ପାଦନ କରିବା ପାଇଁ ପୂର୍ବ ଅଭିଜ୍ଞତା ଥିବା ବରିଷ୍ଠ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯିବା ବିଷୟ ଆଲୋଚନରେ ସ୍ଥାନ ପାଇଥିଲା । ବୈଠକରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ପୁଲିସ କମିଶନର ଏସ୍ ଦେବଦତ୍ତ ସିଂହ, ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଆଇନ ବିଭାଗ ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ଏବଂ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଆଜାଦନଗର ବୋମା ବିସ୍ଫୋରଣ ମାମଲା

# ଆହତ ଦୁର୍ଦ୍ଦାନ୍ତ ଅପରାଧୀ ମୁଫିର ମୃତ୍ୟୁ

ଭୁବନେଶ୍ୱର, (ସବ୍ୟୁ) : ଆଜାଦନଗର ବୋମା ବିସ୍ଫୋରଣ ମାମଲାର ତଦନ୍ତ ଏନ୍‌ଆଇଏ ଓ କମିଶନରେଟ୍ ପୋଲିସ କରୁଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଆହତ ଦୁର୍ଦ୍ଦାନ୍ତ ଅପରାଧୀ ମୁଫି ଓରଫ ସେହେନୱାଜ ମଲ୍ଲିକର ମୃତ୍ୟୁ ହୋଇଛି । ଘରୋଇ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ମୁଫିର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନିଜଣ ଚିକିତ୍ସିତ ହେଉଛନ୍ତି । ଚିକିତ୍ସିତ ହେଉଥିବା ୩ଜଣ ହେଲେ ବନ୍ଧୁ ଅମୀୟ ମଲ୍ଲିକ, ବାନ୍ଧବୀ ଓ ମା' । ନିୟୁ ଆଜାଦନଗରରେ ମୁଫି ପରିବାର ସହ ଭଡାକୁ ରହୁଥିଲେ । ବୋମା ଭିଡିବା ଅବସ୍ଥାରେ ବିସ୍ଫୋରଣ ହେବାରୁ ପାଖରେ ଥିବା ଚିକିତ୍ସିତ ହେଉଥିବା ତିନିଜଣ ଆହତ ହୋଇଥିଲେ। ମୁଫି ଭୁବନେଶ୍ୱରର ଜଣେ ଜଣାଶୁଣା ଅପରାଧୀ । ତା'ନାଁରେ ବିଭିନ୍ନ ଥାନାରେ ୭ଟି ମାମଲା ପଞ୍ଜୀକୃତ ରହିଛି । ସୁପାରି ନେଇ ବୋମାମାଡ କରିବା ପାଇଁ ସେ ବୋମା ପ୍ରସ୍ତୁତ କରୁଥିଲା । ତା'ର ମୃତ୍ୟୁ ହୋଇଥିବା ବେଳେ ବୋମା ଭିଡିବା ଓ ବିସ୍ଫୋରଣ ସ୍ପଷ୍ଟ କାରଣ ଏନ୍‌ଆଇଏ କିମ୍ବା କମିଶନରେଟ୍ ପୋଲିସକୁ ମିଳିନାହିଁ । କମିଶନରେଟ୍ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଆରମ୍ଭ କରିଥିବା ବେଳେ ଏନ୍‌ଆଇଏ ଟିମ୍ ଘଟଣାସ୍ଥଳକୁ ଯାଇ ଚିକିତ୍ସିତ ହେଉଥିବା ହସ୍ପିଟାଲକୁ ଯାଇଥିଲା । ମୁଫିର ମୃତ୍ୟୁ ହୋଇଥିବା ବେଳେ ବୋମା ଭିଡିବା ଓ ବିସ୍ଫୋରଣ ସମ୍ପର୍କରେ ତଥ୍ୟ ମିଳିପାରିବ ନାହିଁ । ଏଆଇଏ ଟିମ୍ ଏହି ଘଟଣାକୁ ନେଇ ପୋଲିସ କମିଶନରଙ୍କ ପାଖକୁ ଯାଇ ବିସ୍ତୃତ ଭାବେ ଆଲୋଚନା କରିଥିଲା । ଏହି ସନ୍ଦୀହାନ ଘଟଣାରୁ ପରଦା ହଟିବା ପୂର୍ବରୁ ମୁଖ୍ୟ ଅଭିଯୁକ୍ତର ମୃତ୍ୟୁ ହୋଇଗଲା । ଯଦ୍ଦ୍ୱାରା ଅନେକ ରହସ୍ୟଜନକ କଥା ରହସ୍ୟରେ ହିଁ ରହିଗଲା ।



ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସହିତ ପୁରୀ ଶ୍ରୀମନ୍ଦିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।



ରାଇରଙ୍ଗପୁର ଠାରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଅବକାଶ ଗୃହର ଉଦ୍‌ଘାଟନ ଅବସରରେ ରାଜ୍ୟପାଳ ଡ .ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।



ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ତାଙ୍କ ରାଇରଙ୍ଗପୁର ବାସଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସପତ୍ନୀକ ଭେଟୁଛନ୍ତି ।

## ବିଧାନସଭା ପରିସରରେ

# ଶ୍ରାଦ୍ଧବାର୍ଷିକ ଅବସରରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, (ସବ୍ୟୁ): ଉତ୍କଳଗୌରବ ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବର ପ୍ରତୀକ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଓଡ଼ିଶାରେ ନୂତନ ରାଜନୈତିକ ଚେତନା ସୃଷ୍ଟି କରି ଓଡ଼ିଶାର ଏବଂ ଓଡ଼ିଆ ଜାତିର ଉନ୍ନତି ଓ ସ୍ୱାର୍ଥରକ୍ଷା ତଥା ସ୍ୱାଭିମାନ ବଜାୟ ରଖିବା ପାଇଁ ମଧୁବାବୁ ସର୍ବସ୍ୱ ତ୍ୟାଗ କରିଥିଲେ । ଛାତ୍ର ଜୀବନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଜୀବନ ଥିଲା ସଂଘର୍ଷମୟ । ସେ ସାରାଜୀବନ ଦେଶ ଓ ଜାତି ପାଇଁ ସଂଘର୍ଷ କରି ଭାରତବର୍ଷରେ ଓଡ଼ିଆ ଜାତିର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଯାହାଫଳରେ ଓଡ଼ିଆ ଜାତି ଆଜି ଭାରତବର୍ଷରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାପୂର୍ଣ୍ଣ ଆସନ ହାସଲ କରିପାରିଛି । ଆଜି ମଧୁସୂଦନ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରାଜ୍ୟ ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାଶ, ପୂର୍ବତନ ବିଧାୟକ ଅରବିନ୍ଦ ଢାଲି ଓ ପ୍ରିୟଦର୍ଶୀ ମିଶ୍ର, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଓ ଉତ୍କଳ ସମ୍ମିଳନୀର ବରିଷ୍ଠ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଉତ୍କଳଗୌରବଙ୍କ



ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା । ସୂଚନା ଅଧିକାରୀ ସୁଶ୍ରୀ ରୋଜାଲିନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଅନ୍ତରାଷ୍ଟ୍ରିୟ ସାଂସ୍କୃତିକ ମହୋତ୍ସବରେ

# ଯୋଗଦେବା ପାଇଁ ରୋମାନିଆ ଯିବେ କିସ୍‌ର ୧୦ ଛାତ୍ରୀଛାତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଶାର ଜନଜାତି ଭାଷାରେ ପରିବେଷଣ ହେବ ପ୍ରଖ୍ୟାତ ନାଟକାର ସେକସପିଅରଙ୍କ ନାଟକ । ରୋମାନିଆରେ ଏହି ନାଟକ ପରିବେଷଣ କରିବେ କିସର ଛାତ୍ରଛାତ୍ରୀ । ଏଥିପାଇଁ ଚାଲିଛି ବ୍ୟାପକ ପ୍ରସ୍ତୁତି । ଏଥିରେ ସାମିଲ ହୋଇଛନ୍ତି କିସର ୧୦ଜଣ ପିଏଚଡି, ସ୍ନାତକ, ସ୍ନାତକୋର ଓ ବିବିଏ ପଢୁଥିବା ଛାତ୍ରଛାତ୍ରୀ । ଆସନ୍ତା ମେ ମାସରେ ରୋମାନିଆର କ୍ରାୟୋଭା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ସେକସପିଅର ମହୋତ୍ସବରେ ଏହି ଛାତ୍ରଛାତ୍ରୀମାନେ ଯୋଗଦେଇ ସେକସପିଅରଙ୍କ ନାଟକକୁ ଜନଜାତି ଭାଷାରେ ପରିବେଷଣ କରିବେ । ବିଶ୍ୱ ରଙ୍ଗମଞ୍ଚରେ କିସ ଛାତ୍ରଛାତ୍ରୀ ସେମାନଙ୍କ ନିଜସ୍ୱ ଭାଷାରେ ୩ଟି ସେକସପିଅର ନାଟକ ପରିବେଷଣ କରିବେ । ଏହା କିସ, ଜନଜାତି ସମାଜ ଓ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କୁହାଯାଉଛି । ଏବେ ଛାତ୍ରଛାତ୍ରୀମାନେ



ନାଟକ ଅଭ୍ୟାସ ଆରମ୍ଭ କରିଛନ୍ତି । ଦୀର୍ଘ ଦୁଇମାସ ଧରି ସେମାନେ ରୋମାନିଆରେ ରହି ପୁନର୍ବାର ନାଟକ ଅଭ୍ୟାସ ଜାରି ରଖିବେ ଓ ପରିବେଷଣ କରିବେ । କୌଣସି ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀ ସେକସପିଅରଙ୍କ ନାଟକ ଶିଖି ଅନ୍ତର୍ଜାତୀୟ ମଞ୍ଚରେ ଅଭିନୟ କରିବା ଭାରତରେ ପ୍ରଥମ ବୋଲି କୁହାଯାଉଛି । ଏଥିରେ ଖୁସିବ୍ୟକ୍ତ କରି କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ସାମନ୍ତ କହିଛନ୍ତି, କିସ ଛାତ୍ରଛାତ୍ରୀମାନେ ପୂର୍ବରୁ କ୍ରୀଡ଼ା ଓ ଶିକ୍ଷା ଆଦି କ୍ଷେତ୍ରରେ ଦେଶ ବିଦେଶ ଯାଇ ସୁନାମ ଆଣୁଥିଲେ । ଏବେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଅନ୍ତର୍ଜାତୀୟସ୍ତରରେ ସୁନାମ ଆଣିବେ । ଏହା ସମସ୍ତଙ୍କ ପାଇଁ ଖୁସିର ବିଷୟ ।

# ସିଫା ପରିଦର୍ଶନ କଲେ ତେଲଙ୍ଗାନାର ଗଣମାଧ୍ୟମ ପ୍ରତିନିଧି ଦଳ

ଭୁବନେଶ୍ୱର, (ସବ୍ୟୁ) : ପିଆଇବି ତତ୍ତ୍ୱାବଧାନରେ ତେଲଙ୍ଗାନାରୁ ଆସିଥିବା ଗଣମାଧ୍ୟମ ପ୍ରତିନିଧି ଦଳ ଓଡ଼ିଶା ଗସ୍ତର ତୃତୀୟ ଦିନରେ ବୁଧବାର ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟପାଳନ ସଂସ୍ଥାନ(ସିଫା) ପରିଦର୍ଶନ କରିଛନ୍ତି । ସଂସ୍ଥାର ନିର୍ଦ୍ଦେଶକ ଡା. ପ୍ରମୋଦ କୁମାର ସାହୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସ୍ୱାଗତ କରି ସିଫାର ଲକ୍ଷ୍ୟ, ଗବେଷଣା କାର୍ଯ୍ୟକଳାପ ଓ ଦେଶର ମଧୁର ପାଣି ମାଛଚାଷ କ୍ଷେତ୍ରରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିମାନେ ସିଫାର ବୈଜ୍ଞାନିକମାନଙ୍କ ସହ ଆଲୋଚନା କରିଥିଲେ । ବିଶେଷ କରି ରୋଗ ପ୍ରତିରୋଧକ ମାଛ ପ୍ରଜନନ, ଜେନେଟିକ୍ ଉନ୍ନତିକରଣ ଏବଂ ସ୍ଥାୟୀ ମତ୍ସ୍ୟଚାଷ ପ୍ରଣାଳୀ କ୍ଷେତ୍ରରେ ହାସଲ ହୋଇଥିବା ସଫଳତା ସମ୍ପର୍କରେ ବିଶେଷ ସୂଚନା ପାଇଥିଲେ । ପରେ ସେମାନେ ଏକ ମାର୍ଗଦର୍ଶିତ କ୍ଷେତ୍ର ପରିଦର୍ଶନ କରି, ସମଗ୍ର ପ୍ରଜନନ ଏବଂ ପାଳନ ପ୍ରକ୍ରିୟାକୁ ପ୍ରତ୍ୟକ୍ଷ ଭାବେ ଦେଖିବାର



ଅଭିଜ୍ଞତା ହାସଲ କରିଥିଲେ । ଏହା ସହ ଗଣମାଧ୍ୟମ ପ୍ରତିନିଧି ଦଳ ଅନୁଷ୍ଠାନର ବାୟୋଫ୍ଲୋକ୍ ୟୁନିଟ୍, ଅର୍ଣ୍ଣାମେଣ୍ଟାଲ୍ ଫିସ୍ ହ୍ୟାଚେରୀ କମ୍ପ୍ଲେକ୍ସ ଏବଂ ଏୟାର୍-ବ୍ରିଦିଂ ଫିସ୍ ହ୍ୟାଚେରୀ କମ୍ପ୍ଲେକ୍ସ ବୁଲି ଦେଖିଥିଲେ । ଅନୁଷ୍ଠାନର ବୈଜ୍ଞାନିକମାନେ ଆଧୁନିକ ହ୍ୟାଚେରୀ ପରିଚାଳନା, ସ୍ୱଳ୍ପ ଜଳ ବ୍ୟବହାରକାରୀ ଚାଷ ପ୍ରଣାଳୀ ଏବଂ ଜୀବିକା ଭିତ୍ତିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଶେଷ କରି ବାୟୋଫ୍ଲୋକ୍ ପଦ୍ଧତି କିପରି ମାଛର ସ୍ୱାସ୍ଥ୍ୟ ରକ୍ଷା କରିବା ସହ ଖାଦ୍ୟ ଖର୍ଚ୍ଚ କମାଇବାରେ ଏବଂ ଚାଷୀଙ୍କ ଉତ୍ପାଦନ ବଢ଼ାଇବାରେ ସହାୟକ ହେଉଛି, ସେ ସମ୍ପର୍କରେ ପ୍ରତିନିଧିମାନଙ୍କୁ ବୁଝାଇଥିଲେ । ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର) ଅଧୀନରେ କାର୍ଯ୍ୟରତ ସିଫା, କ୍ଷମତା ବିକାଶ, କ୍ଷେତ୍ର ପ୍ରଦର୍ଶନ ଓ ପ୍ରଯୁକ୍ତି ହସ୍ତାନ୍ତର ମାଧ୍ୟମରେ ସ୍ଥାୟୀ ମତ୍ସ୍ୟଚାଷ ପ୍ରଚାରରେ ଅଗ୍ରଣୀ ଭୂମିକା ନେଇ କୃଷକମାନଙ୍କ ଆୟ ବୃଦ୍ଧି ଏବଂ ପୋଷଣ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଏହି ପରିଦର୍ଶନ କାର୍ଯ୍ୟକ୍ରମକୁ ଏଫ୍‌ଜିବି ବିଭାଗ ମୁଖ୍ୟ ଡକ୍ଟର ଜେ. କେ. ସୁନ୍ଦରାୟ ଏବଂ ଏପିଇ ବିଭାଗ ମୁଖ୍ୟ ଡକ୍ଟର ପି. ସି. ଦାସ ପରିଚାଳନା କରିଥିଲେ । ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ (ପିଆଇବି), ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ମହେନ୍ଦ୍ର ପ୍ରସାଦ ଜେନା ଏବଂ ସୂଚନା ସହାୟକ ବିକାଶ ରଞ୍ଜନ ଦଳାଇ ମଧ୍ୟ ଉପସ୍ଥିତ ଥିଲେ । ପରିଶେଷରେ ଗଣମାଧ୍ୟମ ପ୍ରତିନିଧିମାନେ ସିଫାର ବୈଜ୍ଞାନିକ ପ୍ରୟାସକୁ ପ୍ରଶଂସା କରି ଏପରି କାର୍ଯ୍ୟକ୍ରମ ଗବେଷଣା ଓ ସାଧାରଣ ଲୋକଙ୍କ ମଧ୍ୟରେ ସଂଯୋଗ ସୃଷ୍ଟି କରିବ ବୋଲି ମତ ପ୍ରକାଶ କରିଥିଲେ ।

# ୨୦ଲକ୍ଷର ବ୍ରାଉନସୁଗର ଜବତ : ୨ ଗିରଫ

କୁହୁଡ଼ି, (ସବ୍ୟୁ): ଧଳାଜହରକୁ ଚିନି ପୁଡିଆ ନାଁରେ ଯୁବବର୍ଗଙ୍କୁ ବାଣ୍ଟୁଥିଲେ , ବାଣ୍ଟିବା ବେଳେ ଧରାପଡିଲେ ୨ ଧଳାଜହର ବ୍ୟବସାୟୀ । ଗ୍ରାହକ ବେଶରେ ଗଲେ , ଚିନି ପୁଡିଆ କିଣିଲେ , ଆଉ ସେତିକିବେଳେ ୨ ଜଣଙ୍କୁ ଧରିଲେ । ସେମାନଙ୍କ ଠାରୁ ୨୦ ଲକ୍ଷ ଟଙ୍କାର ଧଳାଜହର ଜବତ କରିବା ସହିତ ଗୋଟିଏ ବାଇକ ଜବତ କରିଛି ଟାଙ୍ଗୀ ଅବକାରୀ ବିଭାଗ । ପୁରୀ ଜିଲ୍ଲାର ଗଡିଶାଗଡା ଥାନା ଅଧିନସ୍ଥ ତେଲେଙ୍ଗାପଡା ଗାଁର ରବୀନ୍ଦ୍ର କୁମାର ପ୍ରଧାନ ଓ ବ୍ରହ୍ମଗିରି ଥାନା ଅଧିନସ୍ଥ ଦାମୋଦରପୁର ଗାଁର ସୂର୍ଯ୍ୟକାନ୍ତ ମହାପାତ୍ର ଦୁହେଁ ଧଳାଜହର ବ୍ୟବସାୟ କରୁଥିଲେ । ଏ ଦୁହେଁ ଧଳାଜହରକୁ ଛୋଟ ଛୋଟ ପୁଡିଆ କରି ତାହାକୁ ଚିନି ପୁଡିଆର ଆଖ୍ୟା ଦେଇ ଯୁବବର୍ଗଙ୍କୁ ବିକ୍ରି କରୁଥିବା ଟାଙ୍ଗୀ ଅବକାରୀ ବିଭାଗ ଜାଣିବା ପରେ ଟାଙ୍ଗୀ ଅବକାରୀ ଥାନା ନିରୀକ୍ଷକ ଅଜିତ କୁମାର ପାତ୍ର ଓ ଟାଙ୍ଗୀ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରମେଶ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଗଠିତ ଏକ ଟିମ ନିଜର ବେଶ ବଦଳାଇ ଗ୍ରାହକ ବେଶରେ ସେଠାରେ ପହଞ୍ଚି ଚିନି ପୁଡିଆ କିଣିଲେ ଜବତ ଧଳାଜହର ର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି ।

## ଇଣ୍ଟର ନ୍ୟାସନାଲ ଥିଏଟରର ସୁବର୍ଣ୍ଣ ଜୟନ୍ତୀ ପାଳନ

# ଜଳବାୟୁ ପରିବର୍ତ୍ତନର ଭୟାବହ ଉପରେ ନାଟକ ପ୍ରଦର୍ଶନ

ଭୁବନେଶ୍ୱର,(ସବ୍ୟୁ): ସୁବର୍ଣ୍ଣ ଜୟନ୍ତୀ ଅବସରରେ ଇଣ୍ଟର ନ୍ୟାସନାଲ୍ ଥିଏଟର, ଭୁବନେଶ୍ୱର ଜାତୀୟ ନାଟ୍ୟ ପର୍ବର ଉଦଘାଟନ ଦିବସ ମଙ୍ଗଳବାର ଦୁଇଟି ନାଟକ ପରିବେଷଣ ହୋଇଥିଲା । ପ୍ରଥମ ନାଟକ ବର୍ଷା (ହିନ୍ଦୀ) ୨ୟ ନାଟକ ଏକଲବ୍ୟ ତ୍ରିପୁରା ଅନୁଷ୍ଠାନର ବେଙ୍ଗଲୀ ନାଟକ ସଖି ସାଜେର ଛାଦୁ ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା । ବର୍ଷା ନାଟକଟି ଜଳବାୟୁ ପରିବର୍ତ୍ତନର ଭୟାବହ ପ୍ରଭାବକୁ ଜନଜାତିଆ କୃଷିଜୀବନ ଉପରେ ଆଲୋକିତ କରେ । ଏହି ନାଟକଟି ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାର ସାନ୍ତାଳ ଗ୍ରାମଗୁଡ଼ିକର ଜୀବନ ଅନୁଭବ ଓ କ୍ଷେତ୍ରସ୍ତରୀୟ ଅଧ୍ୟୟନ ଉପରେ ଆଧାରିତ । ସଂଯୁକ୍ତ ଦୃଶ୍ୟଶୃଙ୍ଖଳା ମାଧ୍ୟମରେ ନାଟକଟି ଜଳକୁ ଜୀବନର ମୂଳ ସ୍ରୋତ ଭାବେ ଉପସ୍ଥାପନ କରେ । ଶେଷରେ, ବର୍ଷା ଏମିତି ଉନ୍ନତିର ଧାରଣାକୁ ପ୍ରଶ୍ନ କରେ, ଯାହା ପ୍ରକୃତିକୁ ଧ୍ୱଂସ କରି ଜୀବନକୁ ଆପଦାସଙ୍କୁଳ କରେ । ଏହି ନାଟକର ବିଷୟବସ୍ତୁ ଓ ପ୍ରଦର୍ଶନ ଶୈଳୀ ଲୋକମାନଙ୍କ ସହ ଗଭୀର ଭାବେ ଜଡ଼ିତ ଓ ହୃଦୟସ୍ପର୍ଶୀ ଥିଲା । ମଞ୍ଚରେ ବିଭିନ୍ନ



ବିଭିନ୍ନ ଭୂମିକା ରେ ଅଭିନୟ କରିଥିଲେ -ସୁମିତ ମାହାତୋ. ମିଥୁରାଣୀ ଗୋସ୍ୱାମୀ.ରିମି ଖାତୁନ. ପ୍ରଶାନ୍ତ ବିଦ୍ୟାନ୍ତ.ଅମିତ ମହୋତ. ସୁସ୍ମିତା ବିସ୍ୱାସ.ଅଞ୍ଜନା ମାହାତୋ. ସିମା ଭଟ୍ଟାଚାର୍ଯ୍ୟ.ଶାନିଷ୍ଠା ଗୋସ୍ୱାମୀ.ପ୍ରଣତୀ ଧାନୀ, ମିଥୁ ବାନାର୍ଜୀ । ଲେଖନ ଓ ନିର୍ଦ୍ଦେଶନା ଦେଇଥିଲେ ସୁବୋଧ ପଟ୍ଟନାୟକ. ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଏବଂ ମଞ୍ଚ ଅଭିନେତା ଅବିନାଶ ଦଣ୍ଡପାଟ. ବିଶିଷ୍ଟ ପ୍ରାନ୍ସ ନାଟ୍ୟ ବିତ ପ୍ୟାଟ୍ରିକ ନାଭାତୋ. ସାମ୍ବାଦିକ ପ୍ରଶାନ୍ତ ପାଇକରାୟଙ୍କୁ ଇଣ୍ଟରନ୍ୟାସନାଲ ଥିଏଟରରେ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତ ବିଭାଗ ସଚିବ ଦେବ ପ୍ରସାଦ ଦାସ, ଏକାମ୍ର ବିଧାୟକ ବାବୁ ସିଂ.ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ର ଶେଖର ହୋତା, ଅନୁଷ୍ଠାନର ସଂପାଦକ ସୁରେଶ କୁମାର ନାୟକ,ଆଇଟି ଅନୁଷ୍ଠାନର ନିର୍ଦ୍ଦେଶକ ମିହିର ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ମଧୁ ବାବୁଙ୍କ ତିରୋଧାନ ଦିବସ

କଟକ, (ସ୍ୱପ୍ର): କଟକ ଜିଲ୍ଲା ବିଜେଡ଼ି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହଙ୍କ ସଭାପତିତ୍ୱରେ ଉତ୍କଳ ଗୌରବ, କୁଳବୃଦ୍ଧ ମଧୁସୂଦନ ଦାସଙ୍କ ୯୨ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ମଧୁବାବୁଙ୍କ ସ୍ମୃତିଚାରଣ କରିବା ସହିତ ମଧୁବାବୁ ଓଡ଼ିଶାର ସ୍ୱାଭିମାନ ଓ ଚେତନାର ପ୍ରତୀକ ଅଟନ୍ତି । ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଆନ୍ଦୋଳନରେ ସେ ମୁଖ୍ୟ ବିନ୍ଧାଣୀ ସାଜିଥିଲେ । ଏଥିସହିତ ସମାଜ ସୁଧାରକ ଭାବେ ମହିଳା ମାନଙ୍କ, ଶିକ୍ଷା, ସମାଜ



ସଂସ୍କାର ଓ ଶିଳ୍ପର ଉନ୍ନତୀକରଣ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି ସଭାପତି ଶ୍ରୀ ସିଂହ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମଧୁସୁଦନ ସାହୁ, ମହମଦ୍ ସକିଲ, ତାପସ ମହାନ୍ତି, ରାଜେଶ ରଣା, ପ୍ରକାଶ ସିଂହ, ପ୍ରଫୁଲ୍ଲ ବେହେରା, ଦେବେନ୍ଦ୍ର ପ୍ରାଣୀଗ୍ରାହୀ, ଏକ୍ରାମ୍ ହୁସେନ୍, ପ୍ରଦୀପ ସିଂହ, ସୌମିତ୍ର ମିତ୍ର, ଦେବେନ୍ଦ୍ର କାହାଳୀ, ନୀଳ ମାଧବ ଖୁଣ୍ଟିଆ, ପବିତ୍ର ଭୂୟାଁ, ଯୁଧିଷ୍ଠିର ବିଶ୍ୱାଳ, ସାଜଦ ହୁସେନ, ଶୈଳେନ୍ଦ୍ର ପରିଡ଼ାଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ମଧୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ ।

# ୧୦ରେ ରାଜ୍ୟରେ ମଣ୍ଡି ଅବ୍ୟବସ୍ଥା ବିରୋଧରେ କିଷାନ କଂଗ୍ରେସର ଆନ୍ଦୋଳନ

ଭୁବନେଶ୍ୱର ,(ସବ୍ୟୁ): ସାରା ରାଜ୍ୟରେ ମଣ୍ଡି ଅବବ୍ୟସ୍ଥା ବିରୋଧରେ କୃଷକମାନଙ୍କର କ୍ରୋଧ ଓ ଅସନ୍ତୋଷ ବଢ଼ି ବଢ଼ି ଚାଲିଛି । ସରକାର ସବୁବେଳେ ସମସ୍ୟା ପ୍ରଶମିତ ହେଲାବୋଲି ମିଛ କହି ଚାଲିଛନ୍ତି । ଏବେବି କୃଷକ ରାସ୍ତା ଉପରେ ଧାନବସ୍ତା ରଖି ପ୍ରତିବାଦ କରୁଛି । ଆନ୍ଦୋଳନ ଥମିବାର ନା ଧରୁନି । ପ୍ରତିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ଦଳମତ ନିର୍ବିଶେଷରେ ଚାଷୀ ମେଳି ବାନ୍ଧୁଛନ୍ତି । ଧାନ କିଣାବିକାରେ ହେରଫେର ଓ କଟନୀ ଛଟଣୀ ବିରୋଧରେ ପ୍ରତିବାଦ କରୁଛନ୍ତି । କିଷାନ କଂଗ୍ରେସ ପ୍ରତିବାଦ ଓ ପ୍ରତିରୋଧ କରିଚାଲିଛି । ବିଭିନ୍ନ ଜିଲ୍ଲା ଓ ବ୍ଲକ ମାନଙ୍କରେ ପ୍ରତିବାଦ ପଦଯାତ୍ରା ସହିତ ବିକ୍ଷୋଭ, ଘେରାଉ ଓ ଧାରଣାମାନ ସଂଗଠିତ କରି ଚାଲିଛି । କିନ୍ତୁ ବର୍ତ୍ତମାନ ପରିସ୍ଥିତି ଅସମ୍ଭାଳ ହୋଇଛି । ଏଭଳି ଯନ୍ତ୍ରଣାରୁ ମୁକ୍ତି ପାଇବାପାଇଁ କିଷାନ କଂଗ୍ରେସ ଚାଷୀମାନଙ୍କୁ ଆସନ୍ତା ଦିନରେ ଐକ୍ୟବଦ୍ଧ ହୋଇ ସଂଗ୍ରାମ ପାଇଁ ରାସ୍ତାକୁ ଓହ୍ଲାଇବାକୁ ଆହ୍‌ଓ୍ୱାନ ଦେଇଛି ।ଉଭୟ କୃଷିମନ୍ତ୍ରୀ ଓ ଯୋଗାଣ ମନ୍ତ୍ରୀଙ୍କ ବିଭିନ୍ନ ଜାଗାରେ ବିଭିନ୍ନ ବିବୃତି ସମସ୍ୟାକୁ ଆହରି ତୀବ୍ର କରିଛି । ନୌଟଙ୍ଗୀ ଓ ଧାନକ୍ରୟର ସୀମା ନିର୍ଦ୍ଧାରଣ କୃଷକ ମୁଣ୍ଡରେ ବଜ୍ରାଘାତ କରିବା ଭଳି ହୋଇଛି । ତେଣୁ ଗତ ୨.୨.୨୦୨୬ ତାରିଖରେ ପ୍ରଦେଶ କିଷାନ କଂଗ୍ରେସର ଜିଲ୍ଲା ଅଧ୍ୟକ୍ଷମାନଙ୍କର ଏକ ବୈଠକ କଂଗ୍ରେସ ଭବନରେ ଅନୁଷ୍ଠିତ ହୋଇ ସାରା ରାଜ୍ୟର ଗାଁ, ପଞ୍ଚାୟତ, ବ୍ଲକ ଓ ଜିଲ୍ଲା ସଦର ମହକୁମାରେ ଚାଷୀମାନଙ୍କୁ ମେଳି କରି ଆସନ୍ତା ଫେବୃଆରୀ ୧୦ ତାରିଖରେ କୃଷକ ବିରୋଧି କୃଷି ମନ୍ତ୍ରୀ ଏବଂ ଯୋଗାଣ ମନ୍ତ୍ରୀଙ୍କର କୃଷପୁତ୍ତଳିକା ଜାଳିବାର ନିଷ୍ପତ୍ତି ହୋଇଛି । ହଜାର ହଜାର କୃଷକଙ୍କୁ ଏକାଠି କରି ସଭା ଓ ଶୋଭାଯାତ୍ରା ହୋଇ କୁଶପୁତ୍ତଳିକା ଦାହ କରାଯିବ । ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କିଷାନ କଂଗ୍ରେସର ବରିଷ୍ଠ ଉପସଭାପତି ଡ. କାର୍ତ୍ତିକ ବରାଳ, ଅରୁଣ ଜେନା, ନିମାଇଁ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଜିଲ୍ଲା ସ୍ତରୀୟ ବିଶ୍ୱ କର୍କଟ ଦିବସ ପାଳିତ

# କର୍କଟ ରୋଗରୁ ମୁକ୍ତି ପାଇଁ ସଚେତନତା ଓ ସଂଯମତା ଜରୁରୀ: ଡାକ୍ତର ରାୟ

ଖୋର୍ଦ୍ଧା,(ସବ୍ୟୁ) : କର୍କଟ ଏକ ଭୟାବହ ରୋଗ ଯାହା ହସ ଖୁସିର ପରିବାରକୁ ଉଜାଡି ଦେଇଥାଏ । ଯେଉଁ ମାନେ ନିକୋଟିନ ବହୁଳ ପ୍ରଚୁର ମଦ୍ୟପାନ କରନ୍ତି, ଗୁଟକା, ଖଇନି, ତମାଖୁ ପ୍ରଚୁର ମାତ୍ରାରେ ସେବନ କରନ୍ତି ସେମାନେ ଏହି କ୍ୟାନ୍ସର ଭଳି ମରଣ ଯୁକ୍ତ ରୋଗରେ ଆକ୍ରାନ୍ତ ହୁଅନ୍ତି । କେତେକ କ୍ଷେତ୍ରରେ ଏହା ଖାଦ୍ୟ ପେୟରେ ନିୟନ୍ତ୍ରଣ ନରଖିବା, ଶାରୀରିକ ପରିଶ୍ରମ ନକରିବା ଏବଂ ଦୂଷିତ ବାୟୁ ସେବନ ଦ୍ୱାରା କର୍କଟ ରୋଗର ମାତ୍ରା ବଢ଼ିଥାଏ । ଏଣୁ ସୁସ୍ଥ ଜୀବନ, ସୁସ୍ଥ ସମାଜ ଓ କର୍କଟ ମୁକ୍ତ ପରିବାର ବଜାୟ ରଖିବାକୁ ହେଲେ ନିଶା ଦ୍ରବ୍ୟର ମାରାତ୍ମକ ପରିଣାମ ଉପରେ ସଚେତନତା ହେବା ଓ ବର୍ଜନ କରିବା ଏବଂ ଖାଦ୍ୟ ପେୟରେ ସଂଯମତା ରଖି ପାରିଲେ ବିଶ୍ୱରୁ କର୍କଟ ମୁକ୍ତ କରିପାରିବା, ପ୍ରତ୍ୟେକ କ୍ଷେତ୍ରରେ ବ୍ୟାପକ ସଚେତନତା ଓ ସଂଯମତାର ଜାଗରଣ କରାଇବା ଦିଗରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ କାର୍ଯ୍ୟାଳୟ ତାଲିମ ଗୃହ ପ୍ରକୋଷ୍ଠରେ ବିଶ୍ୱ କର୍କଟ ଦିବସ ପାଳନ ରେ ଯୋଗଦେଇ ଆହ୍ୱାନ ଦେଇଛନ୍ତି । ଦିବସ ପାଳନରେ ଏଡିପିଏଚଓ (ମେଡିକାଲ) ଡାକ୍ତର ଶ୍ୟାମା ପ୍ରସନ୍ନ ମିତ୍ର, ଏଡିପିଏଚଓ (ପରିବାର କଲ୍ୟାଣ) କୁଷ୍ଠ ରୋଗ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ଭେଷଜ ଅଧିକାରୀ ଡାକ୍ତର ବିଶ୍ୱନାଥ ପାଢ଼ୀ, ସହକାରୀ ପରିଚାଳକ (ଅଣ ସଂକ୍ରମକ ରୋଗ), ସହାୟକ ଜନସ୍ୱାସ୍ଥ୍ୟ ଓ ସଂଚାରଣ ଅଧିକାରୀ, ନର୍ସିଂ ଛାତ୍ରଛାତ୍ରୀ, ଆଶା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି କର୍କଟ ରୋଗର କାରଣ ଓ ନିରାକରଣ ଦିଗରେ ମତବ୍ୟକ୍ତ କରିଥିଲେ। ଜଟଣୀ ଓ ବାଲୁଗାଁ





ବ୍ଲକ୍‌ର ଦୁଇଜଣ କ୍ୟାନ୍ସର ରୋଗରୁ ଆରୋଗ୍ୟ ହୋଇଥିବା ବ୍ୟକ୍ତିଙ୍କୁ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସହାୟକ ଜନସ୍ୱାସ୍ଥ୍ୟ ସଂଚାରଣ ଅଧିକାରୀ ଧନ୍ୟବାଦ ପ୍ରଦାନ କରିଥିଲେ। ଦିବସରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ ଯୋଗଦେଇଥିଲେ।

# ରଙ୍ଗେଇଲୁଣ୍ଡା ଏୟାରପୋର୍ଟ ହେବ ଡ୍ରୋନ୍ ବିପ୍ଳବ କେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଗଞ୍ଜାମର ରଙ୍ଗେଇଲୁଣ୍ଡାରେ ଜାତୀୟୟୁଏଭି ପରୀକ୍ଷଣ ଏବଂ ନବସୃଜନ କରିଡର ସୃଷ୍ଟି କରିବାକୁ ଘୋଷଣା କରିଛି । ଏହି ପ୍ରକଳ୍ପ ଓଡ଼ିଶାକୁ ବିଶ୍ୱ ମାନବହୀନ ବିମାନ (ୟୁଏଭି) ଚଳାଚଳ ହବ୍‌ରେ ପରିଣତ କରିବ । ଏହା ସହିତ ରଙ୍ଗେଇଲୁଣ୍ଡା ଜର୍ମାନୀର ମାଗଡେବର୍ଗ-କଚଷ୍ଟେଡ୍ ବିମାନବନ୍ଦର, ଆମେରିକାର ଗ୍ରିଫିସ୍ ଅନ୍ତର୍ଜାତୀୟ ବିମାନବନ୍ଦର, ଡେନମାର୍କର ହାନ୍ସ କ୍ରିଷ୍ଟିଆନ୍ ଆଣ୍ଡରସେନ୍ ବିମାନବନ୍ଦର, ଅଷ୍ଟ୍ରେଲିଆର କ୍ଲୋନକ୍ୟୁରୀ ବିମାନବନ୍ଦର ଏବଂ ଆୟରଲ୍ୟାଣ୍ଡର ଶାନନ୍ ବିମାନବନ୍ଦର ସହ ସମକକ୍ଷ ହୋଇପାରିବ । ଏହି ପ୍ରକଳ୍ପ ସହ ଓଡ଼ିଶା ପ୍ରମାଣ କରୁଛି ଯେ ବିଶ୍ୱସ୍ତରୀୟ ନବସୃଜନ କେବଳ ବିଶ୍ୱର ରାଜଧାନୀମାନଙ୍କରୁ ଆସେ ନାହିଁ ଏହା ଓଡ଼ିଶାରୁ ଉଠିପାରିବ ଏବଂ ଭାରତର ବିମାନ ଚଳାଚଳ ଇକୋସିଷ୍ଟମର ଭବିଷ୍ୟତକୁ ଆକାର ଦେଇପାରିବ । ରଙ୍ଗେଇଲୁଣ୍ଡା ବିମାନବନ୍ଦର ଭାରତର ପ୍ରଥମ କାର୍ଯ୍ୟକ୍ଷମ ବାଣିଜ୍ୟିକ ବିମାନବନ୍ଦର ହେବ ଯାହାକୁ ଏକ ଲାଇଭ୍ ୟୁଏଭି ପରୀକ୍ଷଣ ସ୍ଥଳ ଭାବରେ ପୁନଃଉଦ୍ୟୋଗ କରାଯିବ, ଯେଉଁଠାରେ ଡ୍ରୋନ ଗୁଡ଼ିକୁ ପ୍ରକୃତ, ଅପ୍ରତିବନ୍ଧିତ ଆକାଶମାର୍ଗରେ ପରୀକ୍ଷଣ କରାଯିବ । ନିକଟରେ ହାଇଦ୍ରାବାଦରେ ଅନୁଷ୍ଠିତ ୱାଇଙ୍ଗସ ଇଣ୍ଡିଆ ୨୦୨୬ ରେ ଏହି ଘୋଷଣା କରାଯାଇଥିଲା । ଏହି ଅବସରରେ ଓଡ଼ିଶା ସରକାର ଓ ବନ୍ ଭି ଏରୋ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଉତ୍ସବରେ ଭାଷଣ ଦେଇ, ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ, କହିଛନ୍ତି, ଓଡ଼ିଶା ଗତିଶୀଳତାର ପରବର୍ତ୍ତୀ ଯୁଗ ପାଇଁ ଭିତ୍ତିଭୂମି ନିର୍ମାଣ କରୁଛି । ବନ ଭି ଏରୋ ପରି ଗଭୀର-ପ୍ରଯୁକ୍ତି ଉଦ୍ଭାବକମାନେ ସ୍ୱଦେଶୀ କ୍ଷମତାର ନେତୃତ୍ୱ ନେଉଥିବାରୁ, ରଙ୍ଗେଇଲୁଣ୍ଡା ଏକ ଜାତୀୟ ପ୍ରମାଣିତ ଭୂମି ହେବ ଯେଉଁଠାରେ ନିୟାମକ ଏବଂ ଶିଳ୍ପ ମିଳିତ ଭାବରେ କମ୍-ଉଚ୍ଚତା ଅର୍ଥନୀତିକୁ ଆକାର ଦେବେଛ ଆମର ଲକ୍ଷ୍ୟ କେବଳ କାର୍ଯ୍ୟକାରୀ କରିବା ନୁହେଁ, ବରଂ ଜାତୀୟ ନୀତିରେ ଅବଦାନ ଦେବା ।

# ଜମି ବିବାଦ : ମରଣାନ୍ତକ ଆକ୍ରମଣ, ୪ଗିରଫ

ବାରଙ୍ଗ ,(ସବ୍ୟୁ) ପୁରୁଣା ଜମି ବିବାଦକୁ କେନ୍ଦ୍ରକରି ଏକ ପରିବାରର ଦୁଇଜଣ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି ।ଏହି ଘଟନାରେ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ସେମାନେ ହେଲେ କୁଜିମହଲ ଗ୍ରାମରସୁକାନ୍ତି ମହାଭୋଇ(୨୪)ଜାନକୀ ମହାଭୋଇ (୫୫)ବାବୁଲା ମହାଭୋଇ (୬୦)ପଥରଗାଡିଆ ଗ୍ରାମରମଞ୍ଜୁଳତା ଜେନା(୫୫) । ପ୍ରକାଶ ଯେ,କୁଜିମହଲ ଗ୍ରାମର ଅଜୟ ମହାଭୋଇଙ୍କ ବୁଧବାର ଦିନ ଚନ୍ଦକା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀବୁଧବାର ସକାଳେ ସେ ଘରେ ଉପସ୍ଥିତ ନଥିବା ସମୟରେ ସୁକାନ୍ତି ମହାଭୋଇ, ବାବୁଲା ମହାଭୋଇ, ଜାନକୀ ମହାଭୋଇ ଓ ମଞ୍ଜୁଳତା ଜେନା ବେଆଇନ ଭାବରେ ତାଙ୍କ ଘରେ ପ୍ରବେଶ କରି, ତାଙ୍କ ସ୍ତ୍ରୀ ମାମିନି ଏବଂ ଶାଶୁ ଶାନ୍ତିଲତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ଓ ହତ୍ୟା କରିବା ଉଦ୍ଦେଶ୍ୟରେ କଟୁରୀ, ଲୁହା ରଡ ଓ ସାବଳ ପରି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ ।ଅଜୟ ଘରକୁ ଫେରିବା ପରେ ଉଭୟଙ୍କୁ ଆହତ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ ଏବଂ ସେମାନଙ୍କ ମୁଣ୍ଡ ଓ ଶରୀରରେ ରକ୍ତାକ୍ତ ଗୁରୁତର କ୍ଷତ ହୋଇଥିବା ଲକ୍ଷ୍ୟ କରିଥିଲେ । ତୁରନ୍ତ ସେମାନଙ୍କୁ ଚିକିତ୍ସା ପାଇଁ ମେ,,ାଶାଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ । ସେଠାରୁ ଫେରିବା ପରେ ଏନେଇ ଥାନାରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ ।ପୋଲିସ ତଦନ୍ତ ବେଳେ ଦୀର୍ଘଦିନ ଧରି ଉଭୟଙ୍କ ମଧ୍ୟରେ ରହିଥିବା ଜମି ବିବାଦ ଯୋଗୁ ଏପରି ଘଟିଲା ବୋଲି ଜାଣିବାକୁ ପାଇଥିଲା ।ପୋଲିସ କେଶ ନଂ୭୨/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଇଗ୍ନୋର ନାମଲେଖା ଏବଂ ପୁନଃ ପଞ୍ଜୀକରଣ ଅବଧି ୧୫ ତାରିଖକୁ ବୃଦ୍ଧି

ବାରିପଦା, (ସବ୍ୟୁ) : ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଜାନୁଆରୀ-୨୦୨୬ ଶିକ୍ଷା ସତ୍ର ପାଇଁ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଘୋଷଣା କରାଯାଇଛି। ବିଭିନ୍ନ ପାଠ୍ୟକ୍ରମରେ ନାମଲେଖାଇବା ପାଇଁ ଆଗ୍ରହୀ ବ୍ୟକ୍ତି ବିଶେଷ ଏହି ସୁଯୋଗର ଲାଭ ଉଠାଇ ପାରିବେ। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା କିମ୍ବା ଉଚ୍ଚଶିକ୍ଷା ପାଇବାରୁ ବଂଚିତ ହୋଇଥିବା କୌଣସି ବୟସର ବ୍ୟକ୍ତିବିଶେଷଙ୍କ ପାଇଁ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର) ପିଜି ଡିପ୍ଲୋମା (ସ୍ନାତକୋତ୍ତର ଡିପ୍ଲୋମା) ଏବଂ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ଏବଂ ପୁନଃ ପଞ୍ଜୀକରଣ ପ୍ରକ୍ରିୟା ଚଳିତ ଫେବୃଆରି ମାସ ୧୫ତାରିଖକୁ ବୃଦ୍ଧି କରାଯାଇଛି। ଅଣ୍ଡର ଗ୍ରାଜୁଏଟ (ସ୍ନାତକ) ପ୍ରୋଗ୍ରାମ, ଯଥା- କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜିକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜିକରଣ ଦେୟ ୫୦% ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ। ଇଚ୍ଛୁକ ଛାତ୍ରଛାତ୍ରୀ ଇଗ୍ନୋର ୱେବସାଇଟରେ ଅନୁସରଣ କରିପାରିବେ କିମ୍ବା ଆଞ୍ଚଳିକ କେନ୍ଦ୍ର ରାଇରଙ୍ଗପୁର, ମୟୂରଭଞ୍ଜ କୁ ଇ-ମେଲ ମାଧ୍ୟମରେ ଯୋଗାଯୋଗ କରିପାରିବେ। ଏହାସହିତ ସମସ୍ତ ପ୍ରକାର ଯୋଗାଯୋଗ ପାଇଁ ୦୬୭୯୪-୨୨୨୦୯୭ ଦୂରଭାଷ ନମ୍ବରରେ ଯୋଗାଯୋଗ କରିବା ପାଇଁ ଇଗ୍ନୋ ତରଫରୁ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡଃ ମନୋଜ କୁମାର ଦାଶ ସୂଚନା ଦେଇଛନ୍ତି।

### ଚାଷୀ ମାରଣ ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୁଦ୍ଧରେ

# ବିଜେଡି'ର ବିକ୍ଷୋଭ ଓ ପ୍ରତିବାଦ ସଭା



ପାରଳାଖେମୁଣ୍ଡି, (ସବ୍ୟୁ): ବିଜେପି ସରକାର'ଙ୍କ ଚାଷୀ ମାରଣନୀତି ବିପର୍ଯ୍ୟୟ ଆଇନ ଶୃଙ୍ଖଳା ଏବଂ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି'ର ଖିଲାପି ବିରୁଦ୍ଧରେ ଗଜପତି ଜିଲ୍ଲା ବିଜେଡି ପକ୍ଷରୁ ଆଜି ପାରଳାଖେମୁଣ୍ଡି ଠାରେ ବିରାଟ ପ୍ରତିବାଦ ରାଲି ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଏବଂ ପ୍ରତିବାଦ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ସାଙ୍ଗକୁ ଶାସନ ଭାର ଏବେ ଅପାରଗ ବିଜେପି ସରକାର ହାତରେ ବୋଲି ଜିଲ୍ଲା ବିଜେଡି ପକ୍ଷରୁ କୁହାଯାଇଛି ଏବଂ ଯାହାକୁ ନେଇ ଆଜି ପାରଳାଖେମୁଣ୍ଡି ବିଧାୟକ ଇଂ ରୁପେଶ ପାଣିଗ୍ରାହୀ ଓ ଜିଲ୍ଲା ବିଜେଡ଼ି ସଭାପତି ପ୍ରଦୀପ ନାୟକ'ଙ୍କ ନେତୃତ୍ୱରେ ହଜାର ହଜାର ସଂଖ୍ୟାରେ ଦଳୀୟ ନେତା ଓ କର୍ମୀ ଙ୍କ ସମାବେଶରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଜେପି ସରକାର ବିରୁଦ୍ଧରେ ଗର୍ଜି ରଣହୁଙ୍କାର ଦେଇଛି ଜିଲ୍ଲା ବିଜୁ ଜନତା ଦଳ। ସମାବେଶରେ ଦଳୀୟ ନେତା ମାନଙ୍କ ପକ୍ଷରୁ କୁହାଯାଇଥିଲା ଯେ , ଏଥି ପୂର୍ବରୁ ଶାନ୍ତ ପରିବେଶ ସାଙ୍ଗକୁ ସର୍ବାଙ୍ଗୀନ ବିକାଶ ଦିଗରେ ଆଗକୁ ବଢିଥିଲା ଓଡ଼ିଶା। ପୂର୍ବ ସରକାର'ଙ୍କ ସମୟରେ ନାରୀ ସୁରକ୍ଷିତ ଥିବା ସହ ସଶକ୍ତିକରଣ ଓ ଜୀବିକାନିର୍ବାହ କ୍ଷେତ୍ରରେ ଯଥେଷ୍ଟ ସଫଳତା ପାଇଥିଲେ ମହିଳା ମାନେ। କିନ୍ତୁ ଏବେ ସାରା ରାଜ୍ୟରେ ବଢ଼ିଚାଲିଛି ନାରୀ ନିର୍ଯାତନା । ଏପରି କି ଅନ୍ତର୍ଦେଶୀୟ ସ୍ତରରେ ଚର୍ଚ୍ଚାରେ ରହିଛି ଓଡ଼ିଶା। ଯାହା ଓଡିଆ ଅସ୍ମିତାକୁ ନିନ୍ଦିତ ଓ ଅପମାନିତ କରିଛି । ଯାହା ଓଡ଼ିଶା ପାଇଁ ଏକ ଲଜ୍ୟାର ବିଷୟ। ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ମାଝିଁ'ଙ୍କ ନିଜ ଜିଲ୍ଲାରେ ମଧ ନାରୀ ସୁରକ୍ଷିତ ନାହାନ୍ତି। ନାରୀ ନିର୍ଯାତନା ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇଛି। ଶହଶହ ମାମଲା ରୁଜୁ ହେଉଛି , କିନ୍ତୁ କାର୍ଯ୍ୟଫଳ ଶୂନ। ଜିଲ୍ଲାରେ ଧାନ କିଣାରେ ବ୍ୟାପକ ଅନିୟମିତତା ସହ ମିଲର ଓ ପ୍ରଶାସନିକ ଅଧିକାରୀଙ୍କ ମିଳିତ ମଧୁଚନ୍ଦ୍ରିକାରେ ଏବଂ ମିଲିଭଗତରେ ଚାଷୀ ମାନଙ୍କୁ ହଇରାଣ କରାଯାଉଛି । ଧାନର ଉଚିତ ମୂଲ୍ୟ ପ୍ରଦାନରେ ବିଫଳ, ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ, ୩୦୦୦ ଟଙ୍କା ବାର୍ଦ୍ଧକ୍ୟ ଭତ୍ତା ଓ ଅନ୍ୟାନ୍ୟ ଭତ୍ତା ପ୍ରଦାନ, ଏକ କାଳୀନ ୫୦ ହଜାର ଟଙ୍କା ପ୍ରତ୍ୟେକ ମହିଳା'ଙ୍କୁ ପ୍ରଦାନ କଥା କହି ଲୋକଙ୍କୁ ପ୍ରତାରଣା କରିଛନ୍ତି ବିଜେପି ସରକାର। ଏମିତି କି , ବେକାରୀ ଯୁବକ-ଯୁବତୀଙ୍କୁ ନିଯୁକ୍ତି ପ୍ରଦାନରେ ସମ୍ପୂର୍ଣ୍ଣ ବିଫଳ, କର୍ମନିଯୁକ୍ତି ଯୋଜନା କାର୍ଯ୍ୟକାରୀ ହେଉନାହିଁ, ଉନ୍ନୟନ ମୂଳକ କାର୍ଯ୍ୟ ଠପ୍, ଏଭଳି ବିଭିନ୍ନ ପ୍ରସଙ୍ଗରେ ନାରାବାଜି ଦେଇ ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରୁ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବିଜେପି ସରକାର'ଙ୍କ ଅପାରଗତାକୁ ନେଇ ଗର୍ଜନ କରିଛି ଜିଲ୍ଲା ବିଜେଡି। ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଶହଶହ କର୍ମୀ ନେତା ଓ ଜନପ୍ରତିନିଧି ଏକତ୍ରିତ ହୋଇ ସରକାରଙ୍କ ଅପାରଗତା ବିରୋଧରେ ନାରାବାଜି କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆଗାମୀ ଦିନରେ ଏଭଳି ସ୍ଥିତି ଜାରି ରହିଲେ ରାଜ ରାସ୍ତା ଅବରୋଧ କରି ଆନ୍ଦୋଳନକୁ ତୀବ୍ରତର କରିବାକୁ ଚେତାବନୀ ଦେଇଛନ୍ତି ବିକ୍ଷୋଭକାରୀ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ଗାରା ତିରୁପତି ରାଓ, ପାରଳା ପୌର ଅଧକ୍ଷା ନିର୍ମଳା ସେଠୀ , କାଶୀନଗର ବ୍ଲକ୍ ଅଧକ୍ଷା ବାଲା ସାୟାମ୍ମା , ଗୁମ୍ମା ବ୍ଲକ ଅଧକ୍ଷା ସୁନେମୀ ମଣ୍ଡଳ , ଗୋଷାଣୀ ବ୍ଲକ୍ ଅଧକ୍ଷ ଏନ: ବୀରା ରାଜୁ, ଲକ୍ଷ୍ମୀକାନ୍ତ ପରିଛା, ବାଲ ରାଜୁ ପ୍ରମୁଖଙ୍କ ସମେତ ହଜାର ହଜାର ସଂଖ୍ୟାରେ ଜିଲ୍ଲାର ସମସ୍ତ ବ୍ଲକରେ ଦଳୀୟ ନେତା ଓ କର୍ମୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଧାୟକ ରୁପେଶ ପାଣିଗ୍ରାହୀ ଏବଂ ବିଜେଡି ସଭାପତି ପ୍ରଦୀପ ନାୟକଙ୍କ ନେତୃତ୍ୱରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ'ଙ୍କ ଜରିଆରେ ରାଜ୍ୟପାଳ ଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା ।

## କୋଟିବରାଡ଼ି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କୁଲାଡ, (ସବ୍ୟୁ): କୋଟିବରାଡ଼ି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ୨୦୨୫-୨୬ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସଞ୍ଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ବକ୍ତା ଭାବେ କୁଲାଡ଼ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶିବରାମ ପ୍ରଧାନ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ସିଆରସିସି ଅବିନାଶ ପଣ୍ଡା ଓ ବରିଷ୍ଠ ସାମ୍ବାଦିକ ରଙ୍କନିଧି ଦାଶ ଯୋଗ ଦେଇଥିଲେ । ଏହି ଅବସରରେ ସ୍ୱାଗତ ଭାଷଣ, ପ୍ରଦୀପ ପ୍ରଜ୍ୱଳନ ପରେ ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ଗୁରୁ ଅତିଥି ପରିଚୟ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥି ବୃନ୍ଦ ନିଜ ନିଜର ଭାଷଣ ପ୍ରଦାନ କରିବା ସହ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ଗଙ୍ଗାଧର ପଣ୍ଡା ଏବଂ ଶିକ୍ଷକ ଦେବୀ ପ୍ରସାଦ ଦାଶ ବାର୍ଷିକ ଉତ୍ସବକୁ ପରିଚାଳନା କରିଥିବା ବେଳେ ଶେଷରେ ଶିକ୍ଷୟିତ୍ରୀ ବିରାଜିନୀ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଅଭିଭାବକ, ଶିକ୍ଷାବିତ, ଗ୍ରାମବାସୀ, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା ବୃନ୍ଦ ଯୋଗଦେଇ ଥିଲେ।

## ପିପୁଲ୍ସ କଲେଜର ୪୮ତମ ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ

ବୁଗୁଡା, (ସବ୍ୟୁ) : ସ୍ଥାନୀୟ ପିପୁଲ୍ସ କଲେଜର ୪୮ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ଉକ୍ତ ଦ୍ୱିଦିବସୀୟ କ୍ରୀଡାର ଉଦଯାପନୀ ଉତ୍ସବ କଲେଜ ଅଧକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଓଡଗାଁସ୍ଥିତ ରଘୁନାଥ ସମବାୟ ମହାବିଦ୍ୟାଳୟର ଅଧକ୍ଷ ରାଜକିଶୋର ସାହୁ, ମୁଖ୍ୟ ବକ୍ତା ଭାବେ କଲେଜ ଉପାଧକ୍ଷ ହରିକୃଷ୍ଣ ନାୟକ, ସମ୍ମାନିତ ଅତିଥି ଭାବେ ୩ କ୍ରୀଡା ସଂସଦ ଉପସଭାପତି ଅଧାପକ ଅକ୍ଷୟ କୁମାର ସାହୁ, ୨ କ୍ରୀଡା ସଂସଦ ଉପସଭାପତି ଅଧାପକ ଆତ୍ମ ପ୍ରକାଶ ନାୟକ, ସହକାରୀ ଉପସଭାପତି ଅଧାପକ ଦିଲ୍ଲୀପ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ପୂର୍ବକ ଉତ୍ସାହିତ କରିଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରାଯାଇଥିଲା। ଏଥି ସହ ଚମ୍ପିଆନ୍ ଭାବେ ବିବେଚିତ ହୋଇଥିବା ୩ ବର୍ଗର ଛାତ୍ରୀ ମାମାଲି ବେହେରା, ଛାତ୍ର ହେମନ୍ତ ରାଉତ ଓ ପ୍ରକାଶ ବେହେରା, ୨ ବର୍ଗର ଛାତ୍ରୀ ସ୍ୱସ୍ତିକା ସାଇନୀ ହୋତା ଓ ଛାତ୍ର ରୁଦ୍ର ପ୍ରତାପ ପୋଲେଇଙ୍କ ସମେତ କଲେଜ କୁମାର ଭାବେ ମନୋନୀତ ହୋଇଥିବା ୩ ଛାତ୍ର ସଞ୍ଜୟ ମହାରଣାଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉଦଯାପନୀ ଉତ୍ସବର ପ୍ରାରମ୍ଭରେ କ୍ରୀଡା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଅନ୍ୟତମ କ୍ରୀଡା ଶିକ୍ଷକ ଏମ୍. ଶ୍ରୀନିବାସ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କ୍ରୀଡା ଉତ୍ସବ ପରିଚାଳନାରେ କଲେଜର ଅଧାପକ, ଅଧାପିକା ଓ କର୍ମଚାରୀଙ୍କ ସକ୍ରିୟ ସହଯୋଗ ରହିଥିଲା ।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ବ୍ରହ୍ମପୁର ଠାରେ ବିଏ ସ୍ପୋର୍ଟ୍ସ ମିଟ୍ ଆୟୋଜିତ



ବ୍ରହ୍ମପୁର, (ସବ୍ୟୁ) : ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ତରଫରୁ ବିଏ ସ୍ପୋର୍ଟ୍ସ ମିଟ୍ -୨୦୨୬ ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମ, ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ୨୦ଟି ବିଜନେସ ଆସୋସିଏଟ୍ସରୁ ୨୨୦ଜଣ ଅଂଶଗ୍ରହଣକାରୀ ବିଭିନ୍ନ ବର୍ଗରେ ଭାଗ ନେବା ସହ ଏକତ୍ରିତ ହୋଇଥିଲେ। ଏହା ଏକ ଉତ୍ସାହ, ଉଦ୍ଦୀପନା ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବନାରେ ଭରା ଦିନ ଥିଲା। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା, ପରସ୍ପର ପ୍ରତି ସହଯୋଗୀ ମନୋଭାବ ରଖିବା ଏବଂ ଏକ ମିଳିତ ସଫଳତାକୁ ପାଥେୟ କରିବା ହେଉଛି ଟିପିଏସ୍‌ଓଡିଏଲର ମୂଲ୍ୟବୋଧ ଓ ସଂସ୍କୃତି, ଯାହାକୁ ସମ୍ମାନ ଜଣାଇବା ଏଥିରେ ପ୍ରତିଫଳିତ ହୋଇଥିଲା। ଅଂଶଗ୍ରହଣକାରୀମାନେ ଉତ୍ସାହର ସହ ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। ୧୦୦ମିଟର ଓ ୪୦୦ମିଟର ଦୌଡ଼, ୪ଶ୧୦୦ମିଟର ରିଲେ, ଲମ୍ଫ ଡିଆଁ, ସଟ୍ ଫୁଟ୍, ଟଗ୍ ଅଫ୍ ୱାର ଏବଂ କେବଳ ମହିଳା ପ୍ରତିଯୋଗୀଙ୍କ ପାଇଁ ମ୍ୟୁଜିକ ଚେୟାରର ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ଦଳ ଅନ୍ୟ ଏକ ଦଳକୁ ଉତ୍ସାହିତ କରିବା ସହିତ ପାରସ୍ପରିକ ସହଯୋଗ ସଭିଙ୍କ ଭିତରେ ରହିଥିଲା। ଏହି ଅବସରରେ ଟିପିଏସ୍‌ଓଡିଏଲର ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା। ସେମାନଙ୍କ ଉପସ୍ଥିତି ଅଂଶଗ୍ରହଣକାରୀଙ୍କୁ ପ୍ରେରଣା ଓ ଉତ୍ସାହ ଯୋଗାଇବା ସହ କର୍ମଚାରୀଙ୍କ ଯୋଗଦାନ ଏବଂ ସେମାନଙ୍କ ମଙ୍ଗଳ ପ୍ରତି ଥିବା ପ୍ରତିବଦ୍ଧତାକୁ ଦର୍ଶାଉଛି। ସେମାନେ କହିଥିଲେ ଯେ ଏଭଳି ମାଧ୍ୟମ ଶାରୀରିକ ଫିଟନେସ୍ ବ୍ୟତୀତ ମାନସିକ ସ୍ଥିରତା, ଆତ୍ମବିଶ୍ୱାସ ବୃଦ୍ଧି, କାର୍ଯ୍ୟଚାପ ହ୍ରାସ ଓ ଟିମ୍ ସଦସ୍ୟମାନଙ୍କ ମଧ୍ୟରେ ଗଭୀର ସମ୍ପର୍କ ଦୃଢ଼ୀଭୂତ କରିବାରେ ସାହାଯ୍ୟ କରିଥାଏ। ପ୍ରତିଯୋଗିତା ବ୍ୟତିରେକେ ସ୍ପୋର୍ଟସ ମିଟ୍ ଉଭୟ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ସନ୍ତୁଳନ ରକ୍ଷା କରିବା ଦିଗରେ ସହାୟକ ହୋଇଥାଏ। ଏଥିସହିତ ଲକ୍ଷ୍ୟ, ଅନୁଶାସନ ଏବଂ ପାରସ୍ପରିକ ସହଯୋଗ ବୃଦ୍ଧି କରିଥାଏ। ଏହା କର୍ମଚାରୀ, ବିଜନେସ ଆସୋସିଏଟ୍ସ ଏବଂ ଭେଣ୍ଡରମାନଙ୍କ ଭିତରେ ଉତ୍ତମ ସମ୍ପର୍କ ସୃଷ୍ଟି କରେ। ଏ ସମ୍ପର୍କରେ ଟିପିଏସ୍‌ଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, କ୍ରୀଡ଼ା କେବଳ ଶାରୀରିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରେ ନାହିଁ ବରଂ ମାନସିକ ଶକ୍ତି ଏବଂ ଦଳଗତ ମନୋଭାବକୁ ବୃଦ୍ଧି କରିବାରେ ଏକ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ବିଏ ସ୍ପୋର୍ଟ୍ସ ମିଟ୍ ଭଳି କାର୍ଯ୍ୟକ୍ରମ ସହଭାଗିତା, ଅନୁଶାସନ ଓ ଏକ ସୁସ୍ଥ ପ୍ରତିଯୋଗିତା ଉପରେ ଗୁରୁତ୍ୱ ଦେଇଥାଏ। ଯାହା ଆମକୁ ଏକ ଅନୁଷ୍ଠାନ ହିସାବରେ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ବିଏ ସ୍ପୋର୍ଟ୍ସ ମିଟ୍ -୨୦୨୬ ଟିପିଏସ୍‌ଓଡିଏଲ ସହ ଜଡ଼ିତ ପ୍ରତ୍ୟେକଙ୍କର ଉଭୟ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରେ। ଯାହା ତା'ର ସହଯୋଗୀମାନଙ୍କ ସହ ସମ୍ପର୍କକୁ ଆହୁରି ଦୃଢ଼ କରିବାରେ ସହାୟକ ହୋଇଥାଏ ।

## ତୁଳସୀ ଦାସ ଆଶ୍ରମରେ ବାର୍ଷିକ ଗୀତା ଯଜ୍ଞ

କଟକ, (ସ୍ୱପ୍ର): ଜଗତପୁର ଅନ୍ତର୍ଗତ ସୁନାଖଳାସ୍ଥିତ ସନ୍ଥ ତୁଳସୀ ଦାସ ଆଶ୍ରମରେ ୯୧ତମ ମାର୍ଷିକ ଗୀତା ପାରାୟଣ ଓ ଯଜ୍ଞର ଶୁଭାରମ୍ଭ ହୋଇଛି । ତିନିଦନ ଧରି ଅନୁଷ୍ଠିତ ହେଉଥିବା ଏହି ଆଧାତ୍ମିକ ମହୋତ୍ସବ ମାଘ ପୂର୍ଣ୍ଣମୀ ତିଥିରେ ଅଙ୍କୁରାରୋପଣ, ସୋମବାର ଠାରୁ ପ୍ରଭାତରେ ମଙ୍ଗଳଆଳତୀ, ବେଦପାଠ, ଗୁରୁପୂଜନ , ସୂର୍ଯ୍ୟପୂଜା, ଗୋପୂଜା, ଗୀତା ପାରାୟଣ, ପ୍ରବଚନ ଘୃତଯଜ୍ଞ ପ୍ରାର୍ଥନା ଓ ସତ୍‌ସଂଗ ଆୟୋଜିତ ହୋଇଛି । ବ୍ରହ୍ମଚାରୀ ସତ୍ୟଚୈତନ୍ୟଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ଯୋଗଦେଇ ଶ୍ରୀ ନାରାୟଣ, ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଗୋସ୍ୱାମୀ ତୁଳସୀ ଦାସ, ବୀରନାରାୟଣ ଦାସ ଓ ସତ୍ୟନାରାୟଣ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ । ପରମ ନାରାୟଣ ଦାସ, ତୁଳସୀ ଦାସ ଆଶ୍ରମ ଟ୍ରଷ୍ଟର ଅଧକ୍ଷ ଶିଳ୍ପଯୋଗୀ ପ୍ରଶାନ୍ତ ଚନ୍ଦ୍ର ରଥ, ଜଗନ୍ନାଥ ଜେନା, ପର୍ଶୁରାମ ରାଉତ, ଶରତ କୁମାର ରାଉତ, କେଦାର ନାଥ ମହାଲୀ, ସୁଭାଷ ଚନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସୁନାଖଳା ସମେତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସମାଗମ ହୋଇଥିଲା । ଆସନ୍ତା ୪ ତାରିଖରେ ପୁର୍ଣ୍ଣାହୁତି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

## ବିଧାୟକଙ୍କ ବଦାନ୍ୟତା

ବ୍ରହ୍ମପୁର, (ସବ୍ୟୁ): ଗତ ୩୧ ତାରିଖ ଦିନ ହଳଦିଆ ପଦର ଓଭର ବ୍ରିଜ ଉପରେ ହୋଇଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୫ ଜଣ ମୃତ ହୋଇଥିଲା। ଏହି ଦୁର୍ଘଟଣାରେ ବ୍ରହ୍ମପୁର ଅଯୋଧ୍ୟା ନଗର ନିବାସୀ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସ୍ଥାନୀୟ ବିଧାୟକ କେ. ଅନିଲ କୁମାର ତାଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଆଶ୍ୱସନା ଦେଇଛନ୍ତି । ସ୍ୱର୍ଗତ ପଣ୍ଡା ପରିବାରର ଏକ ମାତ୍ର ରୋଜଗାରିଆ ବ୍ୟକ୍ତି ହୋଇ ଥିବା ଜାଣିଲା ପରେ ବିଧାୟକ କେ ଅନିଲ କୁମାର ତାଙ୍କ ସହଧର୍ମିଣୀ ରଶ୍ମିତା ପଣ୍ଡାଙ୍କୁ ସ୍ଥାନୀୟ ଏମ୍‌କେସିଜି ମେଡିକାଲରେ ଏକ ଚାକିରୀ ଇଏସ୍ ଆଇ ଓ ଇପିଏଫ ସହ ବ୍ୟବସ୍ଥା କରିଦେଇଛନ୍ତି । ଆଗାମୀ ଦିନରେ ପରିବାରକୁ ଆବଶ୍ୟକ ଅନୁଯାୟୀ ସମସ୍ତ ସହଯାଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଦୁର୍ଘଟଣା ଦିନ ବିଧାୟକ ଜରୁରୀ କାମରେ ସହର ବାହାରେ ଥିବା ସତ୍ତ୍ୱେ ଫୋନ ଯୋଗେ ପରିବାର ସଦସ୍ୟଙ୍କ ସହ କଥା ହୋଇ ସମବେଦନା ଜଣାଇଥିଲେ। ଏହି ନିଯୁକ୍ତି ପତ୍ର ପରିବାର ପାଇଁ କେବଳ ଆର୍ଥିକ ସହାୟତା ନୁହେଁ, ଏକ ଭରସା ଓ ନୂଆ ଆଶା ପଥ ହୋଇଛି। ଏହିପରି କାର୍ଯ୍ୟ ପାଇଁ ପରିବାର ବର୍ଗ ବିଧାୟକଙ୍କ ନିକଟରେ ଋଣି ବୋଲି ପ୍ରକାଶ କରିଛନ୍ତି। ବିଧାୟକଙ୍କ ଏହି ପରି ମହାନ କାର୍ଯ୍ୟ ପାଇଁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି ।

## ଡ୍ରିମ୍ସ ନର୍ସିଂ ସ୍କୁଲରେ ବିଶ୍ୱ କର୍କଟ ଦିବସ




କଟକ, (ସ୍ୱପ୍ର) : ଡ୍ରିମ୍‌ସ ନର୍ସିଂ ସ୍କୁଲର ସର୍ଜିକାଲ ନର୍ସିଂ ବିଭାଗ ଆନୁକୂଲ୍ୟରେ ବିଶ୍ୱକର୍କଟ ଦିବସ ପାଳିତ ହୋଇଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଶିକ୍ଷାନୁଷ୍ଠାନ ନିକଟରୁ ସଚେତନତା ପଦଯାତ୍ରା କ୍ୟାମ୍ପସ ପରିକ୍ରମା କରିଥିଲା । ପଦ୍ମିନୀ କେୟାର ହସ୍‌ପିଟାଲ ପରିସରରେ ଚଳିତ ବର୍ଷର ପ୍ରସଙ୍ଗ ୟୁନାଇଟେଡ୍ ବାଏ ୟୁନିକ୍ ଉପରେ ବିଏସ୍‌ସି ନର୍ସିଂ ୪ର୍ଥ ସେମିଷ୍ଟର ଛାତ୍ରଛାତ୍ରୀ ନାଟକ ପରିବେଷଣ କରିଥିଲେ । ଡିନ୍ ଡ. ପ୍ରଥିମା ପ୍ରକାଶମ୍ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ନିର୍ଦ୍ଦେଶକ ( ଛାତ୍ର ସଂପର୍କ) ଲୋକନାଥ ବେହେରା ପରିବର୍ତ୍ତିତ ଜୀବନ ଶୈଳୀ ଯୋଗୁ ବୃଦ୍ଧି ପାଉଥିବା କର୍କଟ ରୋଗ ସଂପର୍କରେ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ । ପଦ୍ମିନୀ କେୟାରର ପରିଚାଳନା ନିର୍ଦ୍ଦେଶିକା ନୀଳଞ୍ଜନା ମୁଖାର୍ଜୀ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ସହକାରୀ ଡିନ୍.ଏନ୍ ପ୍ରେମଲତା ଦେବୀ ଏବଂ ଶିକ୍ଷାନୁଷ୍ଠାନର ଅଧାପକ, ଅଧାପିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବ୍ରାଉନସୁଗର ଜବତ : ଯୁବକ ଗିରଫ

ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ମଧାହ୍ନ ସମୟରେ ଧର୍ମଶାଳା ଥାନା ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। ଚଢାଉ ବେଳେ ଅବକାରୀ ବିଭାଗ ୫୭ ଗ୍ରାମ ବ୍ରାଉନ ସୁଗାର ଜବତ କରିବା ସହିତ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ଧର୍ମଶାଳା ଥାନା ଚହଟା ଗ୍ରାମର ମମିନ ଖାଁଙ୍କ ପୁଅ ମସିମ ଖାଁ (୪୦)ବୋଲି ଜଣାପଡ଼ିଛି । ଅବକାରୀ ସୂଚନା ମୁତାବକ ଧର୍ମଶାଳା ଥାନା ଅଂଚଳରେ ବ୍ୟାପକ ବ୍ରାଉନ ସୁଗାର କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା । ଅଭିଯୋଗ ଆଧାରରେ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ମଧାହ୍ନ ସମୟରେ ଭାଲୁଖାଇ ରାସ୍ତା ଗୋକର୍ଣ୍ଣେଶ୍ୱର ମନ୍ଦିର ସାମ୍ନାରୁ ମସିମକୁ ଗିରଫ କରିବା ସହିତ ତାହା ପାଖରୁ ଏକ ବାଇକ୍ ଓ ୫୭ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲେ । ଯାହାର ଆନୁମାନିକ ମୂଲଯ ୫ଲକ୍ଷ ୭୦ହଜାରରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ଏନେଇ ଅବକାରୀ ବିଭାଗ ପକ୍ଷରୁ କେସ୍ ନଂ୨୨୫/୨୬ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଙ୍କୁ ଗିରଫ କୋର୍ଟ ଚାଲାଣ କରାଯାଇଛି । ଏହି ଚଢାଉରେ ଇନ୍ସପେକ୍ଟର ସସ୍ମିତା ହୋତା,ଧର୍ମଶାଳା ଅବକରୀ ଥାନା ଅଧିକାରୀ ଏସଆଇ ଶୁଭଶ୍ରୀ ଚକ୍ର ସାମିଲ ଥିଲେ ।

## ଯୁବକଙ୍କୁ ହତ୍ୟା ଅଭିଯୋଗ, କାରଣ ଅସ୍ପଷ୍ଟ

ଭଞ୍ଜନଗର, (ସବ୍ୟୁ) : ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଥାନା ଅନ୍ତର୍ଗତ ସହର ଉପକଣ୍ଠର ବିଦେଶୀ ମଦ ଦୋକାନ ନିକଟରେ ଫାଷ୍ଟ ଫୁଡ୍ ବ୍ୟବସାୟ କରୁଥିବା ହରି କୃଷ୍ଣ ସ୍ୱାଇଁ (୩୫) ନାମକ ଜଣେ ଯୁବକଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ହତ୍ୟାର କାରଣ ଏବେବି ଅସ୍ପଷ୍ଟ ରହିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏପଟେ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ଶବକୁ ବୁଧବାର ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଥାନାଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ଏହି ଥାନା ଅନ୍ତର୍ଗତ ବଡକୋଦଣ୍ଡା ଗ୍ରାମର ବ୍ରଜ ସୁନ୍ଦର ସ୍ୱାଇଁଙ୍କ ସାନ ପୁଅ ହରି କୃଷ୍ଣ ବହୁ ଦିନ ହେଲା ଭଞ୍ଜନଗର-ବାଉଁଶଲୁଣ୍ଠି ରାସ୍ତାରେ ଥିବା ବିଦେଶୀ ମଦ ଦୋକାନ ନିକଟରେ ଏକ ଫାଷ୍ଟ ଫୁଡ୍ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ । ମଙ୍ଗଳବାର ସନ୍ଧ୍ୟା ୮ ଟା ରେ ଦୋକାନ ନିକଟରେ କୌଣସି କାରଣକୁ ନେଇ ବଚସା ହୋଇଥିବା ବେଳେ କେହି ହରି କୃଷ୍ଣଙ୍କ ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ସେ ଟଳି ପଡ଼ିଥିଲେ। ପରେ ତାଙ୍କୁ ତୁରନ୍ତ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସୂଚନା ପ୍ରକାରେ ମୃତକଙ୍କ ଶରୀରରେ ସେଭଳି କୌଣସି ଆଘାତ ଲାଗିଥିବା ଜଣା ପଡୁନାହିଁ। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବାସ୍ତବ ସତ ସାମ୍ନାକୁ ଆସିବ ବୋଲି ସେ ଉଲ୍ଲେଖ କରିଛନ୍ତି। ମୃତ ହରି କୃଷ୍ଣ ବିବାହିତ ଓ ତାଙ୍କର ୨ ଟି ଛୁଆ ଅଛନ୍ତି। ସେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କର ଦୁଃଖଦ ମୃତ୍ୟୁ ପରେ ଏବେ ତାଙ୍କ ତେଲନୁଣର ସଂସାର ସଂପୂର୍ଣ୍ଣ ଉଜୁଡି ଯାଇଛି। ୨ ଅନାଥ ଶିଶୁ ସଂସାର କଣ ଜାଣିବା ଆଗରୁ ବାପ ଛେଉଣ୍ଡ ହୋଇଗଲେ। ଆଉ ଆଖିରେ ଆଖିଏ ସ୍ୱପ୍ନ ଦେଖିଥିବା ମୃତ ହରି କୃଷ୍ଣଙ୍କ ପତ୍ନୀ ଏବେ ଆଖିଏ ଲୁହରେ ନିଜ ପିଲାଙ୍କ ଭବିଷ୍ୟତ ନେଇ ସନ୍ଦିହାନ ହୋଇପଡ଼ିଛନ୍ତି। ପାଦ ତଳୁ ତାଙ୍କର ମାଟି ଖସି ଯାଇଛି ।

# ସଚେତନତା ହିଁ କର୍କଟ ରୋଗର ମୁଖ୍ୟ ପ୍ରତିରୋଧକ




ଭୁବନେଶ୍ୱର,(ସବ୍ୟୁ): କର୍କଟ ରୋଗର ଭୟାବହତାକୁ କେବଳ ସଚେତନତା ଓ ପ୍ରାରମ୍ଭିକ ଚିହ୍ନଟ ମାଧ୍ୟମରେ ହିଁ ରୋକାଯାଇପାରିବ। ଏହି ସଚେତନ ବାର୍ତ୍ତାକୁ ନେଇ ବିଶ୍ୱ କର୍କଟ ଦିବସ ଅବସରରେ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ପକ୍ଷରୁ ଦଧିଚି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନସ ପରିସରରେ ଏକ ବିଶାଳ କର୍କଟ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ସଚେତନତା କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣ ହସ୍ପିଟାଲର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ରଞ୍ଜନ ଦାସ ଓ ଡାକ୍ତର ଶ୍ୱେତାଲିନା ପରିଜା ଯୋଗଦେଇ କର୍କଟ ରୋଗର କାରଣ, ଲକ୍ଷଣ, ନିରାକରଣ ଓ ପ୍ରତିରୋଧ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବିସ୍ତାର ଭାବେ ବୁଝାଇଥିଲେ ।ଡାକ୍ତର ରଞ୍ଜନ ଦାସ କହିଥିଲେ ଯେ, କର୍କଟ ରୋଗକୁ ଲୁଚାଇ ରଖିବା ପରିବର୍ତ୍ତେ ପ୍ରାରମ୍ଭିକ ସ୍ତରରେ ଚିହ୍ନଟ ଓ ସଠିକ୍ ଚିକିତ୍ସା କଲେ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିବେ। ଡାକ୍ତର ଶ୍ୱେତାଲିନା ପରିଜା ବର୍ତ୍ତମାନ ଦ୍ରୁତ ହାରରେ ବଢୁଥିବା ଓରାଲ, ଲଙ୍ଗ୍ସ, ବ୍ରେଷ୍ଟ ଓ ସର୍ଭାଇକାଲ କର୍କଟର କାରଣ, ଲକ୍ଷଣ ଓ ପ୍ରତିରୋଧ ଉପରେ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ। ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲ ସହ ସମନ୍ୱ ଯୋଜନାରେ ସହାୟତା ପ୍ରଦାନ କରୁଛି। ଏହା ସହିତ କର୍କଟ ପୀଡ଼ିତାଙ୍କୁ ବିନା ମୂଲ୍ୟରେ ଉନ୍ନତମାନର କୃତ୍ରିମ ସ୍ତନ ଓ କେଶ ଯୋଗାଇ ଦେଇ ରୋଗୀଙ୍କ ମନୋବଳ ବୃଦ୍ଧି କରିବାରେ ଅନୁଷ୍ଠାନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ସଚେତନତା ଶିବିରରେ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର ମ୍ୟାନେଜିଂ ଟ୍ରଷ୍ଟି ଅରୂପ ପଟ୍ଟନାୟକଙ୍କ ସମେତ ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଓ ଦଧିଚି ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନସର ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାଇରେକ୍ଟର ଆଡମିନିଷ୍ଟ୍ରେସନ ସୀମାଞ୍ଚଳ ପଣ୍ଡା, ଡିନ୍ ଇଂଜିନିୟରିଂ ସଂଗ୍ରାମ ପଟ୍ଟନାୟକ, ପ୍ରଫେସର ଅଭିମନ୍ୟୁ ଜେନା, ପ୍ଲେସମେଣ୍ଟ ଅଫିସର ହରେକୃଷ୍ଣ ପଟ୍ଟନାୟକ ଓ ଡାକ୍ତର ସନ୍ତୋଷ ପଣ୍ଡା ପ୍ରମୁଖ ଯୋଗଦେଇ ସମାଜରୁ କର୍କଟ ଭୟ ଦୂର କରିବା ପାଇଁ ସାମୁହିକ ଶପଥ ଗ୍ରହଣ କରିଥିଲେ। କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର କର୍ମକର୍ତ୍ତାମାନେ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ଓ ସଫଳ ଭାବେ ପରିଚାଳନା କରିଥିଲେ।

## ମଧୁବାବୁଙ୍କ ତିରୋଧାନ ଦିବସରେ ସ୍ମୃତି ସଭା



କଟକ, (ସ୍ୱପ୍ର): ଓଡ଼ିଆ ଜାତିର ଗର୍ବ, ପ୍ରସିଦ୍ଧ ଆଇନଜୀବୀ ଓ ସମାଜ ସୁଧାରକ କୁଳଭୂଷଣ ମଧୁ ବାବୁଙ୍କ ତିରୋଧାନ ଦିବସ ଅବସରରେ ମଙ୍ଗଳବାର ମହାନଦୀ ବିହାର ସ୍ଥିତ ଜଷ୍ଟିସ ଛକରେ ଏମଡିଏ (ମହାନଦୀ ବିହାର ଡିଭେଲପମେଣ୍ଟ ଆସୋସିଏସନ) ଓ ପେନସନର୍ସ ଆସୋସିଏସନଙ୍କ ମିଳିତ ଆୟୋଜନରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ କୁଳଭୂଷଣ ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ଅର୍ପଣ କରାଯାଇଥିଲା। ପରେ ମିଳିତ ଆନୁକୂଲ୍ୟରେ ଆୟୋଜିତ ସମବେତ ସଭାରେ ମଧୁ ବାବୁଙ୍କ ଦେଶପ୍ରେମ, ନ୍ୟାୟପ୍ରତି ଅଟୁଟ ଆସ୍ଥା ଓ ସମାଜ ସୁଧାରରେ ତାଙ୍କର ଅବିସ୍ମରଣୀୟ ଅବଦାନ ଉପରେ ଆଲୋଚନା କରାଯାଇଥିଲା। ସଭାରେ ଏମଡିଏ ସଭାପତି ସଞ୍ଜୟ କୁମାର ଜେନା ତାଙ୍କ ଭାଷଣରେ କହିଥିଲେ ଯେ, ମଧୁ ବାବୁ କେବଳ ଏକ ଆଇନଜୀବୀ ନଥିଲେ ସେ ଓଡ଼ିଶାର ସ୍ୱାଭିମାନ ଓ ଚେତନାର ପ୍ରତୀକ ଥିଲେ। ସମ୍ପାଦକ ହିମାଂଶୁ ଷଡ଼ଙ୍ଗୀ ମଧୁ ବାବୁଙ୍କ ଜୀବନ ଦର୍ଶନ ଓ ସଂଘର୍ଷମୟ ଯାତ୍ରା ଉପରେ ଆଲୋକପାତ କରି ଯୁବପିଢ଼ିକୁ ତାଙ୍କ ଆଦର୍ଶ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ପେନସନର୍ସ ଆସୋସିଏସନ ପକ୍ଷରୁ ଇଂ. ତାପସ ସାମନ୍ତ ଓ ସମ୍ପାଦକ ପ୍ରମୋଦ ଦାଶ ମଧୁ ବାବୁଙ୍କ ଶିକ୍ଷା, ନାରୀ ସଶକ୍ତିକରଣ ଓ ସମାଜ ସମତା ପ୍ରତି ତାଙ୍କ ଅବଦାନକୁ ସ୍ମରଣ କରିଥିଲେ। ଏହା ସହ ସରକାରୀ ଓକିଲ ମନୋରଞ୍ଜନ ଜେନା, ରବି ନାରାୟଣ ତ୍ରିପାଠୀ, ପ୍ରହ୍ଲାଦ ମହାନ୍ତି, ଇନ୍ଦୁ ଦାଶ ପ୍ରମୁଖ ମଧ ତାଙ୍କର ମୂଲ୍ୟବାନ ମତ ପ୍ରକାଶ କରି ମଧୁ ବାବୁଙ୍କ ଆଦର୍ଶ ଆଜିର ସମାଜ ପାଇଁ କେତେ ପ୍ରସଙ୍ଗିକ, ତାହା ଉଲ୍ଲେଖ କରିଥିଲେ। ଶେଷରେ ଉପସ୍ଥିତ ସମସ୍ତେ କୁଳଭୂଷଣ ମଧୁ ବାବୁଙ୍କ ଦେଖାଇଥିବା ନ୍ୟାୟ, ସତ୍ୟ ଓ ସମାଜ ସେବାର ପଥରେ ଚାଲିବା ପାଇଁ ସଂକଳ୍ପ ଗ୍ରହଣ କରିଥିଲେ।

# ଇଣ୍ଡିଆ ବୁକ ଅଫ୍ ରେକର୍ଡ୍ସରେ ଝିଅ ଆଦବିକା




ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡ କାନପୁରା ଗ୍ରାମର ୩ ବର୍ଷର ଝିଅ ଆଦବିକା ଇଣ୍ଡିଆ ବୁକ ଅଫ ରେକଡର୍‌ସରେ ସ୍ଥାନ ପାଇ ଉପଖଣ୍ଡ ତଥା ଜିଲ୍ଲା ପାଇଁ ଗୌରବ ଅର୍ଜନ କରିଛନ୍ତି । ସ୍ଥାନୀୟ କାନପୁରା ଗ୍ରାମର ଅରବିନ୍ଦ ବିଶ୍ୱାଳ ଓ କୁମାରୀ ଶୁଭଲକ୍ଷ୍ମୀ ଦାସଙ୍କ କୁନି ଝିଅ ଆଦବିକା ବିଶ୍ୱାଳ ଇଣ୍ଡିଆ ବୁକ ଅଫ ରେକଡର୍‌ସରେ ସ୍ଥାନ ପାଇବା ସହ ପୁରସ୍କୃତ ହୋଇଛନ୍ତି । ଇଣ୍ଡିଆ ବୁକ ଅଫ ରେକଡର୍‌ସରେ ସ୍ଥାନ ପାଇବା ପାଇଁ ବୟସ ବର୍ଗରେ ୩୪ଟି ବିଷୟ ଉପରେ ଗୁରୁତ୍ୱ ଦିଆଯାଇଥିବା ବେଳେ ଆଦବିକା ବିଭିନ୍ନ ଶ୍ଲୋକ, ମନ୍ତ୍ର, ଶରୀରର ୨୪ ଟିଅଙ୍ଗ, ୨୧ ପ୍ରକାରର ଯୋଗାକୃତି, ୨୪ ଟି ଟ୍ରାଫିକ ସିଗନାଲ, ୧୬ଟି ଗାଡିର ନାମ, ୭ଜଣ ସ୍ୱାଧୀନତା ସଂଗ୍ରାମୀ, ୧୫ ଟି ଫଳ ଓ ବସ୍ତୁର ବୈଜ୍ଞାନିକ ନାମ, ୧୭ଟି ଜାତୀୟ ପ୍ରତୀକ ଓ ୧୨ ଟି ଇଂରାଜୀ ରାଇମସ ଓ ୧୧ ଟି ହିନ୍ଦୀ ରାଇମ୍ସ ପ୍ରଭୃତି କହି ଇଣ୍ଡିଆ ବୁକ୍ସ ଅଫ ରେକଡର୍‌ସ ହାତେଇବାରେ ସକ୍ଷମ ହୋଇଛନ୍ତି ।କୁନି ଝିଅର ଏହି ସଫଳତାକୁ ନେଇ ବାପା, ମା, ପରିବାର ବର୍ଗ ଓ କାମାକ୍ଷାନଗର ଅଞ୍ଚଳ ବାସୀ ବେଶ ଖୁସି ଥିବାବେଳେ ଏହାକୁ ନେଇ ଆଦବିକାଙ୍କୁ ସମଗ୍ର ଅଞ୍ଚଳ ରେ ବେଶ ପ୍ରଶଂସା କରାଯାଉଛି।

# ପ୍ରଶାସନ ମାଫିଆଙ୍କ ମଧୁଚନ୍ଦ୍ରିକା, ଚୋରା ବାଲି ଦଲାଲ ମାଲାମାଲେ



ରେଙ୍ଗାଳି, (ସବ୍ୟୁ): ରାଜସ୍ୱକୁ ଲୁଟିବାରେ ଲାଗିଛନ୍ତି ବାଲି ମାଫିଆ। ମାଫିଆଙ୍କୁ ରାଜସ୍ୱ ଲୁଟିବାରେ ସହଯୋଗ କରୁଛନ୍ତି କଣିହାଁ ରାଜସ୍ୱ ବିଭାଗୀୟ ଅଧିକାରୀ। ଏହିପରି ସଙ୍ଗୀନ ଅଭିଯୋଗ କରିଛନ୍ତି ଶୁଶୁବା ଗ୍ରାମବାସୀ। ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅଞ୍ଚଳ ଶୁଶୁବା ଓ ସୁଲେଇପାଳ ଅଂଚଳରେ ମାତିଛନ୍ତି ବାଲି ମାଫିଆ। ସେମାନଙ୍କର ମନମାନି ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି । ଖୁଲମ ଖୁଲା ଦିନ ରାତି କରୁଛନ୍ତି ଚୋରା ବାଲି ଚାଲାଣ। ଜନସାଧାରଣ ବାରମ୍ବାର ଅଭିଯୋଗ କରୁଥିଲେ ମଧ କଣିହାଁ ତହସିଲ କାର୍ଯ୍ୟାଳୟ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ ହେଉଛି। କଣିହାଁ ତହସିଲ ଅଧିନରେ ଥିବା ଶୁଶୁବା ବାଲିଘାଟରୁ ପ୍ରତ୍ୟେକ ଦିନ ଶହଶହ ଟ୍ରିପ ବାଲି ଚୋରା ଚାଲାଣ କରି ମାଫିଆ ଓ କିଛି ଅଧିକାରୀ ମାଲେ ମାଲ ହେଉଥିବା ବେଳେ ବାରମ୍ବାର କଣିହାଁ ତହସିଲଦାର, ମାଇନିଂ ଅଧିକାରୀ, ପୋଲିସ ପ୍ରଶାସନକୁ ବାରମ୍ବାର ଏ ବିଷୟରେ ଗ୍ରାମବାସୀ ଓ ବୁଦ୍ଧିଜୀବୀଙ୍କ ତରଫରୁ ଜଣାଯାଉଥିଲେ ମଧ ପ୍ରଶାସନ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଣୁ ବାଲିଘାଟ ଅଂଚଳରେ ପ୍ରଶାସନ ଏବଂ ବାଲି ମାଫିଆଙ୍କ ମଧରେରେ ମଧୁ ଚନ୍ଦ୍ରିକା ରହିଛି ବୋଲି ଗ୍ରାମବାସୀ କହିବା ଆରମ୍ଭ କଲେଣି। ଗ୍ରାମବାସୀ ଚୋରା ବାଲି ଉଠାଣକୁ ବିରୋଧ କରୁଥିବା ବେଳେ, ଗ୍ରାମର ବାସିନ୍ଦା ପ୍ରଶାସନକୁ ବାରମ୍ବାର ଟେଲିଫୋନ ମାଧମରେ ଯୋଗାଯୋଗ କଲେ ସୁଦ୍ଧା ଲୋକଙ୍କ ଫୋନକୁ ଉଠାଉ ନାହାନ୍ତି କଣିହାଁ ତହସିଲଦାର। ତହସିଲଦାର ଘଟଣାସ୍ଥଳକୁ ଯାଇ ଖାଲି ହାତରେ ଫେରୁଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଏଭଳି ଚୋରା ବାଲି ଉଠାଣ, ଚୋରା କୋଇଲା ବେପାର ଆଦିକୁ ପ୍ରଶାସନ କିଛି ହାତ ଗୁଞ୍ଜା ନେଇ ଅଣଦେଖା କରୁଛି ନା କାହା ଚାପରେ ପ୍ରଶାସନ ଚେପା ହେଇଯାଇଛି ବୋଲି ଅଞ୍ଚଳବାସୀଙ୍କ ମଧରେ ସଂଶୟ ଦେଖା ଦେଇଛି। ତୁରନ୍ତ ଏହି ବେଆଇନ ବାଲି ଉତ୍ତୋଳନକୁ ବନ୍ଦ କରିବା ପାଇଁ ଜିଲ୍ଲାପାଳ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି କରାଯାଇଛି ।

# ଏମ୍‌ଏସ୍‌ଏସ୍ କଲେଜରେ ବାର୍ଷିକ ଉତ୍ସବ

ଓଡାପଡା, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ ଗଉଡକାଟେଣୀ ସ୍ଥିତ ଏସ୍‌ଏସ୍‌ଏସ୍ ଉଚ୍ଚ ମାଧମିକ ଓ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବୁଧବାର ଖୁବ୍ ଧୁମଧାମରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ତାରା ପ୍ରଶନ୍ନ ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଢେଙ୍କାନାଳ ଉପଜିଲ୍ଲାପାଳ ବିଭୂଧ ଗଡନାୟକ ମୁଖ୍ୟ ଅତିଥି ଏବଂ ସମ୍ମାନୀତ ଅତିଥି ଭାବେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣିଙ୍କ ହିନ୍ଦୋଳ ପ୍ରତିନିଧି ସୁଶାନ୍ତ ପତି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ଓଡାପଡା ପ୍ରତିନିଧି ସହଦେବ ପୃଷ୍ଟି, ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୂର ପାଟଶାଣି, ସାହିତ୍ୟିକ ପ୍ରମୋଦ ନାୟକ, କଲେଜ ପ୍ରତିଷ୍ଠାତା ସଦସ୍ୟ ରମେଶ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ବୃନ୍ଦ ଉତ୍ତମ ଚରିତ୍ର ଗଠନ କରି ସମାଜରେ ଉଦାହରଣ ସୃଷ୍ଟି କରନ୍ତୁ ଏବଂ ଦୃଢ ଇଚ୍ଛା ଶକ୍ତି ବଳରେ ସଫଳତା ହାସଲ କରି ରାଷ୍ଟ୍ର ସେବାରେ ବ୍ରତୀ ହେବାକୁ ଅତିଥି ବୃନ୍ଦ ପରାମର୍ଶ ପ୍ରଦାନ କରିଥିଲେ । ଏହି ଅବସରରେ କଲେଜର ବିଭିନ୍ନ ବିଭାଗରେ କୃତୀତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ କଲେଜ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ କିରାଣୀ ଇନ୍ଦ୍ରଜିତ୍ ପରିଡା ସମେତ କଲେଜର ସମସ୍ତ ଅଧାପକ ଅଧାପିକା ଏବଂ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ଡିଗ୍ରୀ କଲେଜ ଅଧାପିକା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ବଇଣ୍ଡା ହାଇସ୍କୁଲର ବାର୍ଷିକ ଉତ୍ସବ

ଠାକୁରଗଡ, (ସବ୍ୟୁ): ଯେଉଁ ଅଞ୍ଚଳ ରେ ଶିକ୍ଷା ର ଅଗ୍ରଗତି ହେଉ ନାହି ସେହି ଆଞ୍ଚଳ ସବୁବେଳେ ପଛୁଆ ହୋଇ ରହିଯାଉଛି । ସବୁ ବେଳେ ଶିକ୍ଷାର କିପରି ବିକାଶ ହୋଇ ପାରିବ । ଶିକ୍ଷାକୁ ଶିକ୍ଷକ ସମାଜବ୍ରତ ଭାବରେ ଗ୍ରହଣ କରନ୍ତୁ ବୋଲି ବୁଧବାର ଦିନ ବଇଣ୍ଡା ହାଇସ୍କୁଲର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥି ମାନେ ମତ ପ୍ରକାଶ କରିଛନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରି ସୁକାନ୍ତି ମଞ୍ଜରି ଚଟମ୍ବାଙ୍କ ସଭପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବରେ କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ବଇଣ୍ଡା ଜନତା ମହାବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ଖମାରି , ଅନ୍ୟତମ ଅତିଥି ଭାବରେ ହଣ୍ଡପା ଆଇଆଇସି ରାଜେସ କୁମାର ଶତପଥୀ, ଅନୁଗୋଳ ବ୍ଲକ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ, ସିଆରସିସି ରଞ୍ଜନ କୁମାର ବିଶ୍ୱାଳ, ଅନୁଗୋଳ ବାଜି ରାଉତ ଛାତ୍ରାବାସର ଉପଦେଷ୍ଟା, କ୍ରୀଷ୍ଣା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ । ଶିକ୍ଷକ ଅନାଦି ବିଶି ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଶି କେସନ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଗୋପାଳ ଚନ୍ଦ୍ର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଶିକ୍ଷକ ଭବାନୀ ଶଙ୍କର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କଳ୍ପନା ସାହୁ, ରଶ୍ମୀ ବେହେରା, ଜ୍ୟୋସ୍ନା ରାଣୀ ସାହୁ ,ନରେନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ



ପାଲଲହଡ଼ା, (ସବ୍ୟୁ): ପାଲଲହଡ଼ା ଟାଉନ ମାତୃବିହାରଠାରେ ଅବସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସପ୍ତଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଅଛି । ଏହି ବାର୍ଷିକ ଉତ୍ସବରେ ପାଲଲହଡ଼ାର ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଶିକ୍ଷା କେନ୍ଦ୍ରର ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣ ମାଧମରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଶୈକ୍ଷିକ ପ୍ରଣାଳୀ ବିଦ୍ୟାଳୟରେ କେବଳ ଶିକ୍ଷା ନୁହଁ ବରଂ ଜଣେ ମଣିଷକୁ ଉତ୍ତମ ଭାବରେ ଗଢି ତୋଳିବାର ଯେଉଁ ସଂସ୍କାର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ଆବଶ୍ୟକ ତାହା ଏହି ଶିକ୍ଷା କେନ୍ଦ୍ରରେ ପ୍ରଦାନ କରାଯାଇଥାଏ । ଏହା ଭବିଷ୍ୟତରେ ନିଜ ଚରିତ୍ର ଗଠନ କରିବାରେ ବହୁ ସହାୟକ ହୋଇଥାଏ ବୋଲି ପ୍ରତିପାଦନ କରିଥିଲେ । ପରିଶେଷରେ ଅନୁଷ୍ଠାନର ସଭାପତି ପଞ୍ଚାନନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ପାଲଲହଡ଼ା ମଣ୍ଡଳ ସଭାପତି ଆଶିଷ ସାମଲ ପୂର୍ବତନ ସଭାପତି ଧର୍ମେନ୍ଦ୍ର ସାହୁ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବାର୍ଷିକ ସ୍କାଉଟ୍ସ ଓ ଗାଇଡ୍ସ କ୍ୟାମ୍ପୋରି ଅନୁଷ୍ଠିତ




ଅନୁଗୁଳ (ସବ୍ୟୁ): ଅନୁଗୋଳ ଜିଲ୍ଲା ସ୍ତରୀୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ବାର୍ଷିକ କ୍ୟାମ୍ପୋରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅନୁଗୋଳ ଠାରେ ଅନୁଷ୍ଠିତ ହୋଇଯାଇ ଅଛି। ସକାଳ ୧୦ ଘଟିକା ସମୟରେ ଅନୁଷ୍ଠାନର ମୁଖ୍ୟ କମିଶନର ତଥା ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ସମ୍ମାନୀତ ଅତିଥି ଭାବରେ ଉପସ୍ଥିତ ଥିଲେ। ଜିଲ୍ଲା ସମ୍ପାଦକ ତଥା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବିନୋଦ ଚନ୍ଦ୍ର ଦେହୁରୀଙ୍କ ସଭାପତିତ୍ୱରେ ଆନୁଷ୍ଠାନିକ ଭାବରେ ଉଦଘାଟିତ ହୋଇଥିଲା। ଜିଲ୍ଲାର ସମସ୍ତ ସ୍କାଉଟ୍ସ, ଗାଇଡ୍ସ ସ୍କଉଟ ମାଷ୍ଟର, ଗାଉଡ କ୍ୟାପଟେନ ଓ ସମସ୍ତ ପଦାଧିକାରୀଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ ସମାରୋହ ଅନୁଷ୍ଠିତ ହୋଇଥିଲା। ଉକ୍ତ କ୍ୟାମ୍ପୋରିରେ କୁଇଜ୍, ମାର୍ଚ୍ଚ ପାଷ୍ଟ, କଲର ପାର୍ଟି, ଫୁଡ୍ ଭିଲା, ଗାଁ ହାଟ, କଳାକୃତି ପ୍ରଦର୍ଶନ, ହସ୍ତତନ୍ତ ପ୍ରଦର୍ଶନ, ପ୍ରଭୃତି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୩ ଘଟିକା ସମୟରେ ଜିଲ୍ଲା ସଂପାଦକଙ୍କ ସଭାପତିତ୍ୱରେ ଉଦଯାପାନୀ ଉତ୍ସବ ଅନୁଷ୍ଠିତ ହେଉଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଓ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ଅନୁଗୋଳ ବ୍ଲକ୍ ଶିକ୍ଷା ଅଧିକାରୀ ଅଶୋକ କୁମାର ପ୍ରଧାନ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଅନୁଗୋଳର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟରଞ୍ଜନ ପ୍ରଧାନ, ଜିଲ୍ଲା ସ୍କଉଟ୍ କମିସନର ଆଶୁତୋଷ ମହାପାତ୍ର, ଜିଲ୍ଲା ଗାଇଡ କମିସନର ଲତିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅତିଥି ଶିକ୍ଷା ସହିତ ସ୍କାଉଟ ଗାଇଡର ଭୂମିକା ଓ ଏହା ଜୀବନ ଶୈଳୀକୁ ଶୃଙ୍ଖଳିତ କରିଥାଏ ବୋଲି ମତ ପୋଷଣ କରିଥିଲେ। ଏଥିରେ ମନୋଜ କୁମାର ସାହୁ, ସତ୍ୟାନନ୍ଦ ରାଉତ, ଅହିଂସା ସେନାପତି, ମନ୍ଦାକିନୀ ପ୍ରଧାନ, ସୁନୀତା ଦାସ ଗୁପ୍ତା, ସମସ୍ତ ସ୍କଉଟ ମାଷ୍ଟର ଓ ଗାଇଡ କ୍ୟାପଟେନ ମାନେ ସହଯୋଗ କରିଥିଲେ ।

## ଆଠମଲ୍ଲିକ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ରାଉରକେଲାକୁ ହରାଇ ଫାଇନାଲରେ କୁଚିଣ୍ଡା

ଆଠମଲ୍ଲିକ, (ସବ୍ୟୁ): ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ମିନି ଷ୍ଟାଡିଅମ ଖେଳ ପଡ଼ିଆରେ କ୍ରୀଡ଼ା ସଂସଦ ତରଫରୁ ଆୟୋଜିତ ହୋଇଥିବା ଆଠମଲ୍ଲିକ କପ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । କୁଚିଣ୍ଡା ୩ ଟି ଗୋଲ ଦେଇଥିଲେ । ଏହି ସଂଘର୍ଷ ପୂର୍ଣ୍ଣ ମ୍ୟାଚରେ ରାଉରକେଲା ଦଳ ବହୁ ଉଦ୍ୟମ ସତ୍ତ୍ୱେ ଗୋଲ ପରିଶୋଧ କରିବାରେ ବିଫଳ ହୋଇଥିଲା। ଫଳରେ ରାଉରକେଲାକୁ ହରାଇ କୁଚିଣ୍ଡା ଫାଇନାଲ ଖେଳି ବାକୁ ଯୋଗ୍ୟ ବିବେଚିତ ହୋଇଛି । ଏହି ମ୍ୟାଚରେ ମୁଖ୍ୟ ରେଫରୀ ଭାବରେ ଦିଲ୍ଲୀପ କୁମାର ରାଉତ, ଲାଇନ୍ସ ମ୍ୟାନ ଭାବେ ଦେବବ୍ରତ ବେହେରା, ସୁଜିତ ରାଜ ହଂସ ଖେଳକୁ ପରିଚାଳନା କରିଥିବା ବେଳେ ଚତୁର୍ଥ ରେଫରୀ ଭାବେ ଅର୍ଜ୍ଜୁନ ନାଏକ ସହଯୋଗ କରିଥିଲେ । ଏହି ମ୍ୟାଚ ଅବସରରେ ଅତିଥି ଭାବେ ଅନୁଗୁଳ ଜିଲ୍ଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଡ଼ଃ ଗୌରଗୋବିନ୍ଦ ସାମନ୍ତ, ଏସିଏଫ ସଚ୍ଚିଦାନନ୍ଦ ସେଠୀ, ରେଞ୍ଜର ସୁନିଲ କୁମାର ସାହୁ, ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଆଠମଲ୍ଲିକ କ୍ରୀଡା ସଂସଦର ସମ୍ପାଦକ ରଞ୍ଜନ ମହାକୁଡ଼, ଟୁର୍ନାମେଣ୍ଟର ସମ୍ପାଦକ ପୂର୍ବତନ ଏନଏସି ଅଧକ୍ଷ ସନ୍ତୋଷ କୁମାର ହୋତା (ଶଙ୍କର ଭାଇ), ପ୍ରାଣ ନାଥ ପଟ୍ଟନାୟକ, ରମେଶ ମହାଲିକ, ପ୍ରିୟ ରଞ୍ଜନ ସେଠୀ, ଅନ୍ତର୍ଯ୍ୟାମୀ ନାଏକ, ସୁଜନ ଭୁକ୍ତା, ପପୁନ ବେହେରା, ଗୁପ୍ତେଶ୍ୱର ଘିବାଲା, ଶିତେଶ ରଥ, ସିଲୁ ପ୍ରଧାନ, ଦୀପକ ବାରିକ, ବିନୟ ନାଏକ, ରାକେଶ କୁମାର ସାହୁ, ଶ୍ରବଣ ତରିଆ, ପଦ୍ମନାଭ ବେହେରା, ଆକାଶ କୁମାର ଅଦା ବର, ସହଦେ ନାଏକ, ରୋହିତ ସାମନ୍ତଙ୍କ ସମେତ ଆଠମଲ୍ଲିକ କ୍ରୀଡ଼ା ସଂସଦର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ । ମ୍ୟାନ ଅପ ଦି ମ୍ୟାଚ ଭାବେ କୁଚିଣ୍ଡା ଦଳର ବିନି କିସାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଗୁରୁବାର ସୁବର୍ଣ୍ଣପୁର ଏବଂ ଆଠମଲ୍ଲିକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ରୀଡ଼ା ସଂସଦ ସମ୍ପାଦକ ରଞ୍ଜନ ମହାକୁଡ଼ ସୂଚନା ଦେଇଛନ୍ତି ।

## ପୌର ପରିଷଦ ୯ ନମ୍ବର ୱାର୍ଡ଼ ହେବକି ପୁରୁଷ ଶୂନ୍ୟ

# କୁମ୍ଭକର୍ଣ୍ଣ ନିଦ୍ରାରେ ପୋଲିସ୍, ଅବକାରୀ ବିଭାଗ

ତାଳଚେର, (ସବ୍ୟୁ): ସରକାରଙ୍କ ଅଜବନୀତି, ମଦ କାରଖାନା ଉପରେ ଚଢ଼ାଉ ନକରିବା ଫଳରେ ଦେଶୀ ହେଉ ଅବା ବିଦେଶୀ ହେଉ ମଦକୁ ଗଳିକନ୍ଦିରେ ଖୋଲମଖୁଲା ଭାବେ କିଛି କୁଚିଆ ବେପାରୀ ବେଆଇନଭାବେ ଘରେ ରଖି ମଦବିକ୍ରି କରୁଥିବାରୁ ଏହାକୁ ସେବନକରି ବୁଢ଼ା ତ ବୁଢ଼ା ଯୁବକମାନେ ଅଳ୍ପବୟସରେ ମୃତ୍ୟୁ ମୁଖରେ ପଡୁଥିବା ସଙ୍ଗୀନ ଅପରାଧ ଆସିଛି ତାଳଚେର ପୌରପରିଷଦର ୯ନଂୱାର୍ଡ଼ ଏକ ନିର୍ଦ୍ଦିଷ୍ଟପଡ଼ାରେ। ଏହି କୁଚିଆ ବେପାରୀମାନେ ଦେଶୀମନ୍ଦ ଓ ବିଦେଶୀ ମଦ ରିଟେଲର୍‌ଙ୍କ ଠାରୁ ଚୋରାରେ କମରେଟରେ ଆଣି ଅଧିକା ରେଟରେ ବିକ୍ରି କରି ଦୁଇମହଲା ଏବଂ ତିନିମହଲା କୋଠା ନିର୍ମାଣ କରୁଥିବା ବେଳେ ବିଚରା ଅଭ୍ୟସ୍ତ ମଦୁଆ ମଦପାନ କରି ସଂସାର ଛାରଖାର କରୁଥିବା ସହ ମାକୁଳରୁ ପୁଅ ଚାଲିଯାଉଥିବା ବେଳେ ତ ଆଉ କିଏ ସ୍ତ୍ରୀକୁ ବିଧବା କରୁଛି। ଏହି ୱାର୍ଡ଼ଟି ତାଳଚେର ଟାଉନଥାନା ଠାରୁ ମାତ୍ର ୧୦୦ମିଟର ପରିସରରେ ରହିଛି। ଯଦି ଖୋଦ୍ ଥାନା ଓ ଅବକାରୀ ପାର୍ଶ୍ୱରେ ଏତେଶୟ ମଦ ବିକ୍ରି ଚାଲିଛି ତେବେ ଗାଁଗଣ୍ଡା କଥା ନକହିବା ଭଲ। କୁହାଯାଉଥିବା ବରିଷ୍ଠ ପୋଲିସ୍ ଅଧିକାରୀ ଓ ଅବକାରୀ ବିଭାଗ ସବୁଜାଣି ଅଜଣା କାହିଁକି! ଏହାକୁ ନେଇ ସାଧାରଣରେ ପ୍ରଶ୍ନ ହେଉଛି। ତେବେ ତାଳଚେର ଥାନାରେ ଆଇଆଇସି ଦୀର୍ଘବର୍ଷ ରହିବାପରେ ଯଦି ଏଭଳି ପରିସ୍ଥିତି ଉପୁଜେ ତେବେ ଦୋଷ ଦେବା କାହାକୁ। ଏହି ୱାର୍ଡ଼ରେ ମଦ୍ୟପାନ କରି ବର୍ଷ ମଧରେ ପ୍ରାୟ ୨୦ରୁ ୨୫ଜଣ ଯୁବକ ଅକାଳରେ ଜୀବନ ହାରିଥିବା ସେହି ଅଂଚଳରୁ ଶୁଣିବାକୁ ମିଳେ। ତେଣୁ ତୁରନ୍ତ ଏଥିପ୍ରତି ପୋଲିସ୍ ଡ଼ିଜି ଓ ଅବାକରୀ କମିଶନର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ନଚେତ୍ ଏହି ୱାର୍ଡ଼ଟିରେ ଆହୁ ଅଳ୍ପଦିନରେ ପୁରୁଷ ଶୂନ୍ୟ ହେବା ଘଟଣାକୁ ଏଡ଼ାଇ ଦିଆଯାଇନପାରେ।

## ଉତ୍କଳ ଆସୋସିଏସନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସରୁଆଳି ଏକାଦଶ ଚାମ୍ପିଅନ

ପାଲଲହଡା, (ସବ୍ୟୁ): ପାଲଲହଡ଼ା ବ୍ଲକ ଅନ୍ତର୍ଗତ ଚସାଗୁରୁଜାଙ୍ଗ ପଡିଆଠାରେ ଗତ ୫ ଦିନ ଧରି ଉତ୍କଳ ଆସୋସିଏସନ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଆଜିର ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଚମ୍ପିୟାନ ଓ ରନର୍ସ ଅପ ଦଳକୁ ଉତ୍ସାହିତ କରିବା ସହିତ ପୁରସ୍କୃତ କରିଥିଲେ। ତ୍ରିରଙ୍ଗା କ୍ଲବ ଡେରେଙ୍ଗ ଓ ମା ମଙ୍ଗଳା କ୍ଲବ ସରୁଆଳୀ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଆଜିର ଏହି ଫାଇନାଲ ମ୍ୟାଚ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ଓ ଚିତାକର୍ଷକ ଥିଲା । ଆଜିର ଫାଇନାଲ ମ୍ୟାଚରେ ତ୍ରିରଙ୍ଗା କ୍ଲବ ଡେରେଙ୍ଗକୁ ୧୭ ରନରେ ପରାସ୍ତ କରି ସରୁଆଳି ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକ ତାଙ୍କ ଅଭିଭାଷଣ ମାଧମରେ ବିଗତ ୧୯ ମାସ ଦାୟିତ୍ୱ ନେବା ଭିତରେ ପଞ୍ଚାୟତର ମୁଖ୍ୟ ରାସ୍ତା ପାଇଁ ୪ କୋଟି ଟଙ୍କାର ଅନୁଦାନ, ନୂତନ ମେଡିକାଲ ପାଇଁ ୧ କୋଟି ୨୦ ଲକ୍ଷ ଏବଂ କ୍ଲବ ଘର ପାଇଁ ବିଧାୟକ ଫାଣ୍ଡିରୁ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିବା ସୂଚନା ସମସ୍ତଙ୍କୁ ଅବଗତ କରାଇଲେ । ପରିଶେଷରେ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ସ୍ଥାନୀୟ ସରପଞ୍ଚ ତପସ୍ୱିନୀ ପ୍ରଧାନ, ବିଧାୟକଙ୍କ ପ୍ରତିନିଧି ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ପାଲଲହଡ଼ା ବିଜେପି ମଣ୍ଡଳ ସଭାପତି ଆଶିଷ ସାମଲ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ହିଙ୍ଗୁଳା ନୋଡ଼ାଲ ହାଇସ୍କୁଲର ଦ୍ୱାଦଶତମ ବାର୍ଷିକ ଉତ୍ସବ

# କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି



ତାଳଚେର, (ସବ୍ୟୁ): ତାଳଚେର ବ୍ଲକସ୍ଥିତ ହିଙ୍ଗୁଳା ନୋଡ଼ାଲ ହାଇସ୍କୁଲର ଦ୍ୱାଦଶତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରୀଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ତାଳଚେର ବ୍ଲକ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା, ମୁଖ୍ୟ ବକ୍ତା ଭାବରେ ହିଙ୍ଗୁଳା ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ପ୍ରସନ୍ନ କୁମାର ବିଶ୍ୱାଳ, ସମ୍ମାନୀତ ଅତିଥି ଭାବରେ କଳମଛୁଇଁ ପଚାୟତର ସରପଂଚ ଅନୀଲ କୁମାର ପ୍ରଧାନ, ତାଳଚେର ବ୍ଲକ ଉପାଧକ୍ଷ ଆଞ୍ଚଲ ପ୍ରଧାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା ହିଙ୍ଗୁଳା ପାଠାଗାରର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶୁଶାନ୍ତ କୁମାର ଗୋଛାୟତ, ପଞ୍ଚସଖା ଶିକ୍ଷାସେତୁର ସଭାପତି ସମାଜସେବୀ ମୁରଲୀଧର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ଅନ୍ୟତମ ଅତିଥି ଭାବରେ କଳମଛୁଇଁ କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜିକା ପ୍ରତିମା ତରାଇ, ଗୋବରା କ୍ଲଷ୍ଟରର ସଂଯୋଜକ ଅମୀୟ ଶଙ୍କର ଦାଶ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ଏହି ଅବସରରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତ୍ରିଲୋଚନ ପ୍ରଧାନ ଅତିଥି ପରିଚୟ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ବେହେରା ନିଜ ଅଭିଭାଷଣରେ ଜାତୀୟ ଶିକ୍ଷାନୀତି ୨୦୨୦ ସମ୍ବନ୍ଧରେ ଆଲୋକପାତ କରିବା ସହ କଠିନ ପରିଶ୍ରମ, ପ୍ରଚଣ୍ଡ ନିଷ୍ଠା ଓ ଗଭୀର ଅଧ୍ୟବସାୟ ବଳରେ ଛାତ୍ରଛାତ୍ରୀମାନେ ସଫଳତା ହାସଲ କରିପାରିବେ ବୋଲି କହିଥିଲେ । ଏହି ଅବସରରେ ବିଦ୍ୟାଳୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ଏହାପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ ଅନୁପମା ବଳ ଓ କ୍ରୀଡ଼ା ଶିକ୍ଷକ ପୁରୁଷତୋମ ମହାନ୍ତି ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ଅରୁଣ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଶିକ୍ଷୟତ୍ରୀ ଚିନ୍ମୟୀ ପ୍ରଧାନ, ଅନୀଲ କୁମାର ନାୟକ, ସନ୍ତୋଷ କୁମାର ଭୋଇ, ଅରୁଣ କୁମାର ବେହେରା, ନନ୍ଦିନୀ ବେହେରା, ସୁଦେଷ୍ଣା ବେହେରା, ତାପକ କୁମାର ଭୂକ୍ତା, ରାଜକିଶୋର ସାହୁଙ୍କ ସମେତ ସୁବାସ ସ୍ୱାଇଁ, ଗୋପବନ୍ଧୁ ଗୋଛାୟତ ପ୍ରମୁଖ ସହଯୋଗ କରିଥିଲେ ।

# ବିଭିନ୍ନ ସମସ୍ୟାକୁ ନେଇ ବିଡିଓଙ୍କୁ ଦାବିପତ୍ର



ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ଅଞ୍ଚଳରେ କାର୍ଯ୍ୟ କରୁଥିବା କୃଷି ମିତ୍ର ଓ ପ୍ରାଣୀ ମିତ୍ରଙ୍କ ପକ୍ଷରୁ ବୁଧବାର ଦିନ କିଶୋରନଗର ବିଡିଓ ସୁବ୍ରତ କୁମାର ବେହେରାଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସେମାନେ ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ସରକାର ପୂର୍ବରୁ ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ କାମ କରାଉ ଥିଲେ । ଏପରିକି ଲକ୍ଷପତି ଯୋଜନାରେ ସେମାନେ ୩ ବର୍ଷ ହେବ ବିନା ପାରିଶ୍ରମିକରେ ଅନଲାଇନରେ ଏଣ୍ଟ୍ରି କରୁଥିଲେ । ହେଲେ ସେମାନଙ୍କୁ ଏନେଇ କୌଣସି ପାରିଶ୍ରମିକ ଦିଆଯାଇ ନାହିଁ । ବର୍ତ୍ତମାନ ସେମାନଙ୍କୁ କାର୍ଯ୍ୟ ଅନୁସାରେ ଦରମା ଯୋଗାଇ ଦେବା ପାଇଁ ସରକାର ନିଷ୍ପତି ନେଇଥିବା ବେଳେ ଲକ୍ଷ ପତି ଦିଦି ଯୋଜନା ରେ ଡାଟା ଏଣ୍ଟ୍ରି ପାଇଁ ସେମାନ ଙ୍କୁ ବାଦ ଦିଆଯାଇଛି । ଯାହାକି ସେମାନେ ବିରୋଧ କରିଛନ୍ତି । ସେମାନଙ୍କୁ ଲକ୍ଷ ପତି ଦିଦି ଯୋଜନା ଡାଟା ଏଣ୍ଟ୍ରି ପାଇଁ ଅନୁମତି ଦେବା ପାଇଁ ସସ୍ମିତା ସାହୁ , ରସମିତା ସାହୁ, ଝିଲି ରାଣୀ ପ୍ରଧାନ, ସୁଜାତା ପ୍ରଧାନ, ରାନୁ ସାହୁ, ଲଳିତା ସାହୁ, ସୁଷମା ପ୍ରଧାନ, ରତ୍ନଶ୍ରୀ ନନ୍ଦ ଦାବି କରିଛନ୍ତି ।

# ମାନବିକ ବିଦ୍ୟାଭବନକୁ ପୋଷ୍ୟ କଲେ ଡା. ଶୀତ କଣ୍ଠ ଦାସ



କେନ୍ଦୁଝର, (ଜିପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ବ୍ରଜମୋହନପୁରସ୍ଥିତ ମାନବିକ ବିଦ୍ୟାଭବନକୁ କଳିଙ୍ଗ ହସପିଟାଲ ଅଧକ୍ଷ ଡ. ଶୀତ କଣ୍ଠ ଦାଶ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଛନ୍ତି। ନିକଟରେ ଶ୍ରୀ ଦାଶ ଏହି ବିଦ୍ୟାଳୟରେ ଅନୁଷ୍ଠିତ ସଦଭାବନା ଦିବସରେ ଆମେରିକାରୁ ଆସି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନାନା ଅଭାବ ଅସୁବିଧା ଭିତରେ ଚାଲିଥିବା ଏହି ଘରୋଇ ଆଦର୍ଶ ମଣିଷ ତିଆରି କାରଖାନାକୁ ସେ ପୋଷ୍ୟ ଭାବେ ଗ୍ରହଣ କଲେ ବୋଲି ସଭାରେ ସର୍ବ ସମ୍ମୁଖରେ ଘୋଷଣା କରିଥିଲେ। ଏହା ସହ ଛାତ୍ରଛାତ୍ରୀଙ୍କ ଲାଗି ଶ୍ରେଣୀ ଗୃହ କମ ପଡୁଥିବା ଦେଖି ଏଥିପାଇଁ ସହଯୋଗ କରିବେ ବୋଲି କଥା ଦେଇଥିଲେ। ସେହିଭଳି ଏକ ଉନ୍ନତମାନର ଏକ ଗୋଷ୍ଠୀ ଶୌଚାଳୟ ଏବଂ ବିଦ୍ୟାଳୟରେ ଏକ ସୁଦୃଶ୍ୟ ମଞ୍ଚ ନିର୍ମାଣ ଲାଗି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଶ୍ରୀ ଦାଶ ପ୍ରତିଶ୍ରୁତି ଦେଇ ପ୍ରତିଶ୍ରୁତି ରଖିଛନ୍ତି। ବୁଧବାର ପ୍ରଥମ ପର୍ଯ୍ୟାୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ଲାଗି ୫ ଲକ୍ଷ ଟଙ୍କାର ଏକ ଚେକ ଦେଇଛନ୍ତି। କାମ ଆରମ୍ଭ ହେବାପରେ ଆଉ ୫ ଲକ୍ଷ ଟଙ୍କା ଦେବାକୁ କଥା ଦେଇଛନ୍ତି। କଳିଙ୍ଗ ହସ୍ପିଟାଲ ପରିସରେ ଶ୍ରୀ ଦାଶ ମାନବିକ ବିଦ୍ୟାଭବନର ସମ୍ପାଦିକା କନକଲତା ନାୟକଙ୍କୁ ଏହି ଚେକ ପ୍ରଦାନ କରିଥିଲେ। ଏହି ସମୟରେ କଳିଙ୍ଗ ହସପିଟାଲର ସିଇଓ ଡ. ସନ୍ତୋଷ କୁମାର ଦୋରା, ଡ. ଦାଶଙ୍କ ବ୍ୟକ୍ତିଗତ ସଚିବ ଏସ ଅପରାଜିତା, ସିଏଫଓ ନୃସିଂହ ସ୍ୱାଇଁ, ମାର୍କେଟିଂ ବ୍ରାଣ୍ଡ ମାନେଜର ବିନୟ ନନ୍ଦ ଦାସ, କମ୍ପାନୀ ସେକ୍ରେଟାରୀ ଦେବାଶିଷ ଦିବ୍ୟଜ୍ୟୋତି ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

# ମା’ ହିଙ୍ଗୁଳାଙ୍କ ବାର୍ଷିକ ଉତ୍ସବରେ ୮ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ

ବେତନଟୀ ,(ସବ୍ୟୁ): ଉତ୍ତର ଓଡିଶାର ପ୍ରସିଦ୍ଧ ତଥା ମୟୂରଭଞ୍ଜ ଜିଲ୍ଲା ବେତନଟୀ ପୁଲିସ ଉପଖଣ୍ଡ ଅଧୀନ ବଡସାହି ବ୍ଲକ ର କଉଡ଼ଖଣି ଶାଳ ଜଙ୍ଗଲ ଓ ଛେଳିଆ ପୀଠରେ ପୂଜା ପାଉଥିବା ପ୍ରତ୍ୟେକ୍ଷ ଦେବୀ ମା ହିଙ୍ଗୁଳାଙ୍କ ବାର୍ଷିକ ବଡପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮ଲକ୍ଷରୁ ଉର୍ଦ୍ଧ ଲୋକଙ୍କ ଜନସମାଗମ ହୋଇଥିବାର ଦେଖାଯାଇଛି । ବ୍ୟାରିକେଡ଼ରେ ଲକ୍ଷଲକ୍ଷ ଭକ୍ତ ଶାନ୍ତିଶୃଙ୍ଖଳାର ସହିତ ଲାଇନରେ ଯାଇ ଇଷ୍ଟଦେବ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ଓ ଶ୍ରୀରାମ, ମା ସୀତା, ଲକ୍ଷ୍ମଣ ଓ ହନୁମାନଙ୍କ ମନ୍ଦିର ଏବଂ ଶ୍ରୀ ଭୀମେଶର ମହାଦେବଙ୍କୁ ଦର୍ଶନ କରି ମା ହିଙ୍ଗୁଳାଙ୍କୁ ଦର୍ଶନ କରିବାର ସୁଯୋଗ ପାଇଛନ୍ତି । କମିଟି ଓ ପୁଲିସ ପ୍ରଶାସନ ପକ୍ଷରୁ ମଧ ଏଥିପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ୩ ତାରିଖ ଶନିବାର ମାଙ୍କ ବାର୍ଷିକ ବଡପୂଜା ପାଇଁ ୩୧ ତାରିଖ ଅଧିବାସ, ଅଙ୍କୁର ରୋପଣ ହୋଇ ରବିବାର ଓ ସୋମବାର ଦୁଇ ଦିନ ମା’ଙ୍କ ଅଭିଷେକ, ଷୋଡଶୋପଚାର ପୂଜା, ଚଣ୍ଡିପାଠ ସହିତ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଛି । ମଙ୍ଗଳବାର ବଡପୂଜା ଦିନ ପ୍ରତ୍ୟୁଷ ୪ଟା ୪୫ ମିନିଟରେ ମଙ୍ଗଳଆଳତୀ, ୫ଟା୧୫ରେ ମହାସ୍ନାନ ଓ ୬ଟାରେ ବେଶ ଓ ସୂର୍ଯ୍ୟପୂଜା ଅନୁଷ୍ଠିତ ହେବା ପରେ ୭ ଘଟିକା ପାଖରୁ ଯଜ୍ଞ ଆରମ୍ଭ ସର୍ବସାଧାରଣ ଦର୍ଶନ ଷୋଡଶ ଉପଚାର ପୂଜା, ଚଣ୍ଡିପାଠ ଆରମ୍ଭ



ହୋଇ ଦିନ ତମାମ ଚାଲିବାକୁ ଥିବା ବେଳେ ଅପରାହ୍ନ ୪ଟା ୧୫ ମିନିଟରେ ମା’ଙ୍କ ଚଳନ୍ତି ବିଗ୍ରହ ପାର୍ଶ ଦେବାଦେବୀଙ୍କ ସହିତ ଯଜ୍ଞକୁଣ୍ଡକୁ ବିଜେ କରିବା ପରେ ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ କରାଯାଇ ପୂର୍ଣ୍ଣାହୂତି କରାଯାଇଛି । ଦୀର୍ଘ ୪ ଦିନ ଧରି ଏହି ମେଳା ଖୁବ ଜାକଜକମରେ ପାଳିତ ହୋଇଯାଇଛି । ୩୦ଜଣ ବ୍ରାହ୍ମଣଙ୍କ ଦାରା ସମସ୍ତ ବିଧିବିଧାନ ଅନୁଷ୍ଠିତ ହୋଇଥିବାର ଜଣାଯାଇଛି ।ୟୂରଭଞ୍ଜ ସମେତ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଜିଲ୍ଲା ସହିତ ପଡୋଶୀ ଝାଡଖଣ୍ଡ, ପଶ୍ଚିମବଙ୍ଗ, ବିହାର ରାଜ୍ୟରୁ ଆସିଥିବା ଭକ୍ତଙ୍କ ସମାଗମ ମଧ ଦେଖିବାକୁ ମିଳିଥିଲା । ଗତ ୩୧, ୧ ଓ ୨ ତାରିଖ ସନ୍ଧ୍ୟାରେ ଭଜନ ନୃତ୍ୟ । ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଯାଇଛି । ପୁଲିସ ପକ୍ଷରୁ ଜଣେ ଡିଏସପିଙ୍କ ନେତତ୍ୱରେ ୩ ପ୍ଲାଟୁନ ଫୋର୍ସ, ୩ ଜଣ ଇନିସପେକ୍ଟର, ୨୦ ଜଣ ଅଫିସର, ୪୦ ହୋମଗାର୍ଡ ସହିତ ଅଫିସରମାନେ ଶାନ୍ତିଶୃଙ୍ଖଳା ପାଇଁ ଦାୟିତ୍ୱ ରେ ଥିବା ବେଳେ ତହସିଲଦାର ଓ ବି.ଡି.ଓ ସତର୍କ ଦୃଷ୍ଟି ରଖିଛନ୍ତି । ଆମ୍ବୁଲାନ୍ସ, ଦମକଳିଗାଡି, ପୋଲିସ, ବନବିଭାଗ ଓ ଭିଭିଆଇପି ଗାଡି ବ୍ୟତୀତ ମେଳା ଭିତରକୁ ଅନ୍ୟ ଯାନବାହାନ ଚଳାଚଳକୁ ନିଷିଦ୍ଧ କରାଯାଇଛି । ଶାନ୍ତିଶୃଙ୍ଖଳା ସହିତ ମେଳା ସମାପନ ହୋଇଥିବାରୁ ଟ୍ରଷ୍ଟ ପକ୍ଷରୁ ସମସ୍ତ କମିଟିର ସଦସ୍ୟ, ସେଓ୍ଵଚ୍ଛାସେବୀ ଏନସିସି ଓ ସ୍କାଉଟ୍ସ ଗାଇଡ ପିଲାମାନଙ୍କ ସହିତ ସମସ୍ତ ବିଭାଗର ପ୍ରଶାସନ ତଥା ଜନସାଧାରଣଙ୍କୁ ମୁଖ୍ୟ ଟ୍ରଷ୍ଟି ସୁନୀଲ ଦାଶ ଧନ୍ୟବାଦ ପ୍ରଦାନ କରିଛନ୍ତି ।

# ଟ୍ରଲର ପଛରୁ ପିଟିଲା ଆଇଚର : ୨ ମୃତ, ୨ ଗୁରୁତର

ସୋର, (ସବ୍ୟୁ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଟ୍ରଲରକୁ ପଛରୁ ଏକ ଆଇଚର ଟ୍ରକ ଧକା ଦେବା ଫଳରେ ୨ ଜଣଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇ ବାଲେଶ୍ୱର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ ମଙ୍ଗଳବାର ବିଳମ୍ବିତ ରାତିରେ ଜେଏଚ ୦୧ ଏଫଆର ୦୧୧୧ ନମ୍ବର ବିଶିଷ୍ଟ ଏକ ଆଇଚର ଟ୍ରକ ଭୁବନେଶ୍ୱରରୁ ଘରୋଇ ସାମଗ୍ରୀ ଲୋଡ଼ କରି ରାଞ୍ଚି ଅଭିମୁଖେ ଆସୁଥିବା ବେଳେ ତଳନଗର ନିକଟରେ ଆଗରେ ଯାଉଥିବା ଏକ ଟ୍ରଲର ପଛରୁ ଧକା ଦେଇଥିଲା। ଟ୍ରକ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ବିହାର ପାଟଣା ଅଞ୍ଚଳର ଶ୍ରମିକ ସଞ୍ଜୟ ଯାଦବ,ଅନିଲ ଯାଦବ, ରାଞ୍ଚି ହରମୋ, ବିଦ୍ୟାନଗର ଅଞ୍ଚଳର ପଙ୍କଜ କୁମାର ରୟ (୨୭), ବୈଶାଳି ଜିଲ୍ଲା ରାଘବପୁର, ହଜପରୁଆ ଅଞ୍ଚଳର ରାକେଶ ଯାଦବ (୩୨) ଟ୍ରକ ମଧ୍ୟରେ ଚାପି ହୋଇ ରହିଥିଲେ।ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ, ସୋର ଥାନା ଏସଆଇ ପ୍ରୀତିଜିତ ମହାନ୍ତି, ଏଏସଆଇ ସୁନୀଲ ରାଜ,ମୀନକେତନ ପାତ୍ର ଘଟଣା ସ୍ଥଳରେ ପହଞ୍ଚି ଅଗ୍ନି ଦମକଳ ବାହିନୀ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାକେଶ ଏବଂ ପଙ୍କଜଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ମୃତକଙ୍କ ପରିବାର ଲୋକେ ସୋର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜ୍ଜୁ କରି ଶବ ବ୍ୟବଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ଯାଇଥିବା ଜଣାପଡିଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ଟ୍ରକ ଟିକୁ ଜବତ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ମାଡ଼ିଗଲା ହାଇୱା : ଅଟୋ ସହ ୫ ଦୋକାନ ଘର ଚୁରମାର

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଳେଶ୍ୱର–ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ଚୌକି ହାଟ ଠାରେ ଏକ ହାଇୱା ଗାଡ଼ି ଡ୍ରାଇଭରର ନିୟନ୍ତ୍ରଣ ହରାଇ ଏକ ଅଟୋ ସହିତ ୫ଟି ଦୋକାନ ଭାଙ୍ଗି ଦେଇଛି। ତାହା ସହିତ ମାର୍କେଟ ନିକଟରେ ଗୁରୁବାର ହେବାକୁ ଥିବା ହିନ୍ଦୁ ସମ୍ମିଳନୀ ପାଇଁ ବନ୍ଧା ଯାଇଥିବା ଗେଟକୁ ଭାଙ୍ଗି ଚୁରମାର କରିଦେଇଛି। ଯାହାକୁ ନେଇ ସ୍ଥାନୀୟ ଲୋକ ଓ ଦୋକାନୀମାନେ ରାସ୍ତା ଅବରୋଧ ପାଇଁ ବହୁ ଚେଷ୍ଟା କରିଥିଲେ। ପରେ ଡ୍ରାଇଭରଙ୍କୁ କାବୁ କରିଥିଲେ। ଏ ନେଇ ଭୋଗରାଇ ପୁଲିସକୁ ଖବର ଦେବାପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଡ୍ରାଇଭରଙ୍କୁ ଥାନାକୁ ନେବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ସ୍ଥାନୀୟ ଲୋକେ ଡ୍ରାଇଭରଙ୍କୁ ନ ଛାଡ଼ି କ୍ଷତିପୂରଣ ପାଇଁ ପ୍ରବଳ ବିରୋଧ କରିଥିଲେ। ଏହାକୁ ନେଇ ଉଭୟ ପୁଲିସ ଓ ଜନସାଧାରଣଙ୍କ ଭିତରେ କଥା କଟାକଟି ହୋଇଥିଲା। ପରିଶେଷରେ ପୁଲିସ ଦୋଷୀ ପ୍ରତି ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ କ୍ଷତି ହୋଇଥିବା ଦୋକାନୀଙ୍କୁ ନ୍ୟାୟ ଦିଆଯିବ ବୋଲି କହିବା ପରେ ସ୍ଥାନୀୟ ଲୋକେ ଡ୍ରାଇଭରଙ୍କୁ ପୁଲିସକୁ ଦେଇଥିଲେ।

# ଶିବ ମନ୍ଦିରରୁ ଚୋରି : ଦୁଇ କୋର୍ଟଚାଲାଣ

ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ବଜାର ନିକଟସ୍ଥ କେନ୍ଦୁଆ ଶିବ ମନ୍ଦିରରୁ ଚୋରି କରୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଚୋର ଧରାପଡ଼ି ପୋଲିସକୁ ଜିମା ଦିଆଯାଇଥିବା ବେଳେ ବୁଧବାର ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣାର ପ୍ରକାଶ ଯେ ଗତ ସୋମବାର ଗ୍ରାମର ମନମୋହନ ମଲ୍ଲିକଙ୍କ ପୁଅ ଅନନ୍ତ ନାରାୟଣ ମଲ୍ଲିକ କେନ୍ଦୁଆ ସ୍ଥିତ ଶିବ ମନ୍ଦିରରେ ପଶି କଂସା ଓ ପିତଳ ବାସନ ସହ ଏକ ବଡ଼ଘଣ୍ଟକୁ ଗୋଟିଏ ଜିନ ବ୍ୟାଗରେ ପୁରାଉଥିବା ବେଳେ ପୂଜକଙ୍କ ନଜରରେ ପଡ଼ିଥିଲା। ଖବରପାଇ ମନ୍ଦିର ନିକଟରେ ଶତାଧିକ ଲୋକ ଜମା ହୋଇଯାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ପୂର୍ବରୁ ମଧ୍ୟ ଜାନୁଆରୀ ୧୭ ତାରିଖରେ ନିକଟସ୍ଥ ତାରିଣୀ ମନ୍ଦିରରୁ ସମସ୍ତ କଂସା , ପିତଳ ଓ ତମ୍ବା ବାସନକୁସନ ଚୋରି କରି ବୈଶିଙ୍ଗା ବଜାରରେ ଥିବା ପରଂବ୍ରହ୍ମ ଅଲେଖ ମହିମା ନାମକ କଂସା ବାସନ ଦୋକାନରେ ବିକ୍ରୀ କରିଦେଇଥିବା ସ୍ୱୀକାର କରିଥିଲେ। ଏହି ଘଟଣାକୁ ନେଇ ବୈଶିଙ୍ଗା ଥାନାରେ ତାରିଣୀ ମନ୍ଦିର କମିଟି ପକ୍ଷରୁ ଆଗତ ଅଭିଯୋଗ ଭିତ୍ତିରେ ୨୯/୨୦୨୬ ମୂଳେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା। ଚୋରି ବାସନକୁସନ ଉଦ୍ଧାର ପରେ ଦୋକାନ ମାଲିକ ଅରବିନ୍ଦ ଜେନା ଓ ଅନନ୍ତ ନାରାୟଣ ମଲ୍ଲିକଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

# ମହିଳା କର୍ମଚାରୀଙ୍କୁ ନିର୍ଯାତନା ଚାକିରି ଛାଡ଼ିଲେ ପୀଡ଼ିତା

ବାଲେଶ୍ୱର,(ସବ୍ୟୁ) :ବାଲେଶ୍ୱରସ୍ଥିତ ଓଡ଼ିଶା ରାଜଜ ପୁଲିସ ହାଉସିଂବୋର୍ଡ କାର୍ଯ୍ୟାଳୟ ପରିସରରେ ଜଣେ ମହିଳା ଡାଟାଏଣ୍ଟ୍ରି ଅପରେଟରଙ୍କୁ ସେହି କାର୍ଯ୍ୟାଳୟର ପ୍ରୋଜେକ୍ଟ ମେନେଜର ଦୀର୍ଘ ୧ବର୍ଷ ଧରି ବିଭିନ୍ନ ପ୍ରକାର ନିର୍ଯାତନା ଦେବା ଘଟଣା ଗଣମାଧମରେ ପ୍ରଚାରିତ ହେବାପରେ ସାଧାରଣରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।ମହିଳା ଜଣଙ୍କ ନ୍ୟାୟ ନପାଇ ଶେଷରେ ଚାକିରୀ ଛାଡ଼ିଦେଇଥିବା ଜଣାପଡ଼ିଛି । ଘଟଣାରୁ ପ୍ରକାଶ ଓଡ଼ିଶା ରାଜଜ ପୁଲିସ ହାଉସିଂ କର୍ପୋରେସନରେ ଡାଟା ଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀ ଜଣଙ୍କୁ ସେହି କାର୍ଯ୍ୟାଳୟର ପ୍ରଜେକ୍ଟ ମେନେଜର ବାରମ୍ବାର ଚେମ୍ବରକୁ ଡାକିବା, ୱାଟସପ୍‌ରେ ଅଶ୍ଳୀଳ ମେସେଜ ଦେଇ ପ୍ରେମ ନିବେଦନ କରିବା ବାବଦରେ ମହିଳା ଜଣଙ୍କ ବିଭିନ୍ନ ସ୍ଥାନରେ ଅଭିଯୋଗ କରିବା ସହ ଶେଷରେ ଘଟଣା ବାବଦରେ ସାଂସଦଙ୍କ ନଜରକୁ ଆଣିଥିଲେ । ମାତ୍ର କୌଣସି ସୁଫଳ ନମିଳିବାରୁ ଶେଷରେ ମହିଳା ଜଣଙ୍କ ଏହି ବାବଦରେ ଗଣମାଧମର ସହାୟତା ନେଇଥିଲେ । ମାତ୍ର କୌଣସି ଠାରୁ ନ୍ୟାୟ ନପାଇ ଶେଷରେ ମହିଳା ଜଣଙ୍କ ଚାକିରୀ ଛାଡ଼ିଦେଇଥିବା ଜଣାପଡ଼ିଛି । ମହିଳା ଜଣଙ୍କ ଆହୁରି ମଧ ଅଭିଯୋଗ କରିଛନ୍ତି ଯେ ଅଧିକାରୀ ଜଣଙ୍କ ତାଙ୍କର ସର୍ବସ୍ୱ ଲୁଟ ଉଦ୍ୟମ କରିବା ସହ ଜୀବନରୁ ମାରି ଦେବା ନିମନ୍ତେ ମଧ ଧମକ ଦେଇଛନ୍ତି । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯଯାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି ।

# ବାଲି ଗାଡି ଜବତ

ସୋର, (ସବ୍ୟୁ) :ସୋର ତହସିଲ ପକ୍ଷରୁ ଚଢାଉ କରାଯାଇ ଏକ ବାଲି ବୋଝେଇ ହାଇୱା ଜବତ କରାଯାଇଥିବା ବେଳେ ଏହାର ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି। ସୁଚନା ଅନୁସାରେ ବୁଧବାର ସକାଳେ ଚୋରା ବାଲି ଚାଲାଣ ହେଉଥିବାର ଖବର ପାଇ ସୋର ତହସିଲଦାର ଦୈତାରୀ ମଲ୍ଲିକ ଏକ ଟିମ ସହ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥରେ ଚଢାଉ କରିଥିଲେ। ଏହି ସମୟରେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଓଡି ୦୪ ଡି ୮୮୪୫ ନମ୍ବର ବିଶିଷ୍ଟ ଏକ ବାଲି ବୋଝେଇ ହାଇୱାକୁ ଜବତ କରିଥିବା ବେଳେ ଏହାର ଚାକଳ ଫେରାର ହୋଇଯାଇଥିଲା। ଚଢାଉ ହେଉଥିବା ଜାଣିପାରି ଅନେକ ବାଲି ଗାଡି ରାସ୍ତା ବଦଳାଇ ଫେରାର ହୋଇଯାଇଥିବା ବେଳେ ଜବତ ବାଲି ଗାଡିକୁ ସୋର ତହସିଲ ପରିସରରେ ରଖାଯାଇଥିବା ଜଣାପଡିଛି।

# ଛତ୍ରପୁରରୁ ଜବରଦଖଲ ଉଚ୍ଛେଦ

ସୋର, (ସବ୍ୟୁ) :ସୋର ପୌରପାଳିକା ଅଧିନ ଛତ୍ରପୁର ଛକ ଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଯାଗାରେ ହୋଇଥିବା ଜବରଦଖଲକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଜବରଦଖଲ କାରଣରୁ ଲୋକେ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହେଉଥିଲେ। ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶରେ ବୁଧବାର ମଧ୍ୟାହ୍ନରେ ସୋର ତହସିଲଦାର ଦୈତାରି ମଲ୍ଲିକ ଓ ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନ ଉପସ୍ଥିତ ରହି ଜବରଦଖଲକୁ ଉଚ୍ଛେଦ କରିଥିଲେ। ଏହି ସମୟରେ ଅନେକ ଘର ଭଙ୍ଗା ଯାଇଥିବା ବେଳେ ୪ଟି ଘରକୁ ନେଇ ଉଚ୍ଚ ନ୍ୟାୟାଳୟରେ ଲୋକେ ଦ୍ୱାରସ୍ଥ ହୋଇଥିବାରୁ ଆଗାମୀ ୬ ସପ୍ତାହ ମଧ୍ୟରେ ଏହାର ସମାଧାନ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଥିବାରୁ ଉକ୍ତ ୪ଟି ଘରକୁ ଛାଡି ବାକି ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଏହି ସମୟରେ ପୌର କର୍ମଚାରୀ , ତହସିଲ କର୍ମଚାରୀ , ବିଦ୍ୟୁତ ବିଭାଗ , ଅଗ୍ନିଶମ ବିଭାଗ ଓ ସୋର ପୁଲିସ ସହଯୋଗ କରିଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ୨ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

# ଜଳିଗଲା ୪ ବଖରା

ସୋର, (ସବ୍ୟୁ) :ସୋର ପୌରପାଳିକା ଅନ୍ତର୍ଗତ ଘୋଡାସାହି ଗ୍ରାମରେ ଅଗ୍ନିକାଣ୍ଡ ଘଟି ଚାରି ବଖରା ଘର ଜଳିଯାଇଥିବା ଜଣାପଡିଛି। ସୁଚନା ଅନୁସାରେ ବୁଧବାର ମଧ୍ୟାହ୍ନରେ ସୋର ପୌରପାଳିକା ଅଧିନ ଘୋଡାସାହି ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ଚାଳ ଘରକୁ ମରାମତି କରାଯାଉଥିବା ବେଳେ ହଠାତ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିବା ସହିତ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ସୋର ଅଗ୍ନିଶମ ବିଭାଗ କର୍ମଚାରୀମାନେ ଦୁଇଟି ଦମକଳ ସହ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସେତେବେଳକୁ ଚାରି ବଖରା ଘର ସମେତ ଆସବାବପତ୍ର ପୋଡିଜଳି ପାଉଁଶ ହୋଇଯାଇଥିଲା। ରାମଚନ୍ଦ୍ର ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

# ରାଷ୍ଟ୍ରପତିଙ୍କ ଠାରୁ ସ୍ୱର୍ଣ୍ଣପଦକ ଗ୍ରହଣ କଲେ ସୌମ୍ୟାଂଶୁ

ଆଗରପଡ଼ା, (ସବ୍ୟୁ): ଜିଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଂଚାୟତ ନିମପ ଗ୍ରାମର ସୌମ୍ୟାଂଶୁ କର ଶର୍ମା ଫକିର ମୋହନ ବିଶ୍ୱବିଦ୍ୟାଳୟରେ ଏମଏସସି (ପଦାର୍ଥ ବିଜ୍ଞାନ)ରେ ସର୍ବୋଚ୍ଚ ନମ୍ବର ରଖି ଟପର ହୋଇଥିବାରୁ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ସ୍ୱର୍ଣ୍ଣ ପଦକ ସହ ମାନପତ୍ର ପ୍ରଦାନ କରିଛନ୍ତି । ଅନୁଷ୍ଠିତ ସମାବର୍ତ୍ତନ ଉତ୍ସବରେ ଅନ୍ୟତମ ବିଶିଷ୍ଟ ଅତିଥିଭାବେ ଓ ରାଜ୍ୟପାଳ ହରିବାବୁ କମ୍ଭପାଣି ,ଉଚ୍ଚଶିକ୍ଷା ଓ ସଂସ୍କୃତି ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ବାଲେଶ୍ୱର ସାଂସଦ ପ୍ରତାପ ଷ ,ସ୍ଥାନୀୟ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ,ସଦର ବିଧାୟକ ମାନସ ରଂଜନ ଦତ,ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସହ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ । ଶ୍ରୀ ଶର୍ମା ଆଇନଜୀବୀ ଜ୍ଞାନଦା କରଶର୍ମା ଓ ବିବେକାନନ୍ଦ ଶିଶୁମନ୍ଦିର ଗୁରୁମା ଦମୟନ୍ତି କର ଶର୍ମାଙ୍କ ଏକ ମାତ୍ର ପୁତ୍ର ଅଟନ୍ତି । ତାଙ୍କର ଏହି ସଫଳତା ପାଇଁ ସେ ନିଜର କଠୋର ପରିଶ୍ରମ ଓ ବିଶ୍ୱ ବିଦ୍ୟାଳୟ କୁଳପତି,ପ୍ରଧାପିକା ପ୍ରାଧାପଙ୍କ ଓ ଆତ୍ମୀୟ ସ୍ୱଜନଙ୍କ ଆର୍ଶୀବାଦ ବୋଲି ପ୍ରକାଶ କରିଛନ୍ତି ।

# ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି ପାଳନ

ଭଦ୍ରକ ,(ସବ୍ୟୁ): ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟତିଥି ପାଳନ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ଅନୁଭାଗ ପକ୍ଷରୁ ବୁଧବାର ପୂର୍ବାହ୍ନ ୯ଟାରେ ଭଦ୍ରକ ଜିଲ୍ଲା କଚେରି ପରିସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଏକାଧାରାରେ ଥିବା ମହାନ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଭାଷା ଆନ୍ଦୋଳନର ମୁଖ୍ୟ ପୁରୋଧା ଓ ଲେଖକ ଓ କବି ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଦିଲୀପ ରାଉତରାଏ ପୁଷ୍ପମାଲ୍ୟ ଅର୍ପଣ କରି ଉତ୍କଳ ଗୌରବଙ୍କୁ ସ୍ମରଣ କରିଥିଲେ।କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ ଉତ୍କଳ ଗୌରବଙ୍କ ଦେଶପ୍ରେମ, ତ୍ୟାଗ ଓ ସଂଘର୍ଷମୟ ଜୀବନ ଆଜିର ଯୁବପିଢ଼ି ପାଇଁ ପ୍ରେରଣା ସ୍ୱରୂପ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ତ୍ୟାଗଭୂମିର ସଭାପତି 1 ଅଜୟ ନାୟକ , ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଦସ୍ୟ ,ସମସ୍ତ ସାମ୍ବାଦିକ ବନ୍ଧୁଗଣ,ପ୍ରଶାସନର ଅଧିକାରୀ,ଓ ସାଧାରଣ ଜନତା ଉପସ୍ଥିତ ରହି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ବିଶ୍ୱ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

ବେତନଟୀ , (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧିନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ ଓ ଓଡିଶା ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧିନ ପରିବେଶ ଶିକ୍ଷା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବିଶ୍ୱ ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ଇକୋ କ୍ଲବ ସଂଯୋଜକ ଅଜିତ କୁମାର ଜେନା ଙ୍କ ମାର୍ଗଦର୍ଶନ ରେ ଆୟୋଜିତ ଏହି ପରିବେଶ ସୁରକ୍ଷା ସଚେତନତା ସମ୍ପର୍କିତ କାର୍ଯ୍ୟକ୍ରମର ପ୍ରାରମ୍ଭିକ ପର୍ଯାୟରେ ବିଦ୍ୟାଳୟ ର ଶିକ୍ଷକ, ଅଣ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ଆର୍ଦ୍ରଭୂମି ସୁରକ୍ଷା ଓ ସଂରକ୍ଷଣ ପାଇଁ ସମୁହ ଶପଥ ପାଠ କରିଥିଲେ। ଏହାପରେ ଆର୍ଦ୍ରଭୂମି ସଂରକ୍ଷଣ ଓ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇ ଏକ ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ । ପ୍ରଧାନ ଶିକ୍ଷକଙ୍କ ପୌରାହିତ୍ୟରେ ଅନୁଷ୍ଠିତ ସଭାରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ରାଜକିଶୋର ଦାସ, ପ୍ରଫୁଲ୍ଲ କୁମାର ମିଶ୍ର, ନିରଞ୍ଜନ ବାରିକ, ହରେକୃଷ୍ଣ ମହାନ୍ତ, ଶୁଭବନ୍ତ ନାୟକ, ତରଣିକାନ୍ତ ମହାନ୍ତ, ବଂଶୀଧର ଗିରି ଓ ଶୁଭଶିଷ ପଣ୍ଡା ଯୋଗଦେଇ ଆର୍ଦ୍ର ଭୂମିର ସାମ୍ପ୍ରତିକ ସ୍ଥିତି ଉପରେ ଆଲୋକପାତ କରିଥିଲେ । ଆର୍ଦ୍ର ଭୂମି ସୁରକ୍ଷା ଆମର ଦାୟୀତ୍ୱ ବିଷୟ ବସ୍ତୁ ଉପରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରି ନିଜନିଜର ସନ୍ଦର୍ଭ ଉପସ୍ଥାପନ କରିଥିଲେ । କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥି ଗଣ ପୁରସ୍କୃତ କରିଥିଲେ । ଏହାପରେ ଇକୋ କ୍ଲବ ଛାତ୍ରଛାତ୍ରୀମାନେ ଗ୍ରାମ ପୋଖରୀ ଓ ନାଳ ସଫେଇ କାର୍ଯ୍ୟରେ ସାମିଲ ହୋଇ ଥିଲେ । ଦଶମ ଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଦଶମ ଶ୍ରେଣୀ ଛାତ୍ରୀ ଅର୍ଚିତା ଖିଲାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଖୋଲିଲା ପ୍ରଦୂଷଣ ପରୀକ୍ଷଣ କେନ୍ଦ୍ର

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ କୋଚିଆକୋଇଲି ଠାରେ ସୋର–କୁପାରୀ ରାସ୍ତା କଡରେ ପ୍ରଦୂଷଣ ପରୀକ୍ଷଣ କେନ୍ଦ୍ର ଖୋଲା ଯାଇଛି । ପୂର୍ବରୁ ପଲୁ୍ୟସନ ପରୀକ୍ଷା ପାଇଁ ଖଇରା ଜନସାଧାରଣ ସୋର କିମ୍ବା ଅନ୍ୟାନ୍ୟ ସ୍ଥାନ ଉପରେ ନିର୍ଭର କରୁଥିବା ବେଳେ ସରକାରୀ ସ୍ୱୀକୃତିପ୍ରାପ୍ତ ମେଘନା କନ୍‌ଷ୍ଟ୍ରକସନ ଦ୍ୱାରା ଏହି କେନ୍ଦ୍ର ଖୋଲିବା ପରେ ଲୋକମାନଙ୍କୁ ଆଉ ଅସୁବିଧାର ସମ୍ମୁଖିନ ହେବାକୁ ପଡିବ ନାହିଁ ବୋଲି କେନ୍ଦ୍ରର ମାଲିକ ମାନସ ମହାନ୍ତି କହିଛନ୍ତି । ମଙ୍ଗଳବାର ମାନସଙ୍କ ମା ରେବତୀ ମହାନ୍ତି ଓ ବାପା ଅଭୟ ମହାନ୍ତି କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ବିକାଶ ମହାନ୍ତି , ରାଜେଶ ମହାନ୍ତି,ଶୁଭାଶିଷ ମହାନ୍ତି,ଓମପ୍ରକାଶ ମହାନ୍ତି,ମନୋଜ କୁମାର ମହାନ୍ତି,କାହ୍ନୁ ଚରଣ ଗିରି ପ୍ରମୁଖ ଉପସ୍ଥିତ ଥିଲେ । ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ପ୍ରଦୂଷଣ ପରୀକ୍ଷା ସହ ପ୍ରମାଣପତ୍ର ଦେବା ପାଇଁ ଅନୁମତି ମିଳିଥିବା ମାଲିକ ମାନସ ମହାନ୍ତି ପ୍ରକାଶ କରିଛନ୍ତି ।

# ଆର୍ଦ୍ରଭୂମି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର,(ସବ୍ୟୁ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋବିନ୍ଦପୁର ତରଫରୁ ପରିବେଶ , ବନ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶାଙ୍କ ସହଯୋଗରେ ଆର୍ଦ୍ରଭୂମି ସଂରକ୍ଷଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଓ ଗୋବିନ୍ଦପୁର ପୁଷ୍କରିଣୀ ପରିଷ୍କାର ଓ ଚାରାଗଛ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପୂର୍ବାହ୍ନରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଏକ ରାଲିରେ ଗ୍ରାମ ପରିଭ୍ରମଣ କରି ଜଳ ସଂରକ୍ଷଣ , ଜଳାଶୟର ପରିଷ୍କାର ପରିଚ୍ଛନ୍ନତା , ଚାରାଗଛ ରୋପଣ ସହ ପରିବେଶକୁ ସୁରକ୍ଷିତ ରଖିବା ନିମନ୍ତେ ସ୍ଲୋଗାନ ମାନ ଦେଇ ଜନ ସଚେତନତା ସୃଷ୍ଟି କରିଥିଲେ । ବିଦ୍ୟାଳୟର ଇକୋ କ୍ଲବର ଛାତ୍ରଛାତ୍ରୀ ମାନେ ଗୋବିନ୍ଦପୁର ପୁଷ୍କରିଣୀରେ ପହଞ୍ଚି ପୋଖରୀ ତୁଠ ସଫା କରିବା ସହ ଚାରା ଗଛ ରୋପଣ କରିଥିଲେ । ବିଦ୍ୟାଳୟ ତରଫରୁ ଆମ୍ବ , ଗୁଆ , ଅଁଳା ଆଦି ଚାରା ଗଛ ରୋପଣ କରିଥିଲେ। ମୁଖ୍ୟ ଅତିଥି କେନ୍ଦୁଝର ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷ ଚାରା ଗଛ ରୋପଣ କରିବା ସହ ସଫେଇ କାର୍ଯ୍ୟକ୍ରମରେ ନିଜେ ସାମିଲ ହୋଇ ଥିଲେ। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କପିଳ ଚନ୍ଦ୍ର ଦାସ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଗୋଷ୍ଠୀ ସଦସ୍ୟଙ୍କ ସହଯୋଗକୁ ପ୍ରଶଂସା କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୁନା ଚନ୍ଦ୍ର ଜେନା ଏହି କାର୍ଯ୍ୟକ୍ରମରେ ସାମିଲ ହେବା ସହ ଶପଥ ପାଠ କାର୍ଯ୍ୟକ୍ରମରେ ମଧ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତିଳୋତ୍ତମା ସାହୁଙ୍କ ନେତୃତ୍ୱରେ ପୁଷ୍କରିଣୀ ତଟରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତା ହୋଇଥିଲା। ବିଜୟୀ ପ୍ରତିଯୋଗୀମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ତରଫରୁ ପୋଖରୀ ତୁଠରେ ଆବର୍ଜନା କୁଣ୍ଡର ବ୍ୟବସ୍ଥା କରାଯାଇଥିଲା। ପରେ ବିଦ୍ୟାଳୟରେ ଆର୍ଦ୍ରଭୂମି ମିତ୍ର ଶପଥ ବିଦ୍ୟାଳୟର ଇକୋ କ୍ଲବ ଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ସମସ୍ତ ଅତିଥି , ଛାତ୍ରଛାତ୍ରୀ , ଶିକ୍ଷକ ଶିକ୍ଷୟିତ୍ରୀ , ଅଭିଭାବକ ଅଭିଭାବିକା ମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ।

# ଶିଶୁ ମନ୍ଦିରରେ ଦଶମ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



କେନ୍ଦୁଝର,(ସବ୍ୟୁ): କଲେଜରୋଡସ୍ଥିତ ବଣିଆପଟ ଶିଶୁ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ଼ଃ ଅନିଲ କୁମାର ଦାସଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସଂପାଦକ ଭାଗୀରଥି ଗିରି ଓ ସଦସ୍ୟା ମନ୍ଦାକିନୀ ବେହେରା ସାରଗର୍ଭକ ମାର୍ଗଦର୍ଶନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସମିତିର ସଦସ୍ୟା ପଦ୍ମାବତୀ ଅମାନ୍ତ ଓ ବିଦ୍ୟାମନ୍ଦିର ପର୍ଯ୍ୟାୟ ପ୍ରମୁଖ ବନମାଳୀ ମହାନ୍ତ ଥିବାବେଳେ ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ମହାକୁଡ଼ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ତୃତୀୟ ଶ୍ରେଣୀରୁ ନବମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଏହି ବିଦାୟକାଳୀନ ସଭାରେ ସେମାନଙ୍କ ବକ୍ତବ୍ୟ ରଖିଥିବାବେଳେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ତାଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ । ସମସ୍ତ ଗୁରୁଜୀ ଗୁରୁମା ତଥା ସେବକସେବିକା ଏଥିରେ ସହଯୋଗ କରିଥିଲେ ।

# ସମାଜସେବୀ ଶ୍ରୀଧର ଜେନାଙ୍କ ପରଲୋକ

ନୀଳଗିରି, (ସବ୍ୟୁ) : ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତ କାଛିପଦା ଗ୍ରାମର ସମାଜସେବୀ ତଥା ସିପିଆଇନେତା ଶ୍ରୀଧର ଜେନା (୫୪)ଙ୍କର ଗତ ସୋମବାର ଦିନ ହୃଦଘାତରେ ମୃତ୍ୟୁ ଘଟିଛି । ଖବରପାଇ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲାସମ୍ପାଦକ ଭାଗବତ ପ୍ରତିହାରୀ, ରାଜ୍ୟକାର୍ଯ୍ୟକାରୀ କମିଟି ସଦସ୍ୟ ତଥା ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ, ବରିଷ୍ଠ କମ୍ୟୁନିଷ୍ଟନେତା କୈଳାସ ଚନ୍ଦ୍ର ପଣ୍ଡା, ଜୋନସମ୍ପାଦକ ବିଜୟ ସ, ଶାଖା ସମ୍ପାଦକ ହରେକୃଷ୍ଣ ପଣ୍ଡିତ, ପ୍ରଭାକର ମହାପାତ୍ର, ଦେବେନ୍ଦ୍ର ବେହେରା, ନାରୀନେତ୍ରୀ ଗାୟତ୍ରୀ ପଣ୍ଡା, ନିରଞ୍ଜନ ଜେନା, ବିଦ୍ୟାଧର ବେହେରା, ଦୀପକ ନାୟକ, ନୀଳମାଧବ ବାରିକ ପ୍ରମୁଖ ପାର୍ଥିବଶରୀର ନିକଟରେ ପହଞ୍ଚି ଶେଷଦର୍ଶନ କରିବାସହିତ ଶରୀର ଉପରେ ଲାଲଝଣ୍ଡା ସମର୍ପଣ କରିଥିଲେବେଳେ ଗ୍ରାମ ପରିକ୍ରମା କରାଯାଇ ଶ୍ମଶାନରେ ଅନ୍ତେଷ୍ଟି ସମ୍ପନ୍ନ କରାଯାଇଥିଲା । ଭାରତୀୟ ନୌସେନାରେ କାର୍ଯ୍ୟରତ ପୁଅ ରଞ୍ଜିତ ଜେନା ମୁଖାଗ୍ନି ଦେଇଥିଲେ।

## ସମନ୍ୱିତ ରେଟିଂ, ରାଙ୍କିଙ୍ଗ ରିପୋର୍ଟରେ ଚମକିଲା ଟିପିଏନଓଡ଼ିଏଲ


# କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ତାଲିକାରେ ରାଜ୍ୟର ଶ୍ରେଷ୍ଠ ବିଦ୍ୟୁତ ବିତରକ ସଂସ୍ଥା

ବାଲେଶ୍ୱର,(ସବ୍ୟୁ) :ଜାତୀୟସ୍ତରରେ ଏକ ଉତ୍କର୍ଷ ବିଦ୍ୟୁତ ବିତରଣ ସଂସ୍ଥା ଭାବେ ସ୍ଥାନିତ ହୋଇଛି ଟିପି ନର୍ଦ୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ଲିମିଟେଡ (ଟିପିଏନଓଡ଼ିଏଲ)। କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ୨୦୨୫ର ୧୪ତମ ସମନ୍ୱିତ ରେଟିଂ ଏବଂ ରାଙ୍କିଙ୍ଗ ରିପୋର୍ଟରେ ସାରା ଦେଶର ୫୪ଟି ବିଦ୍ୟୁତ ବିତରଣ ସଂସ୍ଥା ମଧ୍ୟରୁ ଟିପିଏନଓଡ଼ିଏଲ ସମ୍ମାନଜନକ ମୂଲ୍ୟାଙ୍କ ହାସଲ କରିବା ସହ ଓଡ଼ିଶାରେ ପ୍ରଥମ ଓ ସର୍ବଭାରତୀୟ ସ୍ତରରେ ନବମ ସ୍ଥାନରେ ରହିଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲାର ବିଦ୍ୟୁତ ଆବଣ୍ଟନ ଦାୟିତ୍ୱ ନେଇଥିବା ଟିପିଏନଓଡିଏଲ ଏଥିରେ ୯୪.୭୭ ସ୍କୋର ହାସଲ କରିଛି। ଟିପିଏନଓଡ଼ିଏଲ ଦାୟିତ୍ୱଗ୍ରହଣ କରିବା ପରଠାରୁ ବିଦ୍ୟୁତ ଯୋଗାଣ କ୍ଷେତ୍ରରେ ସମଗ୍ର ଉତ୍ତର ଓଡ଼ିଶାରେ ବେଶ ସୁଧାର ସହ ଅତ୍ୟାଧୁନିକ ଓ ବୈଷୟିକ ଜ୍ଞାନକୌଶଳ ବିତରଣ କ୍ଷେତ୍ରରେ ସଂସ୍କାରକୁ ଅଧିକ ସଂଗଠିତ କରିଛି। ସମନ୍ୱିତ ବାଣିଜ୍ୟିକ ଓ ସଞ୍ଚାରଣ(ଏଟି ଏଣ୍ଡ ସି) କ୍ଷତି ୨୫.୧୭ ପ୍ରତିଶତରୁ ୧୨.୬୪ ପ୍ରତିଶତରେ ପହଞ୍ଚି ଥିବାବେଳେ ୫,୫୦୦ ସର୍କିଟ କିମିରୁ ଅଧିକ ନୂଆ ୧୧କେଭି ଲାଇନ ସଂଯୁକ୍ତ ହୋଇଛି। ୬୫୩ ସର୍କିଟ କିମି ୩୩କେଭି ଲାଇନ, ୨୬୬୨ ସର୍କିଟ କିମି ଏଲଟି ଲାଇନ ବୃଦ୍ଧି ହୋଇଥିବାବେଳେ ସାଇଡି ଓ ସାଇଫିରେ ମଧ ବେଶ୍ ସୁଧାର ଆସିଛି। ଉପଭୋକ୍ତାଙ୍କ ସଂଖ୍ୟା ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୧୦ହଜାର ୭ଶହରୁ ଅଧିକ ବିତରଣ ଟ୍ରାନ୍ସଫର୍ମର ଓ ୭୮ଟି ନୂଆ ପିଟିଆର ସ୍ଥାପନ କରାଯାଇଛି। ଏହା ସହ ଅତ୍ୟାଧୁନିକ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର(ପିଏସସିସି) ସ୍କାଡା ଦ୍ୱାରା ପିଏସଏସ ଗ୍ରୀଡଗୁଡିକ ସଞ୍ଚାଳିତ ହେଉଥିବାବେଳେ ବିତରଣ ବ୍ୟବସ୍ଥାକୁ ଏବେ ଆଧୁନିକରଣ କରାଯିବା ସହ ବୈଷୟିକ ତ୍ରୁଟି ସଜାଡିବା ପ୍ରକ୍ରିୟା ସହଜ



ଓ ସରଳ ହୋଇଛି। କେବଲ ଫଲ୍ଟ ଲୋକେଟର, ଅଟୋ ରିକ୍ଲୋଜର, ଟ୍ରଲି ମାଉଣ୍ଟେଡ ଡିଟିଆର, ଭୂତଳ କେବଲ ବ୍ୟବସ୍ଥା, ଡ୍ରୋନ ଦ୍ୱାରା ଥର୍ମୋଗ୍ରାଫି ଆଦି ନୂତନ ଅତ୍ୟାଧୁନିକ ବ୍ୟବସ୍ଥା ଗୁଣାତ୍ମକ ବିଦ୍ୟୁତ ସେବା ବିତରଣକୁ ସୁନିଶ୍ଚିତ କରିଛି। ଉଲ୍ଲେଖନୀୟ ବିଷୟ ହେଲା, ପୂର୍ବରୁ ବିପଦଜନକ ସ୍ଥିତିରେ ଥିବା ବିଦ୍ୟୁତ ସବ–ଷ୍ଟେସନ ଓ ଟ୍ରାନ୍ସଫର୍ମରଗୁଡ଼ିକର ଏବେ ରୂପାନ୍ତରଣ ହୋଇଛି। ପଶୁପକ୍ଷୀଙ୍କ ସମେତ ପିଲାଛୁଆ କେହି ଯେମିତି ଏହାର ସଂସ୍ପର୍ଶରେ ନ ଆସିବେ, ସେଥିପାଇଁ ଟ୍ରାନ୍ସଫର୍ମରଗୁଡିକୁ ପକ୍କା ପ୍ରାଚୀର କିମ୍ବା ଶକ୍ତ ତାର ଜାଲି ଦ୍ୱାରା ଆବଦ୍ଧ କରାଯାଉଛି। ୧୧ କେଭିଠାରୁ ଆରମ୍ଭ କରି ଏଲଟି ତଥା ୩୩ କେଭି ପର୍ଯ୍ୟନ୍ତ ବିଦ୍ୟୁତ ଓ ଖୁଣ୍ଟଗୁଡ଼ିକ ଆଦି ଭିତ୍ତିଭୂମି କ୍ରମଶଃ ସଶକ୍ତ ହେବାରେ ଲାଗିଛି। ଖୁଣ୍ଟ, ତାର ଓ ଟ୍ରାନ୍ସଫର୍ମରଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ଟିମ କାର୍ଯ୍ୟ କରୁଛନ୍ତି । ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କୁ ନିରାପତ୍ତା ଉପକରଣ ଯୋଗାଇ ଦିଆଯାଉଛି। ସମସ୍ତଙ୍କୁ ସ୍ୱତନ୍ତ୍ର ଶିବିର ଦ୍ୱାରା ପ୍ରଶିକ୍ଷଣ ମଧ ଦିଆଯାଉଛି । ଓଡ଼ିଶାରେ ବିଦ୍ୟୁତ ସଂସ୍କାର କ୍ଷେତ୍ରରେ ଏହା ଏକ ଉଦାହରଣ ସୃଷ୍ଟି କରିଛି। ତେବେ ଏ ସମ୍ପର୍କରେ ଟିପିଏନଓଡ଼ିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗଜାନନ କାଲେ କହିଛନ୍ତି ଯେ, ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ସାଙ୍ଗକୁ ଗୁଣାତ୍ମକ ସେବା ଓ ନିରାପତ୍ତା କ୍ଷେତ୍ରରେ ଅନେକ ସଂସ୍କାର ଆସିଛି ଏବଂ ରୂପାନ୍ତରଣର ଧାରା ମଧ ଜାରି ରହିଛି। କର୍ମଚାରୀଙ୍କ ନିଷ୍ଠାପରତା, ଉପଭୋକ୍ତାଙ୍କ ଆମ ଉପରେ ଆସ୍ଥା ସର୍ବୋପରି ସରକାର ତଥା ଜନସାଧାରଙ୍କ ସହଯୋଗ ଯୋଗୁଁ ସମନ୍ୱିତ ରେଟିଂ ଏବଂ ରାଙ୍କିଙ୍ଗରେ ଟିପିଏନଓଡ଼ିଏଲ ଉତ୍କର୍ଷତା ପ୍ରତିପାଦନ କରିଥିବା ସେ ଦର୍ଶାଇଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଶୀର୍ବଚନ କାର୍ଯ୍ୟକ୍ରମ



ତିହିଡି,(ସବ୍ୟୁ): ତିହିଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଚଳିତ୨୦୨୫–୨୬ ଶିକ୍ଷାବର୍ଷରେ ଅଧ୍ୟୟନରତ ୧୦ମ ଶେଣୀ ଶିଶୁ ଭାଇଭଉଣୀ ମାନଙ୍କର ଏକ ଆଶୀର୍ବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିଶୁ ବିଦ୍ୟାମନ୍ଦିରର ସଭାପତି ଶିକ୍ଷାବିତ ନିତ୍ୟାନନ୍ଦ ମଲ୍ଲିକ ଉପସ୍ଥିତ ରହି ଶିଶୁ ଭାଇଭଉଣୀ ମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଦ୍ୟାମନ୍ଦିରର ସମ୍ପାଦକ ମନୋଜ କୁମାର ସାହୁ ନିଜ ବକ୍ତବ୍ୟରେ ଶିଶୁ ଭାଇଭଉଣୀ ମାନେ ଭବିଷ୍ୟତରେ ସମାଜ ପ୍ରତି ସେମାନଙ୍କର କର୍ତ୍ତବ୍ୟ ସୂଚରୁ ରୂପେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରକାଶ କୁମାର ବେହେରା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଦ୍ୟାମନ୍ଦିରର ବରିଷ୍ଠ ଆଚାର୍ଯ୍ୟ ସନ୍ତୋଷ କୁମାର ଯେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସମେତ ବିଦ୍ୟାମନ୍ଦିରର ସମସ୍ତ ସେବାବ୍ରତୀ ଆଚାର୍ଯ୍ୟ–ଆଚାର୍ଯ୍ୟା ଓ ସେବିକା ଉପସ୍ଥିତ ଥିଲେ ।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୨୯)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ଅଶ୍ଚର୍ଯ୍ୟବତ୍ପଶ୍ୟତି କଶ୍ଚିଦେନ-**
**ମାଶ୍ଚର୍ଯ୍ୟବଦ୍ୱଦତି ତଥୈବ ଚାନ୍ୟଃ ।। ୨୯।।**

(ଆତ୍ମନଃ ଦୁର୍ବିଜ୍ଞେୟତାମାହ)-କଶ୍ଚିତ୍ (କୋଽପି) ଏନଂ (ଆତ୍ମନଂ) ଆଶ୍ଚର୍ଯ୍ୟବତ୍ ପଶ୍ୟତି (ପୂର୍ବଗତସ୍ୟ ନିତ୍ୟଜ୍ଞାନାନନ୍ଦସ୍ୱଭାବସ୍ୟ ଆତ୍ମନୋଽଲୌକିକତ୍ୱାତ୍ ଐନ୍ଦ୍ରଜାଲିକବତ୍ ଅଘଟମାନଂ ପଶ୍ୟନ୍ ଇବ ଅସମ୍ଭାବନାଭିଭୂତତ୍ୱାତ୍ ବିସ୍ମୟେନ ପଶ୍ୟତି) ।। ୨୯ ।।

# ବଜେଟରେ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ

ଚଳିତ ୨୦୨୬-୨୭ କେନ୍ଦ୍ରୀୟ ବଜେଟରେ ନୂତନ ନିଯୁକ୍ତି ସୃଷ୍ଟି ଓ କୌଶଳ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିବା ଆନନ୍ଦର ବିଷୟ । ଏଥିପାଇଁ ଇଲକ୍ଟ୍ରୋନିକ ଓ ସେମି କଣ୍ଡକ୍ଟର ପ୍ରଭୃତି କ୍ଷେତ୍ରକୁ ପରିବ୍ୟାପ୍ତ କରାଯିବ । ଛୋଟ ଛୋଟ ବାଣିଜ୍ୟ ଓ ବ୍ୟବସାୟ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି କେନ୍ଦ୍ର ବିତ୍ତମନ୍ତ୍ରୀ ନିର୍ମଳା ସୀତାରମଣ ବଜେଟ ଆଗତ କରିବା ସମୟରେ ଉଲ୍ଲେଖ କରିଛନ୍ତି ଏବଂ ଏଥିପାଇଁ ୧୦.୦୦୦ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ୟୁରୋପିଆନ ରାଷ୍ଟ୍ର ସଂଘ ସହିତ ଭାରତର ମୁକ୍ତ ବାଣିଜ୍ୟ କାରବାରର ରାଜିନାମାର ଶୁଭାରମ୍ଭ କରିଛନ୍ତି । ଫଳରେ ଆମର ଶିଳ୍ପ ଓ ବାଣିଜ୍ୟ ତଦ୍ୱାରା ଉପକୃତ ହୋଇପାରିବ । ପ୍ରଧାନମନ୍ତ୍ରୀ ତାଙ୍କ ବଜେଟ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ ସଂସ୍କାର ଏକ୍ସପ୍ରେସ ଗାଡ଼ି ଚଢ଼ିବାର ସୁଯୋଗ ଏବେ ମିଳିଛି ଏବଂ ବଜେଟରୁ ନୂତନ ଶକ୍ତି ଓ ଗତି ପାଇଁ ପ୍ରେରଣା ମିଳିବ । ଏହି ନୂତନ ସଂସ୍କାର ଫଳରେ ମନରେ ଆଶା ବାନ୍ଧି ମେଧାଯୁକ୍ତ ଯୁବକ ଓ ଯୁବତୀମାନେ ଅକ୍ଳେଶରେ କାମ କରିବାର ସୁଯୋଗ ଲାଭ କରି ପାରିବେ ।

**ରାଜ୍ୟର ହଜାର ହଜାର ଶିକ୍ଷିତ ଯୁବକ ଓ ଯୁବତୀଙ୍କୁ ତାଲିମ ଦେଇ ସୁରକ୍ଷା ବାହିନୀରେ ସାମିଲ କରାଯାଇ ପାରିଲେ, ନିଯୁକ୍ତିର ସୁଯୋଗ ତ ସୃଷ୍ଟି କରାଯାଇ ପାରିବ, ଏହାଛଡ଼ା ରାଜ୍ୟର ଆଇନ ଶୃଙ୍ଖଳା ତଥା ଅନ୍ୟାନ୍ୟ ଅପରାଧକୁ ସହଜରେ ନିୟନ୍ତ୍ରଣ କରାଯାଇ ପାରିବ । ରାସ୍ତା ଦୁର୍ଘଟଣା ଯେପରି ବଢ଼ି ଚାଲିଛି ଯଦି ଆମେ ଶିକ୍ଷିତ ବେକାର ଯୁବକ ଓ ଯୁବତୀଙ୍କୁ ତାଲିମ ଦେଇ ରାସ୍ତାମାନଙ୍କରେ ଜଗାଇ ପାରନ୍ତୁ, ତେବେ ଏହି ଦୁର୍ଘଟଣାର ହାର ହ୍ରାସ ପାଇ ପାରନ୍ତା । ଆଉ ମୂଲ୍ୟବାନ ଜୀବନ ଓ ସମ୍ପତ୍ତିର ସୁରକ୍ଷା କରାଯାଇ ପାରନ୍ତା ।**

ବାୟୋଫାର୍ମା ଶକ୍ତି ମିଶନ ସମେତ ସେମି କଣ୍ଡକ୍ଟର ମିଶନ ୨.୦, ଇଲକ୍ଟ୍ରୋନିକ ସରଞ୍ଜାମ ଉତ୍ପାଦନ ପ୍ରକଳ୍ପ, ବିରଳ ମୃତ୍ତିକା ଚଟାଣ ନିର୍ମାଣ, ଜଟିଳ ଖଣିଜଜାତ ଉପରେ ଗୁରୁତ୍ୱାରୋପ, ବୟନଶିଳ୍ପର ନୂତନ ପ୍ରକଳ୍ପ, ହାଇଟେକ୍ ଯନ୍ତ୍ରପାତିର ଉତ୍ପାଦନ ସମେତ ଭାରତ ସରକାରଙ୍କଦ୍ୱାରା MSME (କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ) କ୍ଷେତ୍ରରେ ଆଧୁନିକୀକରଣ, ସହାୟତା ଏବଂ ପ୍ରୋତ୍ସାହନ ଦେବା ଲାଗି ଆରମ୍ଭ କରାଯାଇଥିବା ସ୍ୱତନ୍ତ୍ର ପଦକ୍ଷେପ ପ୍ରଭୃତି ପାଇଁ ଏଥର ବଜେଟରେ ବ୍ୟୟବରାଦ ହୋଇଛି । ଯୁବଶକ୍ତିକୁ ଲୋକାଲରୁ ଗ୍ଲୋବାଲ ଯାଏଁ ପହଞ୍ଚାଇବା ପାଇଁ ଏହି ସବୁ ଏମ୍.ଏସ୍.ଏମ୍.ଇ ଓ କ୍ଷୁଦ୍ର ଶିଳ୍ପଗୁଡ଼ିକ ଏଥର ବଜେଟରୁ ପ୍ରେରଣା ଲାଭ କରିବ ବୋଲି ପ୍ରଧାନମନ୍ତ୍ରୀ ଯାହା ତାଙ୍କ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି, ତାହା ନିଶ୍ଚିତ ଭାବେ ନିଯୁକ୍ତି କ୍ଷେତ୍ରକୁ ପ୍ରଶସ୍ତ କରିବା ସହିତ ଶିଳ୍ପ ଓ ବାଣିଜ୍ୟ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ଆରମ୍ଭ କରିବା ସହିତ ବିକଶିତ ଭାରତ ସମୀପରେ ଉପନୀତ ହେବା ଲାଗି ଉତ୍ସାହ ପ୍ରଦାନ କରିବ, ଏଥିରେ ସନ୍ଦେହ ନାହିଁ ।

ଆଉ ଏକ ଦିଗ ପ୍ରତି ଏଠାରେ ଦୃଷ୍ଟି ଆକର୍ଷଣ କରାଯାଇପାରେ । ରାଜ୍ୟର ହଜାର ହଜାର ଶିକ୍ଷିତ ଯୁବକ ଓ ଯୁବତୀଙ୍କୁ ତାଲିମ ଦେଇ ସୁରକ୍ଷା ବାହିନୀରେ ସାମିଲ କରାଯାଇ ପାରିଲେ, ନିଯୁକ୍ତିର ସୁଯୋଗ ତ ସୃଷ୍ଟି କରାଯାଇ ପାରିବ, ଏହାଛଡ଼ା ରାଜ୍ୟର ଆଇନ ଶୃଙ୍ଖଳା ତଥା ଅନ୍ୟାନ୍ୟ ଅପରାଧକୁ ସହଜରେ ନିୟନ୍ତ୍ରଣ କରାଯାଇ ପାରିବ । ରାସ୍ତା ଦୁର୍ଘଟଣା ଯେପରି ବଢ଼ି ଚାଲିଛି ଯଦି ଆମେ ଶିକ୍ଷିତ ବେକାର ଯୁବକ ଓ ଯୁବତୀଙ୍କୁ ତାଲିମ ଦେଇ ରାସ୍ତାମାନଙ୍କରେ ଜଗାଇ ପାରନ୍ତୁ, ତେବେ ଏହି ଦୁର୍ଘଟଣାର ହାର ହ୍ରାସ ପାଇ ପାରନ୍ତା । ଆଉ ମୂଲ୍ୟବାନ ଜୀବନ ଓ ସମ୍ପତ୍ତିର ସୁରକ୍ଷା କରାଯାଇ ପାରନ୍ତା ।

ବ୍ୟାଙ୍କଗୁଡ଼ିକରେ ଶିକ୍ଷିତ ଯୁବକ ଓ ଯୁବତୀମାନଙ୍କୁ ଋଣ ଦେବା କ୍ଷେତ୍ରରେ ସହଯୋଗ କରୁନାହାନ୍ତି ବୋଲି ବିଭିନ୍ନ ମହଲରେ ଅଭିଯୋଗମାନ ହେଉଛି । ରାଜ୍ୟର ଅନେକ ଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ ଓ ଅଶିକ୍ଷିତ ମହିଳାମାନେ ମଧ୍ୟ ବିଭିନ୍ନ ସରକାରୀ ସୁବିଧା ଓ ବ୍ୟାଙ୍କ ଋଣରୁ ବଞ୍ଚିତ ହେଉଛନ୍ତି । ଯଦିଓ ବଜେଟରେ ମହିଳାମାନଙ୍କ ପାଇଁ ବହୁ ସୁବିଧା ସୁଯୋଗ ରହିଛି, ତାହା ସେମାନେ ପାଇ ପାରୁ ନାହାନ୍ତି । ନିର୍ବାଚିତ ଲୋକ ପ୍ରତିନିଧିମାନେ ଏ ବିଷୟରେ ମହିଳାମାନଙ୍କୁ ସଚେତନ କରିବା ଆବଶ୍ୟକ ।

ସଂସ୍କାରମୂଳକ ଓ ଜନହିତକାରୀ ଏହି ବଜେଟ ଉପରେ ପୂର୍ବରୁ ଯେପରି ବିଭିନ୍ନ ରାଜନୀତିକ ଦଳ କିମ୍ବା ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଆଲୋଚନା କରୁଥିଲେ, ତାହା ପ୍ରଭାବଶାଳୀ ବୋଲି ମନେ ହେଉଥିଲା । ଏବେ ମଧ୍ୟ ତାହା ଉପରେ ଆଲୋଚନା ଜାରି ରହିବା ଆବଶ୍ୟକ ।

**ଭକ୍ତିର ଶକ୍ତି**

**ଭକ୍ତ ଏତେ ଶକ୍ତିଶାଳୀ ଯେ ନିଜର ଭକ୍ତି ମାଧ୍ୟମରେ ଅନନ୍ତ ଈଶ୍ୱରଙ୍କୁ ନିଜ ହୃଦୟରେ ସ୍ଥାପିତ କରିଦିଏ ।**

***ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ***

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିକଶିତ ଭାରତ ନିର୍ମାତାଙ୍କ ଭବିଷ୍ୟତ ଗଠନ



**ଧର୍ମେନ୍ଦ୍ର ପ୍ରଧାନ**
**କେନ୍ଦ୍ର ଶିକ୍ଷା ମନ୍ତ୍ରୀ**

ଚଳିତ ବର୍ଷ ପରୀକ୍ଷା ପେ ଚର୍ଚ୍ଚାର ଆୟୋଜନ ଭାରତର ଶିକ୍ଷା ଯାତ୍ରାରେ ଶାନ୍ତ କିନ୍ତୁ ନିର୍ଣ୍ଣାୟକ ପରିବର୍ତ୍ତନକୁ ରେଖାଙ୍କିତ କରିଥାଏ। ମାନନୀୟ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ପରିକଳ୍ପିତ ଏହି ପ୍ରୟାସ, ୨୦୧୮ରେ ଗୋଟିଏ ବାର୍ଷିକ ଚର୍ଚ୍ଚା କାର୍ଯ୍ୟକ୍ରମ ରୂପେ ଆରମ୍ଭ ହୋଇଥିଲା। ଆଜି ଏହା ସ୍ୱାଭାବିକ ଭାବେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇସାରିଛି । ବର୍ତ୍ତମାନ ଏହା ଦେଶବ୍ୟାପୀ ସାମୂହିକ ପ୍ରୟାସ ପାଲଟିଛି, ଯେଉଁଥିରେ ଛାତ୍ରଛାତ୍ରୀଙ୍କ ସାମଗ୍ରିକ କଲ୍ୟାଣକୁ କେନ୍ଦ୍ରରେ ରଖାଯାଇଛି ଏବଂ ମାତା, ପିତା ଏବଂ ଶିକ୍ଷକ ଏହି ସହଭାଗୀ ଉତ୍ତରଦାୟିତ୍ୱରେ ସକ୍ରିୟ ଅଂଶୀଦାର ମଧ୍ୟ ହୋଇପାରିଛନ୍ତି। ଚଳିତ ବର୍ଷ ଅଂଶଗ୍ରହଣର ବ୍ୟାପକତା ଏହି କାର୍ଯ୍ୟକ୍ରମର ଗଭୀରତାକୁ ପ୍ରତିଫଳିତ କରୁଛି। ସାଢ଼େ ୪ କୋଟିରୁ ଅଧିକ ପଞ୍ଜୀକରଣ ସହିତ, ପରୀକ୍ଷା ପେ ଚର୍ଚ୍ଚା ପୂର୍ବ ଗିନିଜ୍ ବିଶ୍ୱ ରେକର୍ଡକୁ ଅତିକ୍ରମ କରିଛି। ଏହା ଲୋକ ସମ୍ପର୍କ ଠାରୁ ଆଗକୁ ବଢ଼ି ସାମୂହିକ ଗୁରୁଦାୟିତ୍ୱର ଏକ ମହତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପ୍ରବେଶ କରିଛି। ଏହି ଅଭୂତପୂର୍ବ ଅଂଶଗ୍ରହଣ ଏକ ସକ୍ଷମ ପରିବେଶ ସୃଷ୍ଟି କରିବାର ଏକ ସାମୂହିକ ସଂକଳ୍ପକୁ ପ୍ରତିଫଳିତ କରିଥାଏ ଯେଉଁଠାରେ ପ୍ରତ୍ୟେକ ପିଲା ଶିଖିପାରିବେ, ବିକଶିତ ହୋଇପାରିବେ ଏବଂ ପ୍ରକୃତରେ ଉନ୍ନତି କରିପାରିବ।

**ପ୍ରଧାନମନ୍ତ୍ରୀଙ୍କ ପ୍ରେରଣାଦାୟୀ ନେତୃତ୍ୱ**

ଶିକ୍ଷା, ଅଧ୍ୟୟନ ଏବଂ ପରୀକ୍ଷା ସମ୍ବନ୍ଧୀୟ ଚାପ ଭଳି ବିଷୟ ଉପରେ ଛାତ୍ରଛାତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମତ ବିନିମୟ ସହାନୁଭୂତି, ବ୍ୟବହାରିକତା ଏବଂ ପ୍ରେରଣାଦାୟୀ ନେତୃତ୍ୱର ଏକ ଅନନ୍ୟ ମିଶ୍ରଣକୁ ପ୍ରଦର୍ଶନ କରେ। ସରଳତା, ଶୃଙ୍ଖଳା, ଆଶାବାଦ ଏବଂ ମାନବୀୟ ସମ୍ଭାବନା ପ୍ରତି ଗଭୀର ବିଶ୍ୱାସରେ ପରିପୂର୍ଣ୍ଣ ତାଙ୍କର ବ୍ୟକ୍ତିତ୍ୱ ଲକ୍ଷ ଲକ୍ଷ ପିଲାଙ୍କ ଉପରେ ଗଭୀର ଏବଂ ସ୍ଥାୟୀ ପ୍ରଭାବ ପକାଇଛି। ପ୍ରଧାନମନ୍ତ୍ରୀ ଔପଚାରିକ ନିୟମ ଓ ବ୍ୟବସ୍ଥାଗତ ଜଟିଳତାକୁ ଅତିକ୍ରମ କରି ଜଣେ ମାର୍ଗଦର୍ଶକ, ପରାମର୍ଶଦାତା ଏବଂ ଶୁଭେଚ୍ଛୁ ଭାବରେ ଛାତ୍ରଛାତ୍ରୀଙ୍କ ସହିତ ସହଜରେ ସମ୍ପର୍କ ସ୍ଥାପନ କରିଥା'ନ୍ତି । ଏହି ସହଜାତ କ୍ଷମତା ତାଙ୍କୁ ଭିନ୍ନ କରିଥାଏ। ତାଙ୍କର କଥାବାର୍ତ୍ତା, ବର୍ଣ୍ଣନା ଏବଂ ଆତ୍ମୀୟ ଭାବନା ଛାତ୍ରଛାତ୍ରୀଙ୍କୁ ଏହା ଅନୁଭବ କରାଇଥାଏ ଯେ ସେମାନଙ୍କ କଥାକୁ କେହି ଜଣେ ଶୁଣୁଛନ୍ତି ଏବଂ ବୁଝୁଛନ୍ତି । ସେ ଉଦାରତା, ହାସ୍ୟପୂର୍ଣ୍ଣ ଏବଂ ସତ୍ୟତା ଭାବନା ନେଇ କଥାବାର୍ତ୍ତା କରନ୍ତି। ପ୍ରାୟତଃ ଧୈର୍ଯ୍ୟ, ଧ୍ୟାନ ଏବଂ ଆତ୍ମବିଶ୍ୱାସ ଭଳି ବ୍ୟାପକ ଜୀବନ ମୂଲ୍ୟବୋଧକୁ ଦର୍ଶାଇବା ପାଇଁ ସେ ନିଜ ଜୀବନ ଅଭିଜ୍ଞତାରୁ କେତେକ ଉଦାହରଣ ଦେଇଥା'ନ୍ତି। ଏହି ବ୍ୟକ୍ତିଗତ ସ୍ପର୍ଶ ପରୀକ୍ଷା ସମ୍ବନ୍ଧୀୟ ଚାପକୁ କମ କରିବା ସହିତ ଏକ ଆଶ୍ୱାସନାପୂର୍ଣ୍ଣ ଏବଂ ସକାରାତ୍ମକ ପରିବେଶ ସୃଷ୍ଟି କରିଥାଏ ଯେଉଁଠାରେ ଛାତ୍ରଛାତ୍ରୀ ଆତ୍ମବିଶ୍ୱାସ ସହିତ ଶିଖିବା ଏବଂ ଅଗ୍ରଗତି କରିବାକୁ ପ୍ରେରଣା ପାଆନ୍ତି।

**ପ୍ରତ୍ୟେକ ପିଲାର ସ୍ୱତନ୍ତ୍ରତାକୁ ପରିଚୟ**

ଏହି ପ୍ରୟାସର ମୂଳରେ ଏକ ସରଳ କିନ୍ତୁ ଗଭୀର ଶକ୍ତିଶାଳୀ ସତ୍ୟ ରହିଛି : ପ୍ରତ୍ୟେକ ପିଲା ଅନନ୍ୟ। ପ୍ରତ୍ୟେକ ପିଲା ଭିନ୍ନ ଭାବରେ ଶିଖେ, ନିଜ ଗତିରେ ଅଗ୍ରଗତି କରେ, ଏବଂ ଏପରି ପ୍ରତିଭା ଧାରଣ କରିଥାଏ ଯାହାକୁ ନମ୍ବର କିମ୍ବା ର୍‍ୟାଙ୍କ ମଧ୍ୟରେ ସୀମିତ କରାଯାଇପାରିବ ନାହିଁ। ପରୀକ୍ଷାଗୁଡ଼ିକ ନିଜ ସ୍ୱଭାବ ଅନୁସାରେ, ପିଲାଟିର ସମ୍ଭାବନାର କେବଳ ଏକ ସୀମିତ ଦିଗକୁ ପ୍ରତିଫଳିତ କରେ। ଏକ ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶ ମାଧ୍ୟମରେ ପ୍ରକୃତ ସୃଜନଶୀଳତା ଏବଂ ଉତ୍କର୍ଷତା ବିକଶିତ ହୁଏ। ଗୋଟିଏ ପିଲା ଗଣିତରେ ଉତ୍କର୍ଷ ହାସଲ କରିପାରେ, ଅନ୍ୟ ଜଣଙ୍କର କଳାତ୍ମକ କଳ୍ପନାଶକ୍ତି ଥାଇପାରେ, ଏବଂ ଆଉ କାହା ପାଖରେ ଦୟାଳୁ, ସମ୍ବେଦନଶୀଳ ଡାକ୍ତର ହେବାର ସମ୍ଭାବନା ଥାଇପାରେ। ଏହି ପାର୍ଥକ୍ୟଗୁଡ଼ିକ ଏକ ସୀମା ନୁହେଁ ବରଂ ଏଗୁଡ଼ିକ ଏକ ବିବିଧ, ସଶକ୍ତ ଏବଂ ଉଦ୍ଭାବନଶୀଳ ସମାଜର ମୂଳଦୁଆ।

**ଜାତୀୟ ଶିକ୍ଷା ନୀତି-୨୦୨୦ ଦର୍ଶନର ପ୍ରତିଫଳନ**

ଏହି ଦର୍ଶନ ଜାତୀୟ ଶିକ୍ଷା ନୀତି ୨୦୨୦ର ମୂଳରେ ରହିଛି। ଏହାର ଢାଞ୍ଚା ମଧ୍ୟରେ ଶିକ୍ଷାଦାନ ପଦ୍ଧତି, ପାଠ୍ୟକ୍ରମ ଏବଂ ମୂଲ୍ୟାଙ୍କନ ପ୍ରଣାଳୀକୁ ଏକ ପ୍ରକୃତ ଶିଶୁ-କୈନ୍ଦ୍ରିକ ଆଭିମୁଖ୍ୟକୁ ପ୍ରତିଫଳିତ କରିବା ପାଇଁ ପୁନଃଗଠିତ କରାଯାଉଛି, ଯେଉଁଠାରେ ଶୈକ୍ଷିକ ଅଧ୍ୟୟନ ସହିତ, ସୃଜନଶୀଳତା, ବିଶ୍ଳେଷଣାତ୍ମକ ଚିନ୍ତାଧାରା, ଭାବଗତ ବୁଦ୍ଧିମତ୍ତା, ଶାରୀରିକ ସ୍ୱାସ୍ଥ୍ୟ ଏବଂ ନୈତିକ ମୂଲ୍ୟବୋଧର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରାରମ୍ଭିକ ବର୍ଷଗୁଡ଼ିକରେ କ୍ରୀଡ଼ା ଭିତ୍ତିକ ଶିକ୍ଷା ଉପରେ ଏହାର ଗୁରୁତ୍ୱ ଏହି ସତ୍ୟକୁ ସ୍ୱୀକାର କରେ ଯେ ଜିଜ୍ଞାସା ଏବଂ ଆନନ୍ଦ ଜୀବନବ୍ୟାପୀ ଶିକ୍ଷାର ସବୁଠାରୁ ଶକ୍ତିଶାଳୀ ମୂଳଦୁଆ । ଶିକ୍ଷାର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ମାତୃଭାଷାରେ ଶିକ୍ଷା ଦାନ କରିବାର ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ ଅବଧାରଣାଗୁଡ଼ିକ ବିଷୟରେ ଭଲ ବୁଝାମଣା ପ୍ରଦାନ କରିବା। ଅନ୍ୟପକ୍ଷରେ ବହୁଭାଷୀ ଶିକ୍ଷା ଉପରେ ଗୁରୁତ୍ୱ ଏପରି ଏକ ପିଢ଼ି ସୃଷ୍ଟି କରିବାର ପରିକଳ୍ପନା କରିଥାଏ ଯାହା ନିଜର ସାଂସ୍କୃତିକ ଓ ଭାଷାଗତ ଆଧାର ପ୍ରତି ଆତ୍ମବିଶ୍ୱାସୀ ଏବଂ ବିଶ୍ୱ ସ୍ତରରେ ଭାରତୀୟ ଜ୍ଞାନ ପରମ୍ପରାକୁ ଆଗକୁ ବହନ କରିବାକୁ ସକ୍ଷମ ହୋଇଥିବ। ମୂଲ୍ୟାଙ୍କନ ସଂସ୍କାର ମଧ୍ୟ ଏହି ଉଦ୍ଦେଶ୍ୟକୁ ପ୍ରତିଫଳିତ କରେ। ପ୍ରଥମ ଥର, ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଏବେ ବର୍ଷକୁ ଦୁଇଥର ଅନୁଷ୍ଠିତ ହେବ, ଯାହା ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ପ୍ରଦର୍ଶନକୁ ଉନ୍ନତ କରିବା ପାଇଁ ଅଧିକ ନମନୀୟତା ପ୍ରଦାନ କରିବ ଏବଂ ଏକ ଗୋଟିଏ ପରୀକ୍ଷା ଜନିତ ଚାପକୁ ହ୍ରାସ କରିବ। ୩୬୦-ଡିଗ୍ରୀ ସାମଗ୍ରିକ ପ୍ରଗତି କାର୍ଡ କାର୍ଯ୍ୟକାରୀ କରାଯାଇଛି, ଯାହା କେବଳ ପିଲାଙ୍କ ଶୈକ୍ଷିକ ସଫଳତାକୁ ମୂଲ୍ୟାଙ୍କନ କରେ ନାହିଁ ବରଂ ସେମାନଙ୍କର ସାମାଜିକ-ଭାବଗତ ଏବଂ ଶାରୀରିକ ବିକାଶକୁ ମଧ୍ୟ ବ୍ୟାପକ ଭାବରେ କଏଦ କରେ। ସୁସ୍ଥତା ଶିକ୍ଷାର ଅବିଚ୍ଛେଦ୍ୟ ଅଂଶ ବୋଲି ସ୍ୱୀକାର କରି, ପ୍ରତ୍ୟେକ ସିବିଏସଇ ବିଦ୍ୟାଳୟ ସାମାଜିକ-ଭାବଗତ ପରାମର୍ଶଦାତାଙ୍କ ନିଯୁକ୍ତିକୁ ବାଧ୍ୟତାମୂଳକ କରିଛି। ଏମାନେ ଶୈକ୍ଷିକ ଏବଂ ଭାବପ୍ରବଣ ଚାପ ପରିଚାଳନାରେ ଛାତ୍ରଛାତ୍ରୀଙ୍କୁ ନିରନ୍ତର ସହାୟତା ପ୍ରଦାନ କରିବେ। ଶେଷରେ, ଆମର ଦାୟିତ୍ୱ ସ୍ପଷ୍ଟ - ଆମେ ପିଲାମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ଛାଞ୍ଚରେ ଫିଟ୍ ହେବାକୁ ବାଧ୍ୟ କରିବା ଉଚିତ ନୁହେଁ, ବରଂ ପ୍ରତ୍ୟେକ ପିଲାର ଅନନ୍ୟ କ୍ଷମତାକୁ ଚିହ୍ନିବା, ସମର୍ଥନ କରିବା ଏବଂ ଦୃଢ଼ କରିବା ଉଚିତ ।

**ସାମଗ୍ରିକ ଶିକ୍ଷା - ମୁଖ୍ୟ କେନ୍ଦ୍ର ବିନ୍ଦୁ**

ଆଜିର ଶିକ୍ଷା ଆଉ କେବଳ ପାଠ୍ୟପୁସ୍ତକ, ପରୀକ୍ଷା ଏବଂ ଘୋଷା ପାଠ ମଧ୍ୟରେ ସୀମିତ ନୁହେଁ। ସାମଗ୍ରିକ ଶିକ୍ଷା ଉପରେ ସ୍ପଷ୍ଟ ଧ୍ୟାନ ଦିଆଯାଉଛି। କେବଳ ଶିକ୍ଷାଗତ ଉତ୍କର୍ଷତା ଛାତ୍ରଛାତ୍ରୀଙ୍କୁ ଏକବିଂଶ ଶତାବ୍ଦୀର ଆହ୍ୱାନ ପାଇଁ ପ୍ରସ୍ତୁତ କରିପାରିବ ନାହିଁ ବୋଲି ସମସ୍ତେ ବୁଝିଲେଣି। ପିଲାମାନେ ଚିନ୍ତା, ଭୟ କିମ୍ବା ଭାବନାତ୍ମକ ଚାପର ବୋଝରେ ଫଳପ୍ରଦ ଭାବରେ ଶିଖିପାରିବେ ନାହିଁ। ଭାରତର ସଭ୍ୟତାଗତ ପରମ୍ପରା ଏହି ପରିସ୍ଥିତିର ସମାଧାନ ପାଇଁ ଦୀର୍ଘସ୍ଥାୟୀ ଉପକରଣ ପ୍ରଦାନ କରିଥାଏ, ଯଥା ସଚେତନତା ବା ମାଇଣ୍ଡଫୁଲନେସ୍, ପ୍ରାଣାୟାମ ଏବଂ ଯୋଗ। ଏହି ଅଭ୍ୟାସଗୁଡ଼ିକ ପିଲାମାନଙ୍କୁ ସେମାନଙ୍କର ଭାବନାକୁ ଭଲ ଭାବରେ ବୁଝିବାରେ ଏବଂ ଏକାଗ୍ରତା, ଶାନ୍ତି ଏବଂ ସ୍ଥିରତା ଆଣିବାରେ ସାହାଯ୍ୟ କରିବ। ପରୀକ୍ଷା ପ୍ରସ୍ତୁତିରେ ସହାୟତା କରିବା ସହିତ ଏହି ଅଭ୍ୟାସଗୁଡ଼ିକ ଶ୍ରେଣୀଗୃହ ବାହାରେ ବିସ୍ତାରିତ ଜୀବନ କୌଶଳ ବିକଶିତ କରେ। ଏହା ସହିତ ଶିକ୍ଷାଗତ ଜ୍ଞାନ ସହିତ ଭାବଗତ ବୁଦ୍ଧିମତ୍ତା, ପ୍ରକୃତି ସହ ସନ୍ତୁଳନ ଏବଂ ଆଭ୍ୟନ୍ତରୀଣ ସଚେତନତାକୁ ବୃଦ୍ଧି କରେ।

**ଆହ୍ୱାନର ସମାଧାନ**

ତଥାପି, ଆମେ ଏକ ଭିନ୍ନ ଆଧୁନିକ ଆହ୍ୱାନର ସମ୍ମୁଖୀନ ହେଉଛୁ - ଅତ୍ୟଧିକ ଡିଜିଟାଲ୍ ଉପଯୋଗ ଏବଂ ସ୍କ୍ରିନ୍ ସମୟ। ଡିଜିଟାଲ୍ ଡିଭାଇସ୍ ସହିତ ଦୀର୍ଘ ସମୟ ଧରି ରହିବା ଧ୍ୟାନର କ୍ଷମତାକୁ ହ୍ରାସ କରେ, ନିଦରେ ବାଧା ସୃଷ୍ଟି କରେ ଏବଂ ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। କ୍ରମାଗତ କନଆକ୍ଟିଭିଟି, ଅନଲାଇନ୍ ତୁଳନା ଏବଂ ଅତ୍ୟଧିକ ଡିଜିଟାଲ୍ ଉତ୍ତେଜନାର ଚାପ ପ୍ରାୟତଃ ପରୀକ୍ଷା ଚାପକୁ ବଢ଼ାଇଥାଏ ଏବଂ ଆମେ ପିଲାମାନଙ୍କ ମଧ୍ୟରେ ବିକଶିତ କରିବାକୁ ଚାହୁଁଥିବା ସଚେତନତାକୁ ଦୁର୍ବଳ ହୋଇଥାଏ। ଏହିଠାରେ ପିତାମାତା ଏବଂ ଶିକ୍ଷକମାନେ ଏକ ଭୂମିକା ଗ୍ରହଣ କରିପାରିବେ। ଡିଭାଇସ୍ ବ୍ୟବହାରରେ ନିରାପଦ ସୀମା ସ୍ଥିର କରି, ଶାରୀରିକ ଗତିବିଧି, ସୃଜନଶୀଳ ପ୍ରୟାସ ଏବଂ ପାରିବାରିକ ଆଲୋଚନା ଭଳି ବିକଳ୍ପଗୁଡ଼ିକୁ ପ୍ରୋତ୍ସାହିତ କରି ଆମେ ସନ୍ତୁଳନକୁ ପୁନଃସ୍ଥାପିତ କରିପାରିବା।

**ଛାତ୍ରଛାତ୍ରୀ - ପ୍ରଗତିର ଅଗ୍ରଦୂତ**

ବିକଶିତ ଭାରତ ପାଇଁ ସମସ୍ତ କ୍ଷେତ୍ରରେ ଉତ୍କର୍ଷତା ଅତ୍ୟାବଶ୍ୟକ। ଯେତେବେଳେ ପିଲାମାନେ ସେମାନଙ୍କର ଅନନ୍ୟ କ୍ଷମତାକୁ ଆବିଷ୍କାର ଏବଂ ବିକାଶ କରିବାକୁ ସ୍ୱାଧୀନ ହୋଇଥା'ନ୍ତି, ସେତେବେଳେ ଦେଶ ସୃଜନଶୀଳତା, ସମାବେଶ ଏବଂ ସାମୂହିକ ପ୍ରଗତି ମାଧ୍ୟମରେ ଅଗ୍ରଗତି କରେ। କୃତ୍ରିମ ବୁଦ୍ଧିମତାର ଏହି ଯୁଗରେ ଜିଜ୍ଞାସା ଏବଂ ସମସ୍ୟା ସମାଧାନ ମଧ୍ୟରେ ବ୍ୟବଧାନ ହ୍ରାସ ପାଇଛି। ଶିକ୍ଷକ, ପିତାମାତା ଏବଂ ଅଭିଭାବକ ଭାବରେ, ଆମ ପାଇଁ ଏହା ନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ ଯେ ପିଲାମାନେ ଏହି ଅନୁସନ୍ଧାନକୁ ଆଗକୁ ନେବା ପାଇଁ ସଶକ୍ତ ହେବା ଆବଶ୍ୟକ। ଏଥିପାଇଁ ପିଲାମାନଙ୍କୁ ସଠିକ୍ ଉପକରଣ, ସ୍ପଷ୍ଟ ସୁରକ୍ଷା ଏବଂ ସ୍ଥିର ମାର୍ଗଦର୍ଶନ ଏବଂ ସମର୍ଥନ ପ୍ରଦାନ କରିବା ଆବଶ୍ୟକ। ସେମାନଙ୍କୁ ପରୀକ୍ଷଣ, ନୂତନ ଉଦ୍ଭାବନ ଏବଂ ବିଫଳ ହେବାର ସ୍ୱାଧୀନତା ମଧ୍ୟ ଦିଆଯିବା ଉଚିତ । ଆଜିର ପିଲାମାନେ ଏକ ବିକଶିତ ଭାରତ ୨୦୪୭ର ଅଗ୍ରଦୂତ ଅଟନ୍ତି । ଯେଉଁ ପିଲାମାନେ ନିର୍ଭୀକ ଭାବରେ ଶିଖନ୍ତି, ଆତ୍ମବିଶ୍ୱାସର ସହିତ ନୂଆ ଉଦଭାବନ କରନ୍ତି ଏବଂ ନିଜର ସାଂସ୍କୃତିକ ମୂଳଦୁଆରେ ଦୃଢ଼ ଭାବେ ତିଷ୍ଠି ରହି ବିଶ୍ୱ ସହିତ ଯୋଡ଼ି ହୁଅନ୍ତି, ସେମାନେ ଆଜି ଏକ ବିକଶିତ ଭାରତ ନିର୍ମାଣ କରୁଛନ୍ତି। ଏପରି ପିଲାମାନଙ୍କୁ ଏକ ଶିକ୍ଷା ବ୍ୟବସ୍ଥା ମାଧ୍ୟମରେ ସମର୍ଥନ କରାଯିବା ଉଚିତ ଯାହା ମନ, ହୃଦୟ ଏବଂ ହାତ ତିନୋଟିର ବିକାଶ ଉପରେ ଧ୍ୟାନ ଦିଏ। ଏପରି ଏକ ବ୍ୟବସ୍ଥା ଯାହା ପ୍ରତିଭାକୁ ସମ୍ମାନ ଦେଉଥିବ, ଉଦ୍ଦେଶ୍ୟକୁ ପୋଷଣ କରୁଥିବ ଏବଂ ସେମାନଙ୍କୁ ଅର୍ଥପୂର୍ଣ୍ଣ ଜୀବନ ପାଇଁ ପ୍ରସ୍ତୁତ କରୁଥିବ। ଏହା ହିଁ ହେଉଛି ପରୀକ୍ଷା ପେ ଚର୍ଚ୍ଚାର ଭାବନା : ପିଲାମାନଙ୍କୁ ଭୟରୁ ମୁକ୍ତ କରିବା ଏବଂ ସେମାନଙ୍କୁ ବିକଶିତ ଭାରତ ୨୦୪୭ ପାଇଁ ଆତ୍ମବିଶ୍ୱାସୀ ନାଗରିକ ଭାବେ ଗଢ଼ିବା ।

# ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମହିମା ମେଳା

**ଅଲେଖ ଚନ୍ଦ୍ର ସାମଲ**

ତ୍ୟାଗ, ତପସ୍ୟା, ଆତ୍ମଜ୍ଞାନ, ବ୍ରହ୍ମଦୀକ୍ଷା ଓ ବ୍ରହ୍ମଉପାସନାର ଧର୍ମ ମହିମା ଧର୍ମ । ସକଳ ମତବାଦର ସାର ନିର୍ଯାସ ବିଶୁଦ୍ଧ ଅଦ୍ୱୈତ ବ୍ରହ୍ମବାଦରେ ଏହା ପରିପୁଷ୍ଟ ଓ ପରିବର୍ଦ୍ଧିତ । ଏକଦା ପବିତ୍ର ଉତ୍କଳଭୂମିର ଯୋରନ୍ଦାରେ ଅଙ୍କୁରିତ ହୋଇଥିବା ଏହି ଭୂମାସ୍ପର୍ଶୀ ବିଶାଳ ଧର୍ମବୃକ୍ଷ ସମଗ୍ର ଭାରତବର୍ଷକୁ ଧାର୍ମିକ ଚେତନାରେ ପ୍ଳାବିତ କରୁଛି । ଗୁରୁ ମହିମାସ୍ୱାମୀଙ୍କ ଯୋଗ୍ୟ ଆଜ୍ଞାବାହ ଭାବେ ପ୍ରଥମପନ୍ଥୀ, ଦ୍ୱିତୀୟପନ୍ଥୀ ଓ ବାର୍ତ୍ତମାନିକ ତୃତୀୟପନ୍ଥୀ ବଳକଳଧାରୀ ଅବଧୂତ ସନ୍ନ୍ୟାସୀ ଧର୍ମପ୍ରଚାର ପ୍ରାରମ୍ଭରୁ ଆଜିସୁଦ୍ଧା ମହିମା ଧର୍ମଧାମର ସୁରକ୍ଷା ଓ ସମୃଦ୍ଧି ଅକ୍ଷୁଣ୍ଣ ରଖି ଆସିଛନ୍ତି ।

ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମହିମା ମେଳା । ମାନବଧର୍ମର ମହୋତ୍ସବ କୁହାଯାଉଥିବା ଏହି ଯୋରନ୍ଦା ମହିମା ମେଳାରେ ଲକ୍ଷ ଲକ୍ଷ ସନ୍ନ୍ୟାସୀ, ଭକ୍ତ ଓ ଯାତ୍ରୀଙ୍କ ସମାଗମ ହୋଇଥାଏ । ମହିମା ମେଳା ଅବସରରେ ସମାଧି ମନ୍ଦିର ନିକଟରେ ସୁନା ଓ ରୂପାର ଛତ୍ରୀ, ତରାସ, ଚାମର, ଢ଼ାଲ, ଗଡୁ, ଲୋଟା, ଥାଳି ଆଦି ଯାତ୍ରୀମାନଙ୍କ ଦର୍ଶନ ନିମନ୍ତେ ସୁସଜ୍ଜିତ କରାଯାଇଥାଏ ।

ମନ୍ଦିର ପରିସରରେ ଦଳ ଦଳ ହୋଇ ମହିମା ସାଧୁସନ୍ଥମାନଙ୍କ ଖଞ୍ଜଣି ଭଜନ ଗାନ ଆଧ୍ୟାତ୍ମିକ ପରିବେଶକୁ ଆହୁରି ଗମ୍ଭୀର କରିଥାଏ । ମନ୍ଦିରର ଅଖଣ୍ଡ ଧୁନିରେ ବିଶ୍ୱକଲ୍ୟାଣ ଶାନ୍ତି କାମନା ନିମନ୍ତେ ମହିମା ସାଧୁସନ୍ଥମାନଙ୍କ ଦ୍ୱାରା ଘୃତାହୁତି ଦିଆଯାଇଥାଏ । ସଭାଗୃହ ଠାରେ ମହିମା ସାଧୁ ସମ୍ମିଳନୀ ଓ ଧର୍ମ ଆଲୋଚନା ଆଦି ହୋଇଥାଏ । ମହିମା ମେଳା ତିନି ଦିନ ଧରି ଅନୁଷ୍ଠିତ ହୁଏ ।

ଊନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟ ଧର୍ମ ଓ ସଂସ୍କୃତିର ପ୍ରଭାବରେ ଭାରତୀୟ ଆଧ୍ୟାତ୍ମିକ ଚେତନା ଏକ ଆତ୍ମିକ ସନନ୍ଦ ରୂପେ ପ୍ରତିଭାତ ହୋଇଥିଲା । ସେ ସମୟରେ ଭାରତୀୟ ଧାର୍ମିକ ଚିନ୍ତାଧାରାରେ ଏକ ବିଶେଷ ପରିବର୍ତ୍ତନ ପ୍ରକ୍ରିୟା ଅନୁଭୂତ ହୋଇଥିଲା । ପବିତ୍ର ଉତ୍କଳ ଭୂମିରେ ସାଧୁ ସୁନ୍ଦର ଦାସ ଓ ଅରକ୍ଷିତ ଦାସ ମହାତ୍ମାଙ୍କସମେତ ପୂଜ୍ୟ ମହିମା ସ୍ୱାମୀ ଆର୍ବିଭାବ ହୋଇଥିଲେ । ମହିମା ସ୍ୱାମୀଙ୍କର ପ୍ରକୃତ ପରିଚୟ, ଜୀବନଚର୍ଯ୍ୟା ତଥା ଜନ୍ମ ସମ୍ପର୍କରେ ଠୋସ୍ ପ୍ରମାଣ କାହା ପାଖରେ ନଥିବା ବେଳେ ମହିମାଧର୍ମାବଲମ୍ବୀଙ୍କ ମତରେ ସେ ଅଲେଖ ପରଂବ୍ରହ୍ମଙ୍କ ଅବତାରରେ ଏବଂ ଧର୍ମସଂସ୍ଥାପନାର୍ଥେ ସ୍ୱମହିମାରେ ଆର୍ବିଭୂତ ହୋଇଥିଲେ ।

୧୭୩୨ ଖ୍ରୀଷ୍ଟାବ୍ଦରେ ମହିମା ସ୍ୱାମୀଙ୍କର ଆର୍ବିଭାବ, ଦୀର୍ଘ ୧୪୪ ବର୍ଷ ମହିମାଲୀଳା ସଂରଚନା କରିବା ପରେ ୧୮୭୬ ଖ୍ରୀଷ୍ଟାବ୍ଦରେ ତିରୋଧାନ କରିଥିଲେ ବୋଲି ମହିମାଧର୍ମୀ କହନ୍ତି । ମହିମା ସ୍ୱାମୀଙ୍କର ପ୍ରକୃତ ଆର୍ବିଭାବ କାଳର ପ୍ରାମଣିକ ତଥ୍ୟ ମିଳିନଥିଲେ ସୁଦ୍ଧା ୧୮୨୬ ମସିହାରେ ସେ ପୁରୀରେ ଅଲେଖ ମଣ୍ଡଳ ପ୍ରତିଷ୍ଠା କରିଥିବାର ସୂଚନା ଇତିହାସରେ ରହିଛି । ୧୮୨୬ ମସିହା ଠାରୁ ୧୮୩୮ ମସିହା ପର୍ଯ୍ୟନ୍ତ ଦୀର୍ଘ ୧୨ ବର୍ଷ ସେ ଖଣ୍ଡଗିରି ଗୁମ୍ଫାରେ କେବଳ ଜଳପାନ ପୂର୍ବକ ସମାଧି ଯୋଗ ଅବଲମ୍ବନ କରିଥିଲେ । ୧୮୩୮ ମସିହାରେ ମହିମା ସ୍ୱାମୀ ପୁରାଣ ପ୍ରସିଦ୍ଧ କପିଳାସ ପର୍ବତର ପଶ୍ଚିମ ପାର୍ଶ୍ୱରେ ସମାଧିସ୍ଥ ହେଲେ । ଏହି ପବିତ୍ର ତପସ୍ୟା ପୀଠ ସଂପ୍ରତି ତପୋବନ ଆଶ୍ରମ ନାମରେ ପରିଚିତ ।



କପିଳାସ ତପୋବନ ଆଶ୍ରମରେ ମହିମା ସ୍ୱାମୀ ୧୮୬୨ ମସିହାରେ ମହିମା ଦର୍ଶନର ଦିବ୍ୟପ୍ରାପ୍ତି ହେଲେ । ସେହି ମହିମା ଦର୍ଶନର ସାରସତ୍ତା ହେଉଛି ଅଲେଖ ପରଂବ୍ରହ୍ମଙ୍କ ଠାରୁ ଆତ୍ମାକ୍ଷରିତ । ତାଙ୍କରିଠାରେ ଅର୍ପିତ ଏବଂ ଶେଷରେ ତାଙ୍କରି ଶରଣ ଦର୍ଶନରେ ମୁକ୍ତି । ଏହି ଦର୍ଶନକୁ ଭିତ୍ତି କରି ପୂଜ୍ୟ ମହିମା ସ୍ୱାମୀ ମହିମା ଧର୍ମର ଉନ୍ମେଷ ଘଟାଇଥିଲେ । ଏକ ନୂତନ ଧର୍ମର ପ୍ରତିଷ୍ଠା କରିଥିବାରୁ ଏବଂ ଧର୍ମର ନାମ ମହିମାଧର୍ମ ହୋଇଥିବାରୁ ପରବର୍ତ୍ତୀ ସମୟ ଠାରୁ ସେ ମହିମା ଗୋସାଇଁ ଭାବେ ପରିଚିତ ହୋଇଥିଲେ । ମହିମା ଧର୍ମ ହିଁ ବେଦାନ୍ତ ଦର୍ଶନ ବିଚାରରେ ମାନବ ଧର୍ମ ।

ଦିବ୍ୟ ଦୃଷ୍ଟିରେ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ, ଉପାସନା, ଭାଷା, ବେଶଭୂଷାର ଭିନ୍ନତା ସତ୍ତ୍ୱେ ସକଳ ମାନବ ଏକ ପରମେଶ୍ୱରଙ୍କ ସନ୍ତାନ ବୋଲି ମହିମା ଧର୍ମର ପ୍ରତିଷ୍ଠା ମହିମା ସ୍ୱାମୀ ସାମାଜିକ ସଂସ୍କାରର ମହତ୍ତ୍ୱପୂର୍ଣ୍ଣ ଲକ୍ଷ୍ୟରେ କହିଥିଲେ । ମହିମା ସ୍ୱାମୀଙ୍କର ଗୋବିନ୍ଦ ବାବା ହେଉଛନ୍ତି ପ୍ରଥମ ଶିଷ୍ୟ । ଆଉ ପ୍ରମୁଖ ଶିଷ୍ୟ ହେଉଛନ୍ତି ସନ୍ଥକବି ଭୀମଭୋଇ ।

ପ୍ରାତଃସ୍ମରଣୀୟ ମହିମା ସ୍ୱାମୀ ପୁରପଲ୍ଲୀରେ ସର୍ବତ୍ର ପରିଭ୍ରମଣ କରି ୬୪ଜଣଙ୍କୁ ସନ୍ନ୍ୟାସ ଦୀକ୍ଷା ପ୍ରଦାନ କରିଥିଲେ ଏବଂ ଲୋକମାନଙ୍କୁ ମହିମା ଧର୍ମରେ ଦୀକ୍ଷିତ ହେବା ନିମନ୍ତେ ବହୁ ସ୍ଥାନରେ ଟୁଙ୍ଗୀ ବା ଆଶ୍ରମ ପ୍ରତିଷ୍ଠା କରିଥିଲେ । ସେଥିମଧ୍ୟରୁ ଯୋରନ୍ଦା ଟୁଙ୍ଗୀ ହିଁ ଥିଲା ମୁଖ୍ୟ । ମହିମା ସ୍ୱାମୀଙ୍କ ତିରୋଧାନ ପରେ ତାଙ୍କର ଚାରି ହାତର ସମାଧି ଉପରେ ଗାଦି ମନ୍ଦିର ନିର୍ମାଣ କରାଯାଇଛି । ତା'ପରେ ଶୂନ୍ୟ ମନ୍ଦିର, ଧ୍ୱନି ମନ୍ଦିର, ସଭାଗୃହ, ପୁସ୍ତକାଳୟ, ବହୁ ମଠ ଓ ଆଶ୍ରମ ନିର୍ମାଣ ହୋଇଛି । ବର୍ତ୍ତମାନ ଦେଶ ଓ ବିଦେଶରେ ମଧ୍ୟ ଅଗଣିତ ମହିମା ସନ୍ନ୍ୟାସୀ ମହିମାଗାଦିର ବିଭିନ୍ନ ମଠ ଓ ଆଶ୍ରମରେ ରହି ଧର୍ମ ପ୍ରଚାର ଚଳାଇଛନ୍ତି । ହେଲେ ମହିମା ଧର୍ମର ମୁଖ୍ୟ କାର୍ଯ୍ୟାଳୟ ଏହି ଯୋରନ୍ଦା ଠାରେ ରହି ଆସିଛି ।

ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତରେ ଅଷ୍ଟାଙ୍ଗ ପ୍ରଣାମ ପୂର୍ବକ ଅଲେଖ ପରଂବ୍ରହ୍ମଙ୍କର ଶରଣାପନ୍ନ ହେବା ହିଁ ମହିମା ସ୍ୱାମୀଙ୍କ ପ୍ରବର୍ତ୍ତିତ ନିତ୍ୟ ଉପାସନା । ସମ୍ପୂର୍ଣ୍ଣ ସରଳ ଓ ନିରାଡ଼ମ୍ବର ଜୀବନଯାପନ ହିଁ ମହିମା ଧର୍ମର ସନ୍ଦେଶ । ମହିମାଧର୍ମୀ ସାଧୁସନ୍ଥ ଓ ଗୃହୀମାନେ ସତ୍ୟବାଦୀ, ନିରାଡ଼ମ୍ବର, ମିଷ୍ଟଭାଷୀ ଏବଂ ସଦା ପ୍ରସନ୍ନମନା । ସନ୍ନ୍ୟାସୀମାନେ ବଳକର ବା କୌପିନି ଆଉ ଗୃହୀମାନେ ଗେରୁଆବସ୍ତ୍ର ପରିଧାନ କରିଥାନ୍ତି । ସୂର୍ଯ୍ୟାସ୍ତ ପୂର୍ବରୁ ମୁକ୍ତାକାଶ ତଳେ ନୂତନ ମାଟି ପାତ୍ର ବା ପତ୍ରରେ ଶାକାନ୍ନ ଭୋଜନ ହିଁ ମହିମା ଧର୍ମର ଶ୍ରେଷ୍ଠ ଆଚରଣ । ସନ୍ନ୍ୟାସୀମାନେ କୌଣସି ଟୁଙ୍ଗୀରେ ଏକ ରାତିରୁ ଅଧିକ ସମୟ ନିବାସ ନ କରିବା ମଧ୍ୟ ମହିମା ଧର୍ମରେ ନିୟମ ରହିଛି । ମହିମା ସ୍ୱାମୀ ମହିମା ଧର୍ମ ସମ୍ବନ୍ଧୀୟ କୌଣସି ସାହିତ୍ୟ ରଚନା କରି ନଥିଲେ । ପରବର୍ତ୍ତୀ ସମୟରେ ମହିମା ଧର୍ମ ସମ୍ବନ୍ଧୀୟ ପ୍ରମୁଖ ସାହିତ୍ୟ ସନ୍ଥ କବି ଭୀମଭୋଇ ରଚନା କରି ମହିମା ଧର୍ମକୁ ଅଧିକରୁ ଅଧିକ ପ୍ରଚାରିତ କରି ପାରିଥିଲେ ।

ପରବର୍ତ୍ତୀ କାଳରେ ଅଗଣିତ ସାଧୁସନ୍ଥ, ମହାତ୍ମା ଓ ବିଜ୍ଞ ପ୍ରାଜ୍ଞମାନେ ମହିମା ଧର୍ମ ସମ୍ବନ୍ଧୀୟ ବହୁ ପୁସ୍ତକ ରଚନା କରିଥିଲେ । ଯେଉଁ ମହିମା ସନ୍ନ୍ୟାସୀମାନେ ଦେଶ ଓ ବିଦେଶରେ ରହି ଧର୍ମ ପ୍ରଚାର କରୁଛନ୍ତି ସେମାନେ ଏକତ୍ରିତ ହେବା, ଗୃହୀ ଭକ୍ତଙ୍କର ସମାଗମ ତଥା ମହିମା ସନ୍ଦେଶ ପ୍ରଦାନ ଉଦ୍ଦେଶ୍ୟରେ ମହିମା ସ୍ୱାମୀ ମାଘ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଯୋରନ୍ଦା ଟୁଙ୍ଗୀ ନିକଟରେ ମହିମା ମେଳା ଆରମ୍ଭ କରିଥିଲେ । ଆରମ୍ଭରୁ ଏହି ମହିମା ମେଳା ଛୋଟ ଆକାରରେ ହେଉଥିବା ବେଳେ କ୍ରମଶଃ ବୃଦ୍ଧି ପାଇ ବିଶ୍ୱ ପ୍ରସିଦ୍ଧ ମହିମା ମେଳାରେ ପରିଣତ ହୋଇଛି ।

ଭୀମଭୋଇ ପ୍ରଭୁ ମହିମାସ୍ୱାମୀଙ୍କ ଠାରୁ ଉପଦେଶ ଓ କବିତା ଶକ୍ତି ପ୍ରାପ୍ତ ହୋଇ ମହିମାଧର୍ମର ପ୍ରଥମ ଗୃହସ୍ଥ ଭକ୍ତ ହେବାର ଗୌରବ ଅର୍ଜନ କରିଥିଲେ । ଏହି ଧର୍ମ କାହାର ବିରୋଧାଭାସ ନୁହେଁ, ବରଂ ହିନ୍ଦୁଧର୍ମର ବିଶୁଦ୍ଧ ରୂପାନ୍ତର ଓ ବେଦାନ୍ତସିଦ୍ଧ ଧର୍ମ ଅଟେ । ସତ୍ୟ ମହିମା ଧର୍ମ ଗ୍ରନ୍ଥକୋଷ ସମିତି, ମହିମାଗାଦି ଦ୍ୱାରା ବିଭିନ୍ନ ଭାଷାରେ ପ୍ରକାଶିତ ଏହି ଧର୍ମର ପ୍ରାମାଣିକ ଧର୍ମଗ୍ରନ୍ଥଗୁଡ଼ିକ ଯଥା - ସତ୍ୟ ମହିମା ଧର୍ମ ପ୍ରତିପାଦକ, ମହିମା ଧର୍ମ ଇତିହାସ, ମହିମାଗାଦି ମହିମାଧାମ ଇତିହାସ, ସର୍ବବେଦବେଦାନ୍ତ ସାରତତ୍ତ୍ୱ, ଶିରୋମଣି ସିଦ୍ଧସାଧୁ ଚରିତ୍ରାମୃତ, ଗୃହସ୍ଥ ଶୁଭକର୍ମ ବିଧାନାଦି ଓ ଭୀମଭୋଇ କୃତ ସ୍ତୁତି ଚିନ୍ତାମଣି, ବ୍ରହ୍ମନିରୂପଣ ଗୀତା, ଭଜନ ଚଉତିଶା ପ୍ରଭୃତି ଅନ୍ୟତମ ।

**ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ମୋ-୯୪୩୭୨୫୬୧୨୩**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୂର୍ବୋଦୟ...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ଆଜି ମୟୂରଭଞ୍ଜ ପାଇଁ ଏକ ଐତିହାସିକ ଦିନ। ଏଠାରେ ବହୁବିଧ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ହେଉଛି । ମୟୂରଭଞ୍ଜ ତଥା ସାରା ଓଡ଼ିଶାର ନିରନ୍ତର ବିକାଶ ପ୍ରତି ଏହି ପ୍ରକଳ୍ପ ଗୁଡ଼ିକ ହେଉଛି କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମିଳିତ ପ୍ରତିବଦ୍ଧତାର ପ୍ରତିଫଳନ ।

ଏହି ପ୍ରକଳ୍ପଗୁଡ଼ିକ କେବଳ ସାମାନ୍ୟ କୋଠା କିମ୍ବା ଭିତ୍ତିଭୂମି ନୁହେଁ; ଏହା ହେଉଛି ଉନ୍ନତ ମାନବ ସମ୍ବଳ ସୃଷ୍ଟିରେ ଆମର ନିବେଶ। ବିଶେଷକରି ଆମର ଯୁବପିଢ଼ି, ଚାଷୀ, ଆଦିବାସୀ ସମ୍ପ୍ରଦାୟ ଏବଂ ମହିଳାଙ୍କ ସୁନ୍ଦର ଭବିଷ୍ୟତ ପାଇଁ ଏହା ପଥ ପ୍ରସ୍ତୁତ କରିବ । ମହାମହିମ ରାଷ୍ଟ୍ରପତି, ଯେଉଁ ମାଟିର ଝିଅ, ସେ ମାଟି କେବେହେଲେ ଅବହେଳିତ ରହିପାରିବ ନାହିଁ। ଯେଉଁ ଦିନ ଠାରୁ ଆମ ସମସ୍ତଙ୍କର ସମ୍ମାନନୀୟା ଦ୍ରୌପଦୀ ମୁର୍ମୁଜୀ ଦେଶର ପ୍ରଥମ ନାଗରିକ ହୋଇଛନ୍ତି, ସେହିଦିନ ଠାରୁ ମୟୂରଭଞ୍ଜ ଜିଲ୍ଲା ବାସୀଙ୍କ ପାଇଁ ବିକାଶର ଗ୍ୟାରେଣ୍ଟି ମିଳିଛି।

ଓଡ଼ିଶାର ଇତିହାସ ଏବଂ ସଂସ୍କୃତିରେ ମୟୂରଭଞ୍ଜ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏହା ଜଙ୍ଗଲ, ପାହାଡ଼, ନଦୀ, ସମୃଦ୍ଧ ଜୈବ ବିବିଧତା ଏବଂ ସ୍ପନ୍ଦନଶୀଳ ଆଦିବାସୀ ପରମ୍ପରାର ଭୂମି । ଏହା ଦେଶକୁ ମହାନ୍ ନେତା, ସ୍ୱାଧୀନତା ସଂଗ୍ରାମୀ, କଳାକାର, କ୍ରୀଡାବିତ୍, ପ୍ରଶାସକ ଏବଂ ବିଶେଷକରି ଭାରତକୁ ପ୍ରଥମ ନାଗରିକ ଉପହାର ଦେଇଛି । ଦୀର୍ଘ ଦିନ ଧରି, ଏହି ଅଞ୍ଚଳର ଆକାଂକ୍ଷା ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଆଧୁନିକ ସୁବିଧା ପାଇଁ ପ୍ରବେଶର ଦ୍ୱାର ସୀମିତ ଥିଲା। ଆଜି, ଆମେ ସେହି ସ୍ୱପ୍ନକୁ ବାସ୍ତବତାରେ ପରିବର୍ତ୍ତନ କରିବା ପାଇଁ ସାମୂହିକ ଭାବରେ କାର୍ଯ୍ୟ କରୁଛୁ।

ଆମର ବିକାଶ ଦୃଷ୍ଟିକୋଣର କେନ୍ଦ୍ରରେ ରହିଛି ଶିକ୍ଷା। ଆୟୁଷ ହସ୍ପିଟାଲ୍ ଓ ଆୟୁର୍ବେଦିକ୍ କଲେଜ୍, ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟର କ୍ୟାମ୍ପସ, ଏମ୍ଏସ୍‌ସିବି ବିଶ୍ୱବିଦ୍ୟାଳୟରେ ସୂଚନା ପ୍ରଯୁକ୍ତିବିଦ୍ୟା କ୍ୟାମ୍ପସ, ଧନୁର୍ବିଦ୍ୟା ଏକାଡେମୀ ଗୁଡ଼ିକର ପ୍ରତିଷ୍ଠା ଉତ୍ତର ଓଡ଼ିଶାର ଦୃଶ୍ୟପଟକୁ ପରିବର୍ତ୍ତନ କରିବ । ବିଶେଷକରି ଆଜିର ଦିନଟି ବିଜ୍ଞାନ, ପ୍ରଯୁକ୍ତି ଓ କ୍ରୀଡାରେ ଶିକ୍ଷାପାଇଁ ଏକ ଐତିହାସିକ ଦିନ । ମୟୂରଭଞ୍ଜ, ଏବଂ ଏହାର ନିକଟବର୍ତ୍ତୀ ଜିଲ୍ଲାଗୁଡ଼ିକର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଉଚ୍ଚଶିକ୍ଷା ପାଇଁ ଆଉ ଦୂର ଯାତ୍ରା କରିବାକୁ ପଡ଼ିବ ନାହିଁ। ଏହା ସହିତ ରାଇରଙ୍ଗପୁର ସହରର ବିକାଶ କ୍ଷେତ୍ରରେ ଏକ ନୂଆ ମାଇଲଷ୍ଟୋନ୍ ପଡିଛି।

କୃଷି ଆମର ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ ହୋଇ ରହିଛି। ନୂତନ ଓୟୁଏଟି କ୍ୟାମ୍ପସ୍ ସ୍ଥାନୀୟ ପରିସ୍ଥିତି ସହିତ ଉପଯୁକ୍ତ କୃଷି ଶିକ୍ଷା, ଗବେଷଣା ଏବଂ ଗୁଣାତ୍ମକ ସେବାକୁ ପ୍ରୋତ୍ସାହିତ କରିବ। ଏହା ଚାଷୀମାନଙ୍କୁ ଉନ୍ନତ ଚାଷ ପଦ୍ଧତି ଗ୍ରହଣ କରିବାରେ, ଉତ୍ପାଦକତା ବୃଦ୍ଧି କରିବାରେ ଏବଂ ଆୟ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଏକ ସମୃଦ୍ଧ ସମାଜ ପାଇଁ ସ୍ୱାସ୍ଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାରୀ ଆୟୁର୍ବେଦିକ କଲେଜର ଭିତ୍ତିପ୍ରସ୍ତର ଏହି ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ମଜବୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଅନୁଷ୍ଠାନ ଛାତ୍ରଛାତ୍ରୀମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପାଇଁ ସ୍ୱାସ୍ଥ୍ୟସେବା ପ୍ରବେଶକୁ ଉନ୍ନତ କରିବ।

ନୂଆ କେନ୍ଦ୍ର ବଜେଟର ପ୍ରାବଧାନ ଅନୁଯାୟୀ କ୍ୟାନସର ଓ ଡାଏବେଟିସ୍ ପରି ଅନେକ ଜଟିଳ ରୋଗର ଔଷଧ ଶସ୍ତା ହେବ। ଯାହା ଆମ ଗରିବ ଏବଂ ମଧ୍ୟମ ବର୍ଗର ଲୋକମାନଙ୍କ ପାଇଁ ଖୁବ୍ ମଙ୍ଗଳକର ହେବ। ଏଥିପାଇଁ ମୁଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଏବଂ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଧନ୍ୟବାଦ ପ୍ରଦାନ କରୁଛି। କେୟାର ଇକୋନୋମି ଏବଂ ନିଯୁକ୍ତି ମାଧ୍ୟମରେ ଦେଶରେ ୧.୫ ଲକ୍ଷ ମଲ୍‌ଟି ସ୍କିଲ୍‌ଡ କେୟାର୍ ଗିଭର୍ସଙ୍କୁ ତାଲିମ୍ ଦେବାପାଇଁ ଯୋଜନା ହେଉଛି। ଯାହା ଫଳରେ ଏହା ସମଗ୍ର ଓଡ଼ିଶାର ଯୁବକ ଯୁବତୀମାନଙ୍କ ପାଇଁ ସେବା କ୍ଷେତ୍ରରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ମଧ୍ୟାହ୍ନ ୧୨:୦୦ଟା ସମୟରେ ରାଷ୍ଟ୍ରପତି ମହୁଲଡିହା ସ୍ଥିତ ସରକାରୀ ଏସ୍ଏସ୍‌ଡି ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ । ଏହାପରେ ଛାତ୍ରଛାତ୍ରୀମାନଙ୍କ ସହ ଭାବ ବିନିମୟ କରିବା ସହ ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିର ଲୋକାର୍ପଣ କରିଥିଲେ । ଏହାସହିତ ସେ ଛାତ୍ରୀଙ୍କ ସହିତ ବହୁ ସମୟ ଧରି କଥାବାର୍ତ୍ତା କରିବା ସହ ପିଲାଙ୍କ ଭଲ ମନ୍ଦ, ଖେଳକୁଦ ଆଦି ବିଷୟରେ ପଚାରି ବୁଝିଥିଲେ ଏବଂ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଉଚିତ ପରାମର୍ଶ ଦେବା ସହିତ ଭବିଷ୍ୟତ ନାଗରିକ ଗଢିବା ପାଇଁ କହିଛନ୍ତି । ପିଲାଙ୍କ ସହିତ ନିଜର ପିଲା ଦିନର ସ୍ମୃତିଚାରଣ ମଧ୍ୟ କରିଥିଲେ । କେବଳ ପାଠପଢା ନୁହେଁ ଖେଳକୁଦ, ନାଚଗୀତ ସବୁ ଦିଗରେ ପାରଙ୍ଗମ ହେବାକୁ କହିଥିଲେ ମହାମହିମ । ପିଲାଙ୍କୁ ସବୁ ଦିଗରେ ତାଲିମ ଦେବାକୁ ରାଷ୍ଟ୍ରପତି ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟପଟେ ରାଷ୍ଟ୍ରପତିଙ୍କୁ ଅତି ନିକଟରୁ ପାଇଁ ଛାତ୍ରୀମାନେ ମଧ୍ୟ ବେଶ ଖୁସି ହୋଇଥିଲେ । ଏହାପରେ ୧୨ଟା ୩୫ମିନିଟ୍ ରେ ଶ୍ରୀ ପୂର୍ଣ୍ଣେଶ୍ୱର ମହାଦେବ ମନ୍ଦିରରେ ଦର୍ଶନ ସାରି ଡ଼କୁମେଣ୍ଟାରୀ ସୁଟିଂ କରିଥିଲେ। ଏହା ପରେ ଗଡ଼ ସ୍ଥିତ ବ୍ରହ୍ମକୁମାରୀ ଈଶ୍ୱରୀୟ କେନ୍ଦ୍ରକୁ ଯାଇ ସେଠାରୁ ରାଇରଙ୍ଗପୁର ସ୍ଥିତ ବାସ ଭବନକୁ ଫେରି ମଧ୍ୟାହ୍ନ ଭୋଜନ କରି ରାଷ୍ଟ୍ରପତି ବିଶ୍ରାମ କରିଥିଲେ । ଅପରାହ୍ନ ୪ଟାରେ କଚେରୀ ପଡ଼ିଆରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ଗୃହନଗର ଓ ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ମୟୂରଭଞ୍ଜ ଜିଲ୍ଲାର ବିକାସ ପାଇଁ ମହାମହିମ ସଦା ଚେଷ୍ଟିତ । ଏଥିପାଇଁ ବିକଶିତ ଭାରତ, ବିକଶିତ ଓଡିଶା କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲା ଏକ ଅଗ୍ରଣୀ ଜିଲ୍ଲା ଭାବେ ଉନ୍ନତି କରିବ । ଏଥିପାଇଁ ବହୁ ପ୍ରକଳ୍ପର ଶିଳାନ୍ୟାସ ସହିତ ଉଦଘାଟନ କରାଯାଇଥିବାରୁ ଏହା ଜିଲ୍ଲା ପାଇଁ ବହୁ ଗର୍ବ ଓ ଗୌରବର ବିଷୟ ।

## ସଂସଦ...

ହୋଇଛନ୍ତି। ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ସେ ବିଜେପିରେ ଯୋଗଦେଇଥିଲେ। ରାହୁଲଙ୍କର ମଧ୍ୟ ସେ ଅତ୍ୟନ୍ତ ଘନିଷ୍ଠ ଥିଲେ। ରାହୁଲ ତାଙ୍କୁ ସଂସଦ ପରିସରରେ ମୋର ବିଶ୍ୱାସଘାତକ ବନ୍ଧୁ ବୋଲି କହିଥିଲେ ଓ ବିଟ୍ଟୁ ତୁରନ୍ତ ରାହୁଲଙ୍କୁ ଦେଶର ଶତ୍ରୁ ବୋଲି ଟିପଣୀ କରିଥିଲେ। ଏହି କଥା କଟାକଟି ଚାଲିଥିବା ସମୟରେ ରାହୁଲ କହିଥିଲେ ଯେ ବ୍ୟସ୍ତ ହୁଅନି ଖୁବ ଶୀଘ୍ର କଂଗ୍ରେସକୁ ଫେରିବ। ଏହାପରେ ରାହୁଲ ତାଙ୍କ ସହ ହାତ ମିଳାଇବାକୁ ହାତ ବଢ଼ାଇଥିଲେ। ମାତ୍ର ଶ୍ରୀ ବିଟ୍ଟୁ ମନା କରିଦେଇ ଚାଲିଯାଇଥିଲେ। ପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବିଟ୍ଟୁ କଂଗ୍ରେସରେ ରହିଥିବା ସମୟକୁ ମନେ ପକାଇଛନ୍ତି। ପଞ୍ଜାବରେ ହୋଇଥିବା ସାମରିକ କାର୍ଯ୍ୟାନୁଷ୍ଠିତ ଗାନ୍ଧି ପରିବାରର ଉତ୍ତରଦାୟୀ। ଶିଖମାନଙ୍କୁ ଜାଣିଶୁଣି ଶିଖମାନଙ୍କୁ ଟାର୍ଗେଟ୍ କରାଯାଉଥିଲା। ସେ ବିଜେପିରେ ଅଛନ୍ତି । ଗାନ୍ଧି ଏବଂ ତାଙ୍କ ସହଯୋଗୀମାନେ ମୋତେ ଭିନ୍ନ ବ୍ୟବହାର କରିଥିଲେ। ସେ ତାଙ୍କର ଶିଖ୍ ପରିଚୟକୁ ଗୁରୁତ୍ୱ ଦେଇ କହିଥିଲେ ଯେ ତାଙ୍କ ମୁଣ୍ଡରେ ଥିବା ପଗଡି ଗର୍ବ। ଗାନ୍ଧୀ ପରିବାରକୁ ସେ ଦେଶର ଶତ୍ରୁ ବୋଲି ବିଚାର କରନ୍ତୁ। ମନ୍ତ୍ରୀ ମଞ୍ଜିନ୍ଦର ସିଂ ଶୀର୍ଷା ରାହୁଲଙ୍କ ମନ୍ତବ୍ୟକୁ ନିନ୍ଦା କରିବା ସହ ପାପ କରିଛନ୍ତି ବୋଲି କହିଛନ୍ତି। ସେ ଶିଖମାନଙ୍କୁ ଅପମାନିତ କରିଛନ୍ତି। ଏହି ଦୁଇ ନେତାମାନଙ୍କୁ ଚାଲିଥିବା କଟାକଟି ଚର୍ଚ୍ଚାର ବିଷୟ ପାଲଟିଛି।

## ହ୍ୱାଟ୍ସଆପ୍‌ରେ...

ଯେ ଆସନ୍ତାକାଲି ୫୫ ତହସିଲ ଅଫିସରଙ୍କ ରେଜେଷ୍ଟ୍ରି ଅଫିସ ଭାବେ ରୂପାନ୍ତରୀତ କରାଯିବ। ହ୍ୱାଟ୍ସଆପ୍ ସେବାକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିବେ। ହ୍ୱାଟ୍ସଆପ୍‌ରେ ୨୪ ଘଣ୍ଟିଆ ସେବା ଯୋଗାଇ ଦିଆଯିବ। ଜାତି ପ୍ରମାଣପତ୍ର ସହ ରାଜସ୍ୱ ସେବା ଗୁଡିକ ମିଳିବ। ଦୁର୍ନୀତି ବନ୍ଦ ହେବା ସହ ତହସିଲ ଅଫିସକୁ ଦୌଡ଼ିବାକୁ ପଡିବ ନାହିଁ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମସ୍ୟା ସମାଧାନ କରାନଗଲେ ସମ୍ପୃକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ଅଭିଭାଷଣ...

ସାଂସଦମାନେ ସାମିଲ ହୋଇଥିଲେ। ଫଳରେ ପ୍ରଧାନମନ୍ତ୍ରୀ ଗୃହ ନିୟନ୍ତ୍ରଣ ନଥିବାରୁ ପ୍ରବେଶ କରିନଥିଲେ। ତିୱାରୀ ଅଭିଯୋଗ କରିଛନ୍ତି ଯେ ସୁରକ୍ଷା ପ୍ରତି ଚିନ୍ତା ବଢୁଛି। ସାଂସଦମାନେ ଯାହା ଠିକ୍ ଲାଗୁଛି ଏହା କର ବୋଲି ବ୍ୟାନର ପ୍ରଦର୍ଶନ କରିଥିଲେ। ତେବେ ଏହି ସମୟରେ ଗୃହରେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓ ପ୍ରତିରକ୍ଷା ମନ୍ତ୍ରୀ ନଥିଲେ। ହଟ୍ଟଗୋଳ ଚାଲିଥିବା ବେଳେ ଉଭୟ ସାଂସଦ ଓ ବିରୋଧୀମାନେ ମୁହାଁମୁହିଁ ହୋଇଥିଲେ। ବିଜେପି ସାଂସଦ ନୀଶିକାନ୍ତ ଦୁବେ, ଜ୍ୟୋତି ମଣି ଓ ବର୍ଷା ଗାଏକୁଆଡ ଆଗକୁ ମାଡି ଆସିଥିଲେ। ସେମାନେ ସହ ବିଜେପି ମହିଳା ସାଂସଦମାନେ ମଧ୍ୟ ଆଗେଇ ଆସିଥିଲେ। ଫଳରେ ଗୃହକୁ ମୁଲତବୀ କରାଯାଇଥିଲା। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟମନ୍ତ୍ରୀମାନେ ସ୍ଲୋଗାନ ଦେଇଥିବା ବିରୋଧୀ ସାଂସଦମାନଙ୍କୁ ନିଜ ଆସନକୁ ଆସିବା ପାଇ ଅନୁରୋଧ କରିଥିଲେ। କଂଗ୍ରେସ ସାଂସଦ ଭୁପିନ୍ଦର ହୁଡା ଏଥିରେ ହସ୍ତକ୍ଷେପ କରିବା ପରେ ସେମାନେ ନିଜ ଆସନକୁ ଫେରିଥିଲେ। ବିରୋଧୀ ଦଳ ପକ୍ଷରୁ ଏନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। କଂଗ୍ରେସ ସଂସଦ ପ୍ରିୟଙ୍କା ଗାନ୍ଧି କହିଛନ୍ତି ଯେ ସରକାରୀ ଦଳ ଅଭିଯୋଗ କରୁଛନ୍ତି ଯେ ପ୍ରତିବାଦ ଯୋଗୁଁ ପ୍ରଧାନମନ୍ତ୍ରୀ ଗୃହକୁ ଆସିଲେ ନାହିଁ। ସେ ଏତେ ଭୟଭିତ କାହିଁକି ଓ ଗୃହକୁ କାହିଁକି ଆସିଲେ ନାହିଁ ବୋଲି ପ୍ରଶ୍ନ କରିଛନ୍ତି। ସମାଜବାଦୀ ସଂସଦ ଡିମ୍ପଲ ଯାଦବ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଗୃହକୁ ଆସିବେ ବୋଲି ଆମେ ଅପେକ୍ଷା କରିଥିଲୁ। ଆମ ପାଖରେ ବାରଣାସୀର ମଣିକର୍ଣ୍ଣିକା ଘାଟ ଭାଙ୍ଗିବା ଓ ଅହଲ୍ୟା ବାଈ ପ୍ରତିମୂର୍ତ୍ତି ଭାଙ୍ଗିବା ପ୍ରସଙ୍ଗ ରହିଥିଲା। ସୂଚନାଯୋଗ୍ୟ ପୂର୍ବସେନାଧ୍ୟକ୍ଷ ଏନଏମ ନରଭାଣେଙ୍କ ଅପ୍ରକାଶିତ ପୁସ୍ତକୁ ନେଇ ସଂସଦରେ ହଟ୍ଟଗୋଳ ପରିସ୍ଥିତି ସୃଷ୍ଟି ହୋଇଛି। ଗୃହ ଦିନ ତମାମ ଚାଲିପାରିନଥିଲା। ବିଶୃଙ୍ଖଳିତ ଆଚରଣ ଯୋଗୁଁ ନିଲମ୍ବିତ ହୋଇଥିବା ୮ ସାଂସଦଙ୍କ ନିଷ୍ପତ୍ତି ପ୍ରତିବାଦରେ ବିରୋଧୀ ସାଂସଦମାନେ ସଂସଦ ପରିସରରେ ଧାରଣା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଆଜି ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ଦେବା ପାଇଁ ସନ୍ଧ୍ୟା ୫ଟା ସମୟ ନିର୍ଦ୍ଧାରିତ ହୋଇଥିଲା। କିନ୍ତୁ ଏହା ପୂର୍ବରୁ ବିରୋଧୀ ସାଂସଦମାନେ ହଟ୍ଟଗୋଳ କରିଥିଲେ। ସେହିପରି ଭାରତ ଓ ଆମେରିକା ବାଣିଜ୍ୟଚୁକ୍ତି ସମ୍ପର୍କରେ ବିରୋଧୀମାନେ ଆଲୋଚନା ଚାହୁଁଛନ୍ତି।

## ନ୍ୟାୟ...

ଏହା ଜନସାଧାରଣଙ୍କର। ଏସଆଇଆର୍ ପ୍ରକ୍ରିୟାରେ ଲୋକଙ୍କ ନାମ ଭୋଟର ତାଲିକାରୁ ହଟେଇ ଦିଆଯାଇଛି। ଯଦି କେହି ଝିଅ ବାହାଘର ପରେ ନିଜ ସ୍ୱାମୀଙ୍କ ଉପନାମ ବ୍ୟବହାର କରୁଛି, ନାମ ମେଳ ଖାଉନି ଦର୍ଶାଇ ଭୋଟର ତାଲିକାରୁ ହଠାଇ ଦିଆଯାଉଛି। ପଶ୍ଚିମବଙ୍ଗକୁ ଜାଣିଶୁଣି ଟାର୍ଗେଟ୍ କରାଯାଇଛି। ଏହି ପ୍ରକ୍ରିୟା ଚାପରେ ଅନେକ ବି ବିଏଲଓଙ୍କ ଜୀବନ ଗଲାଣି ଓ କେତେକ ଆତ୍ମହତ୍ୟା କରିଛନ୍ତି। ଆସାମରେ କାହିଁକି ଏସଆଇଆର୍ କରାଯାଉନାହିଁ ବୋଲି ମମତା ପ୍ରଶ୍ନ କରିଥିଲେ। ନିର୍ବାଚନ କମିଶନରଙ୍କୁ ହ୍ୱାଟ୍ସଆପ୍ କମିଶନର କରି ମମତା ସମାଲୋଚନା କରିବା ସହ ଟାର୍ଗେଟ କରାଯାଇ ଭୋଟର ତାଲିକାରୁ ବାଦ ଦିଆଯାଇଛି। ଯେତେବେଳେ ନ୍ୟାୟ ବନ୍ଦ ଦ୍ୱାର ପଛରେ କାନ୍ଦେ ସେତେବେଳେ ଅନ୍ୟ କେଉଁଠି ବି ମିଳିନି ବୋଲି ଅନୁଭବ କରାଯାଉ। ଖଣ୍ଡପୀଠ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହ ଇସିଆଇକୁ ନୋଟିସ କରିଛନ୍ତି। ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି ଅଧିକାରୀମାନେ ସାମାନ୍ୟତମ ସମ୍ବେଦନଶୀଳ ରୁହନ୍ତୁ। ଏସଆଇଆର୍ ପ୍ରକ୍ରିୟାରେ ପ୍ରମୁଖ ବ୍ୟକ୍ତି ଯଥା ନୋବେଲ ବିଜେତା ଅମର୍ତ୍ୟ ସେନ, ପ୍ରସିଦ୍ଧ ବଙ୍ଗାଳୀ କବି ଜୟ ଗୋସ୍ୱାମୀ, ତୃଣମୂଳ ସଂସଦ ଦୀପକ ଅଧିକାରୀଙ୍କୁ ନୋଟିସ କରାଯାଇଛି। ଶୁଣାଣି ସମୟରେ ମମତା ଯୁକ୍ତି ବାଢ଼ିଥିଲେ ଯେ ଭୋଟର ତାଲିକାରରୁ କୌଣସି ଯୋଗ୍ୟ ଲୋକଙ୍କ ନାମ ନକଟୁ। ଭାଷା ଓ ବନାନର ତାଳମେଳ ନଥିବା ଦର୍ଶାଇ ଏହା କରାନଯାଉ। ଇସିଆଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି ଆଧାରକାର୍ଡକୁ ଗ୍ରହଣ କରୁନାହାନ୍ତି। ଅନ୍ୟ ରାଜ୍ୟରେ ବାସଗୃହ ପ୍ରମାଣପତ୍ର, ଜାତି ପ୍ରମାଣପତ୍ର ଅନୁମତି ରହିଛି। ନିର୍ବାଚନ ଲାଗି ପଶ୍ଚିମବଙ୍ଗକୁ ଟାର୍ଗେଟ୍ କରାଯାଇଛି। ୧୦୦ରୁ ଊର୍ଦ୍ଧ୍ୱ ବିଏଲଓ ମୃତ୍ୟୁବରଣ କଲେଣି। ଅଧିକାଂଶ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମମତାଙ୍କ ସହ ବରିଷ୍ଠ ଓକିଲ ଶ୍ୟାମ ଦିବାନ ଉପସ୍ଥିତ ଥିଲେ।

# ୩ ଆତଙ୍କବାଦୀ ନିହତ

## ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ

ନୂଆଦିଲ୍ଲୀ,୪।୨ : ଜମ୍ମୁ-କାଶ୍ମୀରର ବିଭିନ୍ନ ଦୁଇଟି ସ୍ଥାନରେ ଗୁଳି ବିନିମୟରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସୁରକ୍ଷାବଳ ପକ୍ଷରୁ ଆରମ୍ଭ ହୋଇଥିବା ଅପରେସନରେ ଉଦାମପୁରର ବସନ୍ତଗଡ଼ ଅଞ୍ଚଳରେ ଥିବା ଗୁମ୍ଫାରେ ଲୁଚିଥିବା ଦୁଇ ଆତଙ୍କବାଦୀ ନିହତ ହୋଇଥିବା ବେଳେ ଖିସ୍ତୱାର୍ଡରେ ତୃତୀୟ ଆଙ୍କବାଦୀ ମୃତ୍ୟୁବରଣ କରିଛି। ଏମାନଙ୍କ ମଧ୍ୟରେ ଟପ କମାଣ୍ଡର ମାଭି ରହିଛି।

ଏହି ଅପରେସନର କୋଡ ନାଁ କିୟା ରଖାଯାଇଛି। ଏହା ଫେବୃଆରୀ ୩ରୁ ଆରମ୍ଭ କରାଯାଇଛି। ଜୈସ ଇ ମହମ୍ମଦ ଆତଙ୍କୀ ସଂଗଠନର ଉପସ୍ଥିତି ନେଇ ଏହି ଅପରେସନ ଆରମ୍ଭ ହୋଇଛି। ଜମ୍ମୁ-କାଶ୍ମୀର ପୋଲିସ, ସିଆଇଏଫ ଡେଲ୍ଟା ଓ ଭାରତୀୟ ସେନାର ୱାଇଟ ନାଇଟକ୍ରପ୍ସ, ସିଆରପିଏଫ ପକ୍ଷରୁ ବସନ୍ତଗଡ଼ର ଜୋଫ୍ରା ଜଙ୍ଗଲରେ ଏହି ଅପରେସନ ଆରମ୍ଭ ହୋଇଛି। ସନ୍ଧାନୀ କୁକୁର ସହ କ୍ୟାମେରା ବ୍ୟବହାର କରାଯାଇ ଆତଙ୍କବାଦୀଙ୍କୁ ଠାବ କରାଯାଇଛି। ସୁରକ୍ଷାବଳ ପକ୍ଷରୁ ରକେଟ୍ ପ୍ରୋପେଡଗ୍ରେନେଡ ବ୍ୟବହାର କରାଯାଉଛି। ଆତଙ୍କବାଦୀଙ୍କ ଠାରୁ ଏମଆର ରାଇଫଲ-ଏକେ-୪୭ ଓ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଇଛି। ଗତକାଲି ଆତଙ୍କବାଦୀ ଲୁଚିଥିବା ସମ୍ପର୍କରେ ସୂଚନା ମିଳିଥିଲା। ଆଭ୍ୟନ୍ତରୀଣ ସୁରକ୍ଷାବଳର ସମନ୍ୱୟରେ ଏହି ଅପରେସନ ଚାଲିଛି। ଏହି ଅଞ୍ଚଳରେ ଆତଙ୍କବାଦୀମାନେ ମାସ ମାସ ଧରି ତାଙ୍କ ଅପରେସନ ଜାରି ରଖିଥିଲେ। ସ୍ଥାନୀୟ ଲୋକଙ୍କୁ ସାହାର୍ଯ୍ୟ କରି ସେମାନଙ୍କ ସୁରକ୍ଷା ଲୋଡୁଥିଲେ ବୋଲି କୁହାଯାଇଛି।


**AFFIDAVIT**

I SOUBHAGYA PATTNAIK, S/O- SUBAS KUMAR PATTANAIK, DHABALGIRI, FERROCHROME PROJECT, JAJPUR-755020, ODISHA DECLARE BY THIS AFFIDAVIT NO-2566, DT. 04.02.2026 THAT NOW ONWARDS I SHALL BE KNOWN AS "SOUBHAGYA KUMAR PATTANAIK" FOR ALL FUTURE PURPOSES.

**AFFIDAVIT**

By virtue of an affidavit sworn before The Executive Magistrate Khordha, dated 12.01.26. I, Lova Sahani,Aged (81), W/o-Late Hrushikesh Sahani, Vill-Willkishan Nagar, Po-Gurujang, Ps/ Dist- Khordha, PIN-752057 Declare that I have changed my name from Lobhabati Sahani to Lova Sahani. Hanceforth, I shall be known as Lova Sahani for all purpose.

Sd/- Lova Sahani

**AFFIDAVIT**

I, Mr. Amlan Anupam Senapati, Father of Baby Boy, residing at Dewan Sahi Gurujanga, Dist-Khordha-752055, Currently Working as District Project Officer In Collectorate, Bhadrak hereby declare that my son's name earlier recorded as "Amalesh Senapati" in the Birth Certificate is incorrect and shall henceforth be known as "Adhish Adhyayan Senapati" for all purposes. This changes is as per Affidavit No. 858 dated. 29.01.26 sworn before Addl. Tahasildar Bhadrak, Odisha. All concerned are requested to take not.

Sd/- Amlan Anupam Senapati

**GOVERNMENT OF ODISHA**
**OFFICE OF THE PURI MUNICIPALITY, PURI.**

13001/20/2526 Email - enfpuri.od@gov.in

**NATIONAL COMPETITIVE BIDDING THROUGH e-Procurement**

**Identification No. P.M.06/2025-26**

**Notice No. 858 Dated. 30.01.26**

1. Type of Work: Civil Work. 2. Total No. of works : 31 nos. of Individual Works. 3. Estimate Cost : Rs. 339402/- TO Rs. 4967971/- 4. Period of completion: 45 to 180 Days 5. Date & time of availability of bid document in the Portal: - from 03 P.M of 04.02.2026 to 05 P.M of 17.02.2026 6. Last date/Time for receipt of bid in the portal: - up to 05 P.M of 17.02.2026 7. Date of Opening of bid 11 A.M. of dtd 18.02.2026 8. Name & address of the Officer inviting Bid: Executive Officer, Puri Municipality , Puri. Further detail can be seen from the e-procurement portal www, tendersorissa.gov.in.

Sd/- Executive Officer
Puri Municipality, Puri

OIPR : 13001/13159/1/25-26/0020

**ଘୋଷଣା ଆବଶ୍ୟକ ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜିର**

(ଧାରା ୮୨ Cr. PC ଦେଖନ୍ତୁ) /
(୮୪ ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩)

ଯେହେତୁ ମୋ ସମ୍ମୁଖରେ ଅଭିଯୋଗ କରାଯାଇଛି ଯେ ଅଭିଯୁକ୍ତ ଜଣ ଖରା ପିତା [illegible]

[illegible]

ପୂର୍ବରୁ ଉକ୍ତ ଅଭିଯୋଗର ଉତ୍ତର ଦେବା ପାଇଁ ଏହି କୋର୍ଟରେ ଉପସ୍ଥିତ ହେବାକୁ ପଡିବ ।

ଆଦେଶ ଅନୁଯାୟୀ
ସୁଜିତ ପାତ୍ର
ଅତିରିକ୍ତ ସେସନ୍ସ ଜଜ୍
ଉତ୍ତର ପୂର୍ବ, ଜିଲ୍ଲା,
ରୁମ୍ ନଂ ୬୩, ଚତୁର୍ଥ ମହଲା,
କଡକାଡଡୁମା କୋର୍ଟ, ଦିଲ୍ଲୀ

DP/1499/Crime/2026

34001/18/2526

obcc

**OFFICE OF THE GENERAL MANAGER**
**ODISHA BRIDGE & CONSTRUCTION CORPORATION LIMITED**
**(A Government of Orissa Undertaking)**
**PURI PROJECT DIVISION NO.-II, PURI**
Email Id : puridiv2@obcc.in

**NOTICE INVITING TENDER**

| | | | |
|---|---|---|---|
| 1. | Name of Work | : | Supply and Fixing of SS grills 316 grade in newly constructed SJTA Staff Quarters, Puri |
| 2. | Bid Identification No. | : | 03/OBCC/PPDII/2025-26 |
| 3. | Class of Contractor | : | C & D |
| 4. | Bid Processing fee (only in online mode) | : | Rs. 7,080.00 (Including GST) |
| 5. | EMD (LS) Online | : | Rs. 19,230.00 |
| 6. | Date of availability of bid document in e-procurement portal | : | From Dt. 05.02.2026 |
| 7. | Last Date & time of receipt of online bid | : | Up to 5.00 PM on 11.02.2026 |
| 8. | Date of Bid Opening | : | 11.02.2026 at 5.30 PM |
| 9. | Project Completion Duration | : | 1 (One) Calendar Month |

10. Further details can be seen from the e-Procurement portal https://www.tendersodisha.gov.in

11. OBCC has the right to accept or reject the Notice / RFP without assigning any reasons thereof.

Sd/- General Manager,
Puri Project Division-II, OB & CC

OIPR : 34001/34152/1/25-26/0018

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/20/2526 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : https://oshb.org.

ପତ୍ର ସଂଖ୍ୟା ୩୦୫ **ବିଜ୍ଞାପନ** ତା : ୨୦.୦୧.୨୦୨୬

[illegible]

ପ୍ରକଳ୍ପରେ ସୁତପା ମିଶ୍ର, ପିତା- ଶିବ ପ୍ରସାଦ ମିଶ୍ର, ସା-ଘର ନଂ-୩୦୧, କାନନ ଟାୱାର, ପୋ-କାନନ ବିହାର, ଥାନା-ଇନଫୋସିଟି, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ସୁତପା ମିଶ୍ର ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅଫରାଣ ଆଧାରରେ ୧. ଅନୁସ୍ମିତା କର, ସ୍ୱାମୀ- ବିଶ୍ୱରଂଜନ ନନ୍ଦ, ସା-ମଟକତ ପୁର, ପୋ-ପାଟପୁର, ଥାନା-ସାଲେପୁର, ଜିଲ୍ଲା-କଟକ ୨. ଅନସୂୟା ନନ୍ଦ, ସ୍ୱାମୀ - ଶିବ ପ୍ରସାଦ ନନ୍ଦ, ସା-ସିଂଘମପୁର, ପୋ-ବହୁଗ୍ରାମ, ଥାନା- ଜଗତପୁର, ଜିଲ୍ଲା-କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହ (ଦୋକାନ)ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/25-26/0020

**ଦ.ପୂ. ରେଳପଥ-ଟେଣ୍ଡର**

[illegible]

http://www.ireps.gov.in ରେ ଟେଣ୍ଡର ଦେଖିବାକୁ ମିଳିପାରିବ । [illegible] (PR-1145)

19001/9/2526

**OFFICE OF THE PANCHAYATA SAMITI, LAHUNIPARA, SUNDARGARH**
**INVITATION FOR BIDS THROUGH e-Procurement**
**Bid Identification No-PS LHP-01/ 2025-26**

**Invitation for Bids**

| | | | |
|---|---|---|---|
| 1 | The BLOCK DEVELOPMENT OFFICER, LAHUNIPARA, on behalf of Government of Odisha invites percentage rate bids in single cover system in ONLINE MODE only,for Construction of Building work as detailed below. | | |
| 2 | Name of Work | : | Construction of Additional classroom at Lahunipara High school |
| 3 | No of work | : | 01 No |
| 4 | Bid Cost | : | Rs. 6,000/- |
| 5 | Class of Contractor | : | C&D License |
| 6 | Availability of Bid Documents in the website | : | From 10:00AM of 07.02.2026 to 5:00PM of 16.02.2026 |
| 7 | Date of Opening of Bid | : | Dt. 17.02.2026 at 11:00AM |
| 8 | The Bidders have to participate in ONLINE bidding only.Further details can be seen from the website:https://tendersodisha.gov.in. Any addendum/ corrigendum/cancellation of tender can also be seen in the said website only. | | |

Sd/- Block Development Officer,
Lahunipara

OIPR : 19001/19346/1/25-26/0009

**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION-II, NAYAGARH**
**"e" Procurement Notice for Road works**
**Identification No. Online Tender / 08/RWD-II/2025-26**

25001/25/2526 E-Mail : nayagarhw2@yahoo.in

1. Name of the work : Road Works
2. Total Number of works : 4 Nos.
3. Apporx. Estimated cost : Rs. 5.08 lakh to Rs. 9.99 lakhs
4. Class of Contractor : D & C Class of Contractor
5. Period of Completion : 1 Month
6. Other details :

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification | Date and time of opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-II Nayagarh | Online Tender / 08/RWD-II/ 2025-26 | Dt.05.02.2026 at 11.00 A.M. | Dt.16.02.2026 upto 4.00 P.M. | Dt.15.02.2026 upto 5.00 P.M. | Dt. 16.02.2026 at 5.00 P.M. |

Further details can be seen from the website www.tendersodisha.gov.in

Sd/-Superintending Engineer
R.W. Division-II, Nayagarh

OIPR : 25001/25144/1/25-26/0025

**GOVERNMENT OF ODISHA : OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, KENDRAPARA-JAJPUR**
**AT-CHANDIKHOL, PO-SUNGUDA, JAJPUR-754296, Email-serw_kpd@yahoo.com**
**No. Tender Online RCK-03/26 Letter No. 276 Date : 28.01.26**

25001/23/2526

**e-Procurement NOTICE**

1. Name of the work : Tender for the Road works under (MMSY-TRIP) in the Dist. of Jajpur.
2. Class of Contractor : As specified in the Column-6 of the Annexure.
3. Time of Completion : As specified in the Column-7 of the Annexure.
4. Detail Projects : As per Annexure attached.
5. Other Details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK - 03/26 | 09.02.2026 at 11.00 A.M. | 26.02.2026 upto 05.00 P.M. | 26.02.2026 upto 02.00 P.M. | 27.02.2026 at 11.00 A.M. | Will be intimated later |

Further details can be seen from the website www.tendersodisha.gov.in

Sd/- Chief Construction
Rural Works Circle, Kendrapara-Jajpur

OIPR : 25001/25129/1/25-26/0023

**IN THE COURT OF THE SENIOR CIVIL JUDGE(LR & LTV), BHUBANESWAR**

**C.S. No-2153/2013**

Ashalata Parida ..........Plaintiff
-Versus-
Dhadu Baral and others ..........Defendants

**NOTICE UNDER ORDER-5. RULE-20 OF C.P.C.**

TO,

(3) Narayan Prasad Sahoo, aged about 60 years, Son of Late Gopinath Sahoo, At/P.O.-Gelatua, P.S./Dist.-Bhadraka.

(7) Gyana Ranjan Mohanty, aged about 42 years, Son of Nabin Kumar Mohanty, At-Kapaleswar, P.S./Dist.-Kendrapada.

(13) Arjun Sahoo, aged about 48 years, Son of Late Gangadhar Sahoo, At.-Nuagaon, P.O.-Itipur, P.S.-Lingaraj, Bhubaneswar-2, Dist. -Khordha.

(14) purna Chandra Dalai, Son of Narayan Dalai, of Vill.-Kharada, P.S.-Kasinagar, Dist.-Gajapati.

(21) Kunja Bihari Swain, aged about 45 years, Son of Jagannath Swain, At.-Nathapur, P.O.-Sisupalagarh, P.S.-Lingaraj, Bhubaneswar-2, Dist.-Khordha.

(22) Sunakara Pradhan, aged about 51 years, Son of Late Sankar Pradhan, At.-Papira, P.O.-Kusumbara, P.S.-Kakatapur, Dist.- Puri, at present resident of Plot No-109, Lane No-1, Rabi Talkies Square, Lewis Road, P.S.-Lingaraj, Bhubaneswar, Dist.-Khordha

(25) Prangya Paramita Panda, aged about 36 years, Wife of Kalpajit Panda, At./P.O.-Seragarh, P.S.-Kantapada, Dist.-Balesore.

Whereas the above named plaintiffs have instituted a suit before this court against you and others for declaration, cancellation and permanent injunction, in which you are avoiding to receive summons and attend the court. Take notice that the case is posted to dated 18th day of March 2026 at about 10.30 A.M. to appear in person or by pleader duly instructed and able to answer all material questions relating to suit and you are directed to produce on that day all documents upon which you intend to rely support of your defence.

Take notice that in default of your appearance on the day before mentioned, the suit will be heard and determined in your absence.Given under my hand and the seal of the court of this 30th day of January 2026.

Sd/- Senior Civil Judge (LR & LTV),
Bhubaneswar

**SCHEDULE OF PROPERTY**

**Schedule "A"**

Mouza-Nuagaon, P.S.-Lingaraj, No-71 Tahasil-Bhubaneswar, Dist.-Khordha, Khata No-252, Chaka No-29, Plot No-53, Area Ac.0.697decs corresponding to Khata No-353/298, Plot No-53, Area Ac.0.697decs, Kisam-Gharabari further corresponding to Mouza-Nuagaon, P.S.-Lingaraj, No-71 Tahasil-Bhubaneswar, Dist.-Khordha Mutation Khata No-353/591, Plot No-53/1301, Area Ac.0.038 decs, Mutation Khata No-353/544, Plot No-53/1262, Area Ac.0.038 decs, Mutation Khata No-353/606, Plot No-53/1315, Area Ac.0.046 decs, Mutation Khata No-353/604, Plot No-53/1313, Area Ac.0.046 decs, Mutation Khata No-353/532, Plot No-53/1251, Area Ac.0.038 decs, Mutation Khata No-353/784, Plot No-53/1472, Area Ac.0.046 decs, Mutation Khata No-353/831, Plot No-53/1510, Area Ac.0.031 decs, Mutation Khata No-353/832, Plot No-53/1511, Area Ac.0.033 decs,

Mutation Khata No-353/598, Plot No-53/1308, Area Ac.0.041 decs, Mutation Khata No-353/605, Plot No-53/1314, Area Ac.0.038decs, Mutation Khata No-353/568, Plot No-53/1282, Area Ac.0.046 decs, Mutation Khata No-353/569, Plot No-53/1283, Area Ac.0.046 decs, corresponding to Conversion Khata No-353/298, Plot No-53 and further corresponding to Khata No-252.

**Schedule "B**

Mouza- Nuagaon, P.S.-Lingaraj, No-71 Tahasil-Bhubaneswar, Dist.-Khurda, Khata No-252, Plot No-442, Chaka No-261, Area Ac.0.533, Corresponding to No-252, Plot No-442, Area Ac.0.533 Kisam-Gharabari. Further corresponding to Mouza- Nuagaon, P.S.-Lingaraj, No-71 Tahasil-Bhubaneswar, Dist.-Khurda, Mutation Khata No-353/479, Plot No-442/1199, Area Ac.0.057 decs, Mutation Khata No-353/478, Plot No-442/1198, Area Ac.0.057 decs, Mutation Khata No-353/507, Plot No-442/1225, Area Ac.0.057 decs, Mutation Khata No-353/422, Plot No-442/1144, Area Ac.0.030 decs, Mutation Khata No-353/624, Plot No-442/1330, Area Ac.0.057 decs, Mutation Khata No-353/572, Plot No-442/1286, Area Ac.0.057 decs, Mutation Khata No-353/579, Plot No-442/1290, Area Ac.0.057 decs, corresponding to Khata No-252, Plot No-442, Area Ac.0.533 decs. Kisam-Gharabari.

**Schedule "C"**

Mouza-Jayapur, P.S.-Lingaraj, No-97 Tahasil-Bhubaneswar, Dist.-Khurda, Khata No-313/198, Plot No-127, Chaka No-110, Area Ac.0.875 decs corresponding to Consolidation Khata No-112, Plot No-127, Chaka No-110, Area Ac.0.875 decs.



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

[illegible]

# ସଦ୍‌ଗୁରୁ କ୍ୟାନ୍ସର ଓ ରିସର୍ଚ୍ଚ ସେଣ୍ଟରରେ ବିଶ୍ୱ କର୍କଟ ଦିବସ

କଟକ,(ସବ୍ୟୁ): କଟକ ଜଗତପୁରସ୍ଥିତ ସଦଗୁରୁ ମେଡିକାଲ୍ ଏବଂ ରିସର୍ଚ୍ଚ ସେଣ୍ଟର ପରିସରରେ ବିଶ୍ୱ କର୍କଟ ଦିବସ "ୟୁନାଇଟେଡ ବାଇ ୟୁନିକ ବିଷୟବସ୍ତୁ ଆଧାରରେ ଅନୁଷ୍ଠିତ ହୋଇଯାଇଛି । ଏହାକୁ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ମହାନ୍ତି, ମେଡିକାଲ୍ ଅଧୀକ୍ଷକ ଡ଼. ସମିତା ମହାନ୍ତି ଓ ମୁଖ୍ୟ ଅଙ୍କୋଲୋଜିଷ୍ଟ ଡ଼. ସୌମ୍ୟ ରଞ୍ଜନ ମିଶ୍ର ଓ ପ୍ରସିଦ୍ଧ ଯୋଗ ଗୁରୁ ଡ଼. ବିଶ୍ୱରଞ୍ଜନ ରଥ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୩୦ ଜଣ କର୍କଟ ଆକ୍ରାନ୍ତମୁକ୍ତ ବ୍ୟକ୍ତି ଯୋଗଦେଇ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ପ୍ରାୟ ୧୫୦ରୁ ଅଧିକ କ୍ୟାନ୍ସର ରୋଗୀଙ୍କୁ ନିଜକୁ କିଭଳି ଏହି ରୋଗରୁ ଆରୋଗ୍ୟ ଲାଭ କରାଇଛନ୍ତି ସେ ସଂକ୍ରାନ୍ତରେ ବୁଝାଇ କହିଥିଲେ।ପରିଚାଳନା ନିର୍ଦ୍ଦେଶକ ଡ଼. ମହାନ୍ତି ଏଥିରେ ଅଧ୍ୟକ୍ଷତା କରି କହିଲେ ଯେ



ପ୍ରତ୍ୟେକ କ୍ୟାନ୍ସର ରୋଗୀଙ୍କ ଯାତ୍ରା ଅଲଗା ହେଲେ ମଧ୍ୟ, ସେବା,ଯତ୍ନ ଓ କରୁଣା ମାଧ୍ୟମରେ ସମସ୍ତେ ଐକବଧ ହୋଇ ଏହି ରୋଗକୁ ପରାସ୍ତ କରିପାରିବା। ସେହିପରି କ୍ୟାନ୍ସର ହସପିଟାଲର ମୁଖ୍ୟ ଅଙ୍କୋଲୋଜିଷ୍ଟ ଡ଼. ମିଶ୍ର ଯୋଗ ଦେଇ ସ୍ତନ କର୍କଟର ନିରାକରଣ ଉପରେ ନଜର ମତ ରଖିବା ସହ ସଚେତନତା ଦ୍ୱାରା କର୍କଟ ରୋଗକୁ ନିୟନ୍ତ୍ରଣ କରିହେବ ବୋଲି କହିଥିଲେ। ଯୋଗ ଗୁରୁ ଡ. ରଥ ଯୋଗ ଓ ଧ୍ୟାନ ବଳରେ ମାନସିକ ସନ୍ତୁଳନ ରଖି ଶକ୍ତି,ଆତ୍ମବଳ ବୃଦ୍ଧି କରିବାକୁ କର୍କଟ ଆକ୍ରାନ୍ତ ମାନଙ୍କୁ ପରାମର୍ଶ ଦେଇଥିଲେ।ଏହି ଅବସରରେ ସଦଗୁରୁ କଲେଜ୍ ଅଫ୍ ନର୍ସିଂ ଓ ଆଲାଇଡ୍ ମେଡିକାଲ୍ ସାଇନ୍ସର ଛାତ୍ରଛାତ୍ରୀମାନେ ଅଭିନୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ କ୍ୟାନ୍ସର ସଚେତନତା ବାର୍ତ୍ତା ଦେଇଥିଲେ। ହସ୍ପିଟାଲ୍ ପକ୍ଷରୁ ଏକ ମାଗଣା କ୍ୟାନ୍ସର ସ୍କ୍ରିନିଂ ଶିବିରରେ ପ୍ରାୟ ୩୦ ଜଣ ମହିଳାଙ୍କ ମ୍ୟାମୋଗ୍ରାଫି ଓ ପାପ୍ ସ୍ମିୟର ପରୀକ୍ଷା ଡାକ୍ତର. ଉପାସନା ଦାସ ଓ ଡ଼. ଶ୍ରୀଲେଖା ମହାପାତ୍ରଙ୍କ ଦ୍ୱାରା କରାଯାଇଥିଲା। ଶେଷରେ ହସ୍ପିଟାଲ୍ ର ଡେପୁଟି ସୁପରିଟେଣ୍ଡେଣ୍ଟ ଡ଼. ଶୀଲ୍ ମହାନ୍ତିଙ୍କ ନେତୃତ୍ୱରେ କ୍ୟାନ୍ସର ସଚେତନତା ଓ ରୋଗୀଙ୍କୁ ପୂର୍ଣ୍ଣ ସହଯୋଗ ପାଇଁ ସାମୂହିକ ଶପଥ ଗ୍ରହଣ କରାଯାଇଥିଲା।

# ଅଭିବୃଦ୍ଧି ଅଭିମୁଖୀ, ଶିଳ୍ପ-ଅନୁକୂଳ ଏବଂ ନିଯୁକ୍ତି-ଭିତ୍ତିକ ବଜେଟ୍ : ସିଆଇଆଇ

ଭୁବନେଶ୍ୱର, (ସବ୍ୟୁ) : କେନ୍ଦ୍ର ବଜେଟ୍ ୨୦୨୬-୨୭କୁ କନଫେଡେରେସନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ) ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ସ୍ୱାଗତ କରାଯାଇଛି । ଏହାକୁ ଏକ ପ୍ରଗତିଶୀଳ ଏବଂ ଅଭିବୃଦ୍ଧି-ଅଭିମୁଖୀ ବଜେଟ୍ ଭାବରେ ବର୍ଣ୍ଣନା କରାଯାଇଛି। ଯାହା ଓଡ଼ିଶାର ଉତ୍ପାଦନ, ସେବା, ପର୍ଯ୍ୟଟନ ଏବଂ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ଯଥେଷ୍ଟ ଲାଭଦାୟକ ହେବ । ଭୁବନେଶ୍ୱରଠାରେ ଆୟୋଜିତ ବଜେଟର ସିଧାପ୍ରସାରଣ ଦେଖିବା ଅଧିବେଶନରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ ତଥା ଏସାର୍ ମିନମେଟ୍ ଲିମିଟେଡର ସିଇଓ ଏବଂ ଏମଡି ଶଶି ଶେଖର ମହାନ୍ତି କହିଛନ୍ତି ଯେ, କେନ୍ଦ୍ର ବଜେଟ୍ ୨୦୨୬-୨୭ ଓଡ଼ିଶା ପାଇଁ ଅନେକ ସୁଫଳ ଆଣିଛି । ସେମିକଣ୍ଡକ୍ଟର




ଉପରେ ଗୁରୁତ୍ୱ ଏବଂ ରାଜ୍ୟରେ ଜାତୀୟ ଜଳପଥର ବିକାଶ ଜାତୀୟ ସ୍ତରରେ ଓଡ଼ିଶାର ଗୁରୁତ୍ୱକୁ ଯଥେଷ୍ଟ ବୃଦ୍ଧି କରିଛି । ଏହି ବଜେଟ୍ ଦେଶର ଅର୍ଥନୀତିକୁ ଆହୁରି ମଜବୁତ କରିବ ଏବଂ ଆଗାମୀ ବର୍ଷଗୁଡ଼ିକରେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ହେବା ଦିଗରେ ଭାରତର ଯାତ୍ରାକୁ ସହାୟକ ହେବ । ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ ତଥା ଏସଏନଏମ ଗ୍ରୁପର ଅଧ୍ୟକ୍ଷ ଡକଫର ପ୍ରଦୀପ୍ତ ମହାନ୍ତି ପ୍ରଶଂସା କରି କହିଛନ୍ତି ଯେ, ଉତ୍ପାଦନ କ୍ଷେତ୍ର ଉପରେ ଦିଆଯାଇଥିବା ବିଶେଷ ଗୁରୁତ୍ୱ ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଏକ ପ୍ରମୁଖ ଚାଳକ ଭାବରେ କାର୍ଯ୍ୟ କରିବ। ସନ୍ତୋଷ ବ୍ୟକ୍ତ କରି ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ସଦସ୍ୟ ତଥା ଟାଟା ଷ୍ଟିଲ୍ ଏସଇଜେଡର ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାୟକ କହିଛନ୍ତି, କେନ୍ଦ୍ର ବଜେଟ୍ ଭାରତର ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏକ ପ୍ରଗତିଶୀଳ ରୋଡମ୍ୟାପ୍ ଉପସ୍ଥାପନ କରିଛି। ସ୍ୱଦେଶ ଇନଫ୍ରା ମାର୍କେଟିଂ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ସ୍ୱର୍ଣ୍ଣ ବରାଳ ଏହି ବଜେଟକୁ ଐତିହାସିକ ଏବଂ ସଂସ୍କାରମୂଳକ ବୋଲି ବର୍ଣ୍ଣନା କରିଛନ୍ତି ।

# ଆପୋଲୋ କର୍କଟ କେନ୍ଦ୍ରରେ ବିଶ୍ୱ କର୍କଟ ଦିବସ

## ଜିରୋରୁ ହିରୋ ଅଭିଯାନ ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଆପୋଲୋ କର୍କଟ କେନ୍ଦ୍ର ଭୁବନେଶ୍ୱରରେ ବିଶ୍ୱ କର୍କଟ ଦିବସ ପାଳନ ଅବସରରେ ଏହାର 'ଜିରୋ ଟୁ ହିରୋ' ଅଭିଯାନ ଆରମ୍ଭ କରିଛି । ଏହା ଜିରୋ ପର୍ଯ୍ୟାୟରେ କର୍କଟ ଚିହ୍ନଟ ହେଲେ ବଞ୍ଚିବା ଏବଂ ପୁନରୁଦ୍ଧାରକୁ ସକ୍ଷମ କରିବା ଦିଗରେ ଏକ ପରିବର୍ତ୍ତନକାରୀ ଆନ୍ଦୋଳନ । ଆଇସିଏମଆର-ଏନସିଆରପି ତଥ୍ୟ ଅନୁଯାୟୀ, ଭାରତରେ କର୍କଟ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ୨୦୨୪ ରେ ୧୫ ଲକ୍ଷରୁ ଅଧିକ ନୂତନ ରୋଗ ନିର୍ଣ୍ଣୟ ହୋଇଛି ଯାହା ବେଶ୍ ଚିନ୍ତାଜନକ ବୋଲି ହସ୍ପିଟାଲର ସିଓଓ ଏବଂ ମେଡିକାଲ୍ ସର୍ଭିସେସ୍ ନିର୍ଦ୍ଦେଶକ ଡା. ଆଲୋକ ଶ୍ରୀବାସ୍ତବ କହିଛନ୍ତି । ପ୍ରାରମ୍ଭିକ ଚିହ୍ନଟ କେବଳ ଏକ ଚିକିତ୍ସା ପ୍ରାଥମିକତା ନୁହେଁ - ଏହା ଏକ ସିଷ୍ଟମ୍ ପ୍ରାଥମିକତା । ତଥ୍ୟ ଅନୁଯାୟୀ ପ୍ରାରମ୍ଭିକ ପର୍ଯ୍ୟାୟରେ କର୍କଟ ରୋଗ ଚିହ୍ନଟ ହେଲେ ଚିକିତ୍ସା ଦ୍ୱାରା ରୋଗୀକୁ ଦୀର୍ଘକାଳୀନ ବଞ୍ଚିବାର ସମ୍ଭାବନା ଅଧିକ ଥାଏ । କାର୍ଯ୍ୟକ୍ରମରେ ଡା. ପ୍ରଶାନ୍ତ ଚନ୍ଦ୍ର ଦାସ, ଡା. ସନ୍ଦୀପ ମୁଜୁମଦାର, ଡା. ଆଦିତ୍ୟ ମିଶ୍ର, ଡ. ପ୍ରୀତିଶ ଚନ୍ଦ୍ର ପାତ୍ର, ଡା. ସମରେନ୍ଦ୍ର ଦାଶ ପ୍ରମୁଖ ଅଙ୍କୋଲୋଜିଷ୍ଟମାନେ ଯୋଗଦେଇ ଜିରୋ ଟୁ ହିରୋ' ଅଭିଯାନର ମୂଳରେ ଏକ ସରଳ ସତ୍ୟ-ପ୍ରକୃତ ହିରୋ ହେଉଛନ୍ତି ରୋଗୀ । ଯେତେବେଳେ



ବ୍ୟକ୍ତିମାନେ ସଚେତନତାକୁ ପ୍ରାଥମିକତା ଦିଅନ୍ତି, ନିୟମିତ ସ୍କ୍ରିନିଂ କରନ୍ତି ଏବଂ ପ୍ରାରମ୍ଭିକ ଲକ୍ଷଣରେ ଚିକିତ୍ସା ଖୋଜନ୍ତି, ସେମାନେ କର୍କଟ ରୋଗକୁ ପରାସ୍ତ କରି ପାରନ୍ତି । ଆପୋଲୋ କର୍କଟ କେନ୍ଦ୍ରର ଜଣେ କର୍କଟ ବିଜୟୀ ହିରୋ ଗର୍ବର ସହିତ କହିଥିଲେ, ଯେତେବେଳେ ମୋର 'କର୍କଟ' ଚିହ୍ନଟ ହେଲା ମୁଁ ବହୁତ ଡରିଥିଲି । ହେଲେ ଆପୋଲ କର୍କଟକେନ୍ଦ୍ରର ଡାକ୍ତରମାନେ ମୋତେ ସୁସ୍ଥ କରି ଯେଉଁ କିର୍ତ୍ତି ସ୍ଥାପନ କରିଛନ୍ତି ତାହା ବିରଳ । 'ଜିରୋ ଟୁ ହିରୋ' ଭଳି ପଦକ୍ଷେପ ଲୋକମାନଙ୍କୁ ମନେ ପକାଇ ଦିଏ ଯେ କର୍କଟ ରୋଗର ଅର୍ଥ ସର୍ବଦା ଭୟ କିମ୍ବା କ୍ଷତି ନୁହେଁ । ଯଦି ଆପଣ ସମୟ ମଧ୍ୟରେ କାର୍ଯ୍ୟ କରନ୍ତି ତେବେ ଏହାର ଅର୍ଥ ଆଶା ହୋଇପାରେ । ପ୍ରାରମ୍ଭିକ ଚିହ୍ନଟ ମୋତେ କେବଳ ଲଢ଼ିବା ନୁହେଁ, ବରଂ ଜୀବନ ଉପରେ ଧ୍ୟାନ ଦେବାର ସୁଯୋଗ ଦେଇଥିଲା । ୧୪୭ ଟି ଦେଶର ଲୋକ ଆପୋଲୋ କର୍କଟ କେନ୍ଦ୍ରରେ କର୍କଟ ଚିକିତ୍ସା ପାଇଁ ଭାରତକୁ ଆସନ୍ତି । ଦକ୍ଷିଣ ଏସିଆ ଏବଂ ମଧ୍ୟପ୍ରାଚ୍ୟରେ ପ୍ରଥମ ପେନସିଲ୍ ବିମ୍ ପ୍ରୋଟନ୍ ଥେରାପି କେନ୍ଦ୍ର ସହିତ, ଆପୋଲୋ କର୍କଟ କେନ୍ଦ୍ରରେ କର୍କଟ ବିରୁଦ୍ଧରେ ଯୁଦ୍ଧକୁ ସୁଦୃଢ଼ କରିବା ପାଇଁ ଆବଶ୍ୟକ ସମସ୍ତ ଜିନିଷ ରହିଛି ।

## ନୟାଗଡ଼ ବିଧାନସଭା ନିର୍ବାଚନୀ ମାମଲା

# ହେମନ୍ତ ପୃଷ୍ଟିଙ୍କ ଅନ୍ତରୀଣ ପିଟିସନ୍ ଖାରଜ କଲେ ହାଇକୋର୍ଟ

କଟକ, (ସବ୍ୟୁ): ନୟାଗଡ଼ ବିଧାନସଭା ନିର୍ବାଚନୀ ମାମଲାରେ ହେମନ୍ତ ପୃଷ୍ଟି ନିଜକୁ ପକ୍ଷଭୁକ୍ତ ପାଇଁ ହାଇକୋର୍ଟରେ ଏକ ଅନ୍ତରୀଣ ପିଟିସନ୍ ରୁଜୁ କରିଥିଲେ । ଏହି ଅନ୍ତରୀଣ ପିଟିସନ୍‌କୁ ହାଇକୋର୍ଟ ଆଜି ଖାରଜ କରି ଦେଇଛନ୍ତି। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ମାମଲାର ରାୟ ପ୍ରକାଶ କରି ହେମନ୍ତ ପୃଷ୍ଟିଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି। ନୟାଗଡ଼ ବିଧାନସଭା ନିର୍ବାଚନୀ ମାମଲାରେ ବିଜେପିରୁ ପ୍ରାର୍ଥୀ ହୋଇ ହାରିଥିବା ପ୍ରତ୍ୟୁଷା ରାଜେଶ୍ୱରୀ, ବିଜେଡ଼ିରୁ ପ୍ରାର୍ଥୀ ହୋଇ ଜିତିଥିବା ବିଧାୟକ ଅରୁଣ ସାହୁଙ୍କ ବିରୋଧରେ ଏହି ନିର୍ବାଚନୀ ମାମଲା କରିଥିଲେ। ଶ୍ରୀ ସାହୁ ପ୍ରାର୍ଥୀପତ୍ର ଦାଖଲ ବେଳେ ଅନେକ ତଥ୍ୟ ଲୁଚାଇଥିବା ଅଭିଯୋଗ କରି ସେ ଏହି ମାମଲା ରୁଜୁ କରିଥିଲେ। ଏହି ମାମଲାର ଶୁଣାଣି ଚାଲିଥିବାବେଳେ ପ୍ରଥମେ ବିଧାୟକ ଶ୍ରୀ ସାହୁ ଏକ ଅନ୍ତରୀଣ ପିଟିସନ୍ ରୁଜୁ କରିଥିଲେ । ଯେଉଁଥିରେ ଏଠାରୁ ପ୍ରାର୍ଥୀ ହୋଇଥିବା ହେମନ୍ତ ପୃଷ୍ଟିଙ୍କୁ ପକ୍ଷ କରିବା ଲାଗି ସେ ପ୍ରାର୍ଥନା କରିଥିଲେ । କିନ୍ତୁ ଏହି ଅନ୍ତରୀଣ ପିଟିସନ୍‌କୁ ହାଇକୋର୍ଟ ଖାରଜ କରି ଦେଇଥିଲେ। ପରେ ନିଜେ ହେମନ୍ତ ପୃଷ୍ଟି ଆଉ ଏକ ଅନ୍ତରୀଣ ପିଟିସନ୍ ଦାଖଲ କରି ତାଙ୍କ ପକ୍ଷଭୁକ୍ତ ଲାଗି ପ୍ରାର୍ଥନା କରିଥିଲେ । ସେ ଅନ୍ତରୀଣ ପିଟିସନ୍ ମଧ୍ୟ ଖାରଜ ହୋଇଯାଇଛି। ପ୍ରତ୍ୟୁଷା ରାଜେଶ୍ୱରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# ବାଗ୍‌ଚୀ ଶଙ୍କରା କ୍ୟାନସର ସେଣ୍ଟରରେ ବିଶ୍ୱ କ୍ୟାନସର ଦିବସ ପାଳିତ

ଭୁବନେଶ୍ୱର,(ସବ୍ୟୁ) : ସମଗ୍ର ବିଶ୍ୱରେ କ୍ୟାନସର ଭଳି ଦୁରାରୋଗ୍ୟ ବ୍ୟାଧିକୁ ନେଇ ଉଦବେଗ୍ ରହିଥିବାବେଳେ ଧୈର୍ଯ୍ୟର ସହ ମୁକାବିଲା କଲେ ଏଭଳି ଦୁରାରୋଗ୍ୟ ବ୍ୟାଧି ରୋଗରୁ ମୁକ୍ତି ମିଳିପାରିବ ବୋଲି ପୂର୍ବ ଭାରତର ସର୍ବବୃହତ କ୍ୟାନସର ହସ୍ପିଟାଲ ଭାବେ ଜଣାଶୁଣା ବାଗଚୀ ଶ୍ରୀ ଶଙ୍କରା କ୍ୟାନସର ସେଣ୍ଟର ଓ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ରେ ବିଶ୍ୱ କ୍ୟାନସର ଦିବସ ପାଳିତ ହୋଇଛି। ଏହି ଅବସରରେ ସେଣ୍ଟରକୁ ପ୍ରତିଷ୍ଠା ହେବାର ଅଳ୍ପ ଦିନ ମଧ୍ୟରେ ଭାରତ ବର୍ଷରେ ବେଶ୍ ପ୍ରସିଦ୍ଧି ହୋଇଛି। ବିଶ୍ୱ କ୍ୟାନସର ଦିବସ ପାଳନ ଅବସରରେ ଏହି ଅନୁଷ୍ଠାନ ପକ୍ଷରୁ କ୍ୟାନସରରେ ପୀଡ଼ିତ ହୋଇ ଆରୋଗ୍ୟ ଲାଭ କରିଥିବା ଏକାଧିକ ବ୍ୟକ୍ତି ଏହି ଅବସରରେ ଉପସ୍ଥିତ ରହି ସେମାନଙ୍କର ସଂଘର୍ଷ ବିଷୟରେ ଆଲୋକପାତ କରିଥିଲେ। କ୍ୟାନସରକୁ ଡରିଗଲେ ଯୁଦ୍ଧ ଜିତି ହେବ ନାହିଁ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଦିପକ



ବିଶିଷ୍ଟ କ୍ୟାନସର ବିଶେଷଜ୍ଞମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ମାତ୍ର ୨ ବର୍ଷ ତଳେ ବିଶ୍ୱସ୍ତରୀୟ ଭିତ୍ତିଭୂମି ନେଇ ପ୍ରତିଷ୍ଠା ହୋଇଥିବା ବାଗଚୀ ଶ୍ରୀ ଶଙ୍କରା ହସ୍ପିଟାଲରେ ଏବେ ଦୈନିକ ୫୦୦ରୁ ଉର୍ଦ୍ଧ୍ୱ ରୋଗୀ ଭାରତର ବିଭିନ୍ନ ପ୍ରାନ୍ତରୁ ଚିକିତ୍ସା ହେବା ପାଇଁ ଆସୁଛନ୍ତି। କ୍ୟାନସର ଭଳି ଦୁରାରୋଗ୍ୟ ବ୍ୟାଧିର ଉପଶମ ପାଇଁ ଏଠାରେ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ବିଶେଷ ଡାକ୍ତରଙ୍କ ଉପସ୍ଥିତ ଏହି ମିଶ୍ର ପ୍ରକାଶ କରିଛନ୍ତି । ଏହି ଅବସରରେ ବାଗଚୀ ଶ୍ରୀ ଶଙ୍କରା ହସ୍ପିଟାଲ ପକ୍ଷରୁ ଭୁବନେଶ୍ୱର , କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିଶୁଳ୍କ କ୍ୟାନସର ସଚେତନତା ଓ ଚିହ୍ନଟ ଶିବିର ଆୟୋଜିତ କରାଯାଇଥିଲା। ଏହି ଅବସରରେ ଡକ୍ଟର ତ୍ରିବିକ୍ରମ ପଣ୍ଡା, ଡକ୍ଟର ଉଷର୍ସି ଦାସ, ଡକ୍ଟର ସରୋଜ ରଞ୍ଜନ ସାହୁ, ଡକ୍ଟର ରବିଶଙ୍କର ଦାସ, ଡକ୍ଟର ଇତିଶ୍ରୀ ପଣ୍ଡା ଆଦି ପ୍ରମୁଖ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# ବେଦାନ୍ତ ଆଲୁମିନିୟମ ଓଡ଼ିଶାରେ ବ୍ୟାପକ ସଡ଼କ ସୁରକ୍ଷା ଅଭିଯାନ

ଭୁବନେଶ୍ୱର, (ସବ୍ୟୁ) : ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ା ଏବଂ ଲାଞ୍ଜିଗଡ଼ରେ ଏହାର କାର୍ଯ୍ୟସ୍ଥଳରେ ସମନ୍ୱିତ ତଥା ପ୍ରଭାବଶାଳୀ ସଡ଼କ ସୁରକ୍ଷା ପଦକ୍ଷେପ ସହିତ ୩୭ତମ ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬ ପାଳନ କରିଛି ଏବଂ ଯେଉଁଥିରେ ୨୦୦୦ରୁ ଅଧିକ କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସ୍ଥାନୀୟ ସମୁଦାୟଙ୍କୁ ସାମିଲ କରିବା ସହିତ ସୁରକ୍ଷିତ ଏବଂ ଦାୟିତ୍ୱପୂର୍ଣ୍ଣ ସଡ଼କ ସୁରକ୍ଷା ଅଭିଯାନକୁ ପ୍ରୋତ୍ସାହିତ କରିଛି । ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମୁଦାୟ ଅଂଶୀଦାରମାନଙ୍କ ସହିତ ସହଭାଗୀତା କରି, କମ୍ପାନୀ ଦାୟିତ୍ୱପୂର୍ଣ୍ଣ ଗାଡିଚାଳନା ଆଚରଣ, ସଡ଼କ ଶୃଙ୍ଖଳା ଏବଂ ଜୀବନ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଭାବଶାଳୀ ଅଭିଯାନ ଆରମ୍ଭ କରିଛି । ସଡ଼କ ସୁରକ୍ଷା, ଜୀବନ ରକ୍ଷା ବିଷୟବସ୍ତୁ ଅଧୀନରେ, ପ୍ରମୁଖ ସମ୍ପ୍ରଦାୟ ସମ୍ପର୍କ ବିନ୍ଦୁଗୁଡ଼ିକରେ ସୁରକ୍ଷା ସଚେତନତାକୁ ସୁଦୃଢ଼ କରିବା ପାଇଁ ସଡ଼କ ସୁରକ୍ଷା କୁଇଜ୍, ସ୍ଲୋଗାନ ପ୍ରତିଯୋଗିତା, ସାଇକ୍ଲୋଥନ୍, ସଡ଼କ ସୁରକ୍ଷା ଟ୍ୟାଙ୍ଗ ପ୍ରତିଯୋଗିତା ଏବଂ ସଚେତନତା ଅଭିଯାନ ଭଳି ବହୁବିଧ କାର୍ଯ୍ୟକ୍ରମ ଜନସାଧାରଣଙ୍କ ସହଭାଗୀତାରେ ଅନୁଷ୍ଠିତ




ହୋଇଥିଲା । ସଚେତନତା ଅଭିଯାନର ଏକ ଅଂଶ ଭାବରେ, ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ସଡ଼କ ସୁରକ୍ଷାର ଗୁରୁତ୍ୱକୁ ସୁଦୃଢ଼ କରିବା ପାଇଁ ଅନେକ ପଦକ୍ଷେପମାନ ନିଆଯାଇଛି ଯେପରିକି:- ଝାରସୁଗୁଡାରେ, ଏହି ଅଭିଯାନରେ ଝାରସୁଗୁଡ଼ା ଆରଟିଓ ସହିତ ସହଭାଗୀତାରେ ଏକ ପ୍ରଭାବଶାଳୀ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ମାଧ୍ୟମରେ ପ୍ରାୟ ୧,୦୦୦ ଲୋକଙ୍କୁ ସାମିଲ କରାଯାଇଥିଲା । ନୁକ୍କଡନାଟକ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି କରିବା ସହିତ ହେଲମେଟ୍ ବ୍ୟବହାର ଏବଂ ସିଟ୍ ବେଲ୍ଟର ବ୍ୟବହାରକୁ ତ୍ୱରାନ୍ୱିତ କରିବା ତଥା ଅସୁରକ୍ଷିତ ଗାଡ଼ି ଚାଳନାର ପରିଣାମକୁ ଏଥିରେ ପ୍ରଦର୍ଶିତ କରାଯାଇଥିଲା । ଏହି ଅଭିଯାନ ସଡ଼କ ସୁରକ୍ଷା ବ୍ୟାଜ୍ ବଂଟନ ମାଧ୍ୟମରେ ସକାରାତ୍ମକ ଜନସାଧାରଣଙ୍କ ଅଂଶଗ୍ରହଣକୁ ଆହୁରି ପ୍ରୋତ୍ସାହିତ କରିଥିଲା । - ଲାଞ୍ଜିଗଡ଼ରେ, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରଦାନକାରୀ ଏକ ରୋଡ୍ ରାଲି ସହିତ ପାଂଚଟି ସ୍କୁଲରେ ୧,୦୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚିଥିବା ଏକ ବିଦ୍ୟାଳୟ କାର୍ଯ୍ୟକ୍ରମ ଏବଂ ୧୦୦ ଜଣ ଅଂଶଗ୍ରହଣକାରୀଙ୍କ ସହିତ ଏକ ବାଇକ୍ ରାଲି ମାଧ୍ୟମରେ ସମାଜରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରସାର କରାଯାଇଥିଲା । ୭୦ ଜଣ ଡ୍ରାଇଭରଙ୍କ ପାଇଁ ଏକ ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା । ଏହି ପଦକ୍ଷେପକୁ ପ୍ରଶଂସା କରି, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ସଡକ ସୁରକ୍ଷା ସଚେତନତା, ଶୃଙ୍ଖଳା ତଥା ସଂଗଠନ ଏବଂ ସମ୍ପ୍ରଦାୟର ଏକ ସମାନ ସହଭାଗୀ ପ୍ରତିବଦ୍ଧତା ଦାବି କରେ । ଆମର ପ୍ରୟାସ ସଚେତନତାକୁ ଦୃଢ କରିବା ଏବଂ କର୍ମଚାରୀ, ଅଂଶୀଦାର ତଥା ସମ୍ପ୍ରଦାୟକୁ ନିରାପଦ ରାସ୍ତା ଅଭ୍ୟାସକୁ ଏକ ଦୈନନ୍ଦିନ ଶୃଙ୍ଖଳା ଭାବରେ ଗ୍ରହଣ କରିବା ପାଇଁ ସଶକ୍ତ କରିବା ସହିତ ଅର୍ଥପୂର୍ଣ୍ଣ ଆଚରଣଗତ ପରିବର୍ତ୍ତନ ସୃଷ୍ଟି କରିବାରେ ସାହାଯ୍ୟ କରେ ।

# ତତ୍ତ୍ୱ ଟେକ୍ନୋଲୋଜିସ୍ ପକ୍ଷରୁ ଏଆଇ-ଚାଳିତ ଓମନିଏଜେଂଟର ଶୁଭାରମ୍ଭ

ଭୁବନେଶ୍ୱର,(ସବ୍ୟୁ) : ପୂର୍ବ ଭାରତର ଏକ ଅଗ୍ରଣୀ ଆଇଟି-ସକ୍ଷମ ସେବା କମ୍ପାନୀ, ତତ୍ତ୍ୱ ଟେକ୍ନୋଲୋଜିସ୍, ଭୁବନେଶ୍ୱରର ଇନଫୋସିଟି କ୍ୟାମ୍ପସରେ ଏହାର ବଜାରରେ ପହଂଚାଇବା ପାଇଁ ଆମର ଆତ୍ମବିଶ୍ୱାସକୁ ଦୃଢ଼ କରିଛି । ଆମେ ଓଡ଼ିଶାରୁ ଏକ ବିଶ୍ୱସ୍ତରୀୟ ପ୍ରଯୁକ୍ତି କମ୍ପାନୀ ଗଠନ କରିବାକୁ ଲକ୍ଷ୍ୟ ରଖିଛୁ । ଏହି




୨୪ତମ ପ୍ରତିଷ୍ଠା ଦିବସ ଅବସରରେ ଏହାର ଏଆଇ-ଚାଳିତ ପ୍ଲାଟଫର୍ମ "ଓମନିଏଜେଂଟର ଶୁଭାରମ୍ଭ କରିଛି । ଏହି ଅବସରରେ ତତ୍ତ୍ୱ ଟେକ୍ନୋଲୋଜିର ପରିଚାଳନା ନିର୍ଦ୍ଦେଶକ ଅୟସକାନ୍ତ ମହାନ୍ତି କହିଛନ୍ତି, ଓମନିଏଜେଂଟ ଆମର ନବସୃଜନ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଂଟ । ଉଦ୍ୟୋଗ, ଏମଏସଏମଇ ଏବଂ ସରକାରୀ ସଂଗଠନର ଦୃଢ଼ ପ୍ରତିକ୍ରିୟା ଏହି ଏଆଇ ସମାଧାନକୁ ବିଶ୍ୱ କାର୍ଯ୍ୟକ୍ରମରେ ସିଇଓ ଏବଂ ସହ-ପ୍ରତିଷ୍ଠାତା ତପେନ୍ଦ୍ର ସେନାପତି ଓମନିଏଜେଂଟ ପ୍ରଦର୍ଶନ କରି କହିଛନ୍ତି, ଓମନିଏଜେଂଟକୁ ଅର୍ଥପୂର୍ଣ୍ଣ ଏବଂ ମାନବୀୟ ସମ୍ପର୍କ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି । ଭାବପ୍ରବଣ ଏବଂ ପ୍ରାସଙ୍ଗିକ ବୁଦ୍ଧିମତା ସହିତ ଉନ୍ନତ ଏଆଇକୁ ମିଶ୍ରଣ କରି, ଏହି ପ୍ଲାଟଫର୍ମ ସମସ୍ତ ଶିଳ୍ପରେ ଗ୍ରାହକ ଏବଂ ନାଗରିକ ଅଭିଜ୍ଞତାକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି ।

## କେନ୍ଦ୍ର ବଜେଟ ଉପରେ ବିଜେପି ଯୁବମୋର୍ଚ୍ଚାର ଯୁବ ସମ୍ବାଦ ସମ୍ମିଳନୀ

# ଯୁବପୀଢ଼ିଙ୍କ ପାଇଁ ନିଯୁକ୍ତି ଓ ଉଦ୍ୟମିତା କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବ : ଡ଼ ଚାନ୍ଦ


ଭୁବନେଶ୍ୱର, (ସବ୍ୟୁ) : ବ୍ରହ୍ମପୁର ସହରର କଳାପରିଷଦ ହଲରେ ମଙ୍ଗଳବାର ଅପରାହ୍ନରେ ଏକ ବଜେଟ ଆଲୋଚନାର ସମାବେଶ ଆୟୋଜନ କରାଯାଇଥିଲା । ଏହି ସଭାରେ ମୁଖ୍ୟ ବକ୍ତା ଭାବେ ଡ଼ ତପନ କୁମାର ଚାନ୍ଦ ରାଜ୍ୟ ବିଜେପି ଶିଳ୍ପ ପ୍ରକୋଷ୍ଠର ସହ ସଂଯୋଜକ ତଥା ବିଜେପି ମୁଖପାତ୍ର ଓ ପୂର୍ବତନ ଅଧ୍ୟକ୍ଷ ନାଲକୋ ଯୋଗ ଦେବା ସହ ଆଜିର ଯୁବପିଢ଼ିଙ୍କ ପାଇଁ ୨୦୨୬ ବଜେଟ ଉପରେ ଆଲୋକପାତ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ୭.୨% ରୁ ୮% ରହିବ ବୋଲି ସାକାରାତ୍ମକ ଆଶା ପ୍ରକାଶ କରିଥିଲେ। ଯୁବକ ମାନଙ୍କ ପାଇଁ କୌଶଳ ବିକାଶ, ନବସୃଜନ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ବଜେଟ୍‌ର ଏକ ପ୍ରମୁଖ ଗୁରୁତ୍ୱ ଦିଆଯାଇଛି। ଉଚ୍ଚସ୍ତରୀୟ ଗବେଷଣା ଏବଂ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ବିରଳ




ମୃର୍ତ୍ତିକା ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ କରିଡର, ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ୍ ୨.୦ ସହିତ ୪୦,୦୦୦ କୋଟି ଏବଂ ବାୟୋ-ଫାର୍ମା ଶକ୍ତି ସହିତ ୧୦,୦୦୦ କୋଟି ଟଙ୍କା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗୁଡିକ ଏହି ବଜେଟରେ ଘୋଷଣା କରାଯାଇଛି। ଶିଳ୍ପ କରିଡର ପ୍ରତିଷ୍ଠା, ଏମଏସ୍ଏମଇର ପ୍ରୋତ୍ସାହନ, ମେଗା ଟେକ୍ସଟାଇଲ ପାର୍କ ଏବଂ ଓଡିଓପି (ଗୋଟିଏ ଜିଲ୍ଲା ଗୋଟିଏ ଉତ୍ପାଦ) କାର୍ଯ୍ୟକ୍ରମ ସ୍ଥାନୀୟ ଉଦ୍ୟୋଗ ଏବଂ ନିଯୁକ୍ତିକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ସୃଜନଶୀଳ ଅର୍ଥନୀତିର ସମ୍ଭାବନାକୁ ଲକ୍ଷ୍ୟ ରଖି, କେନ୍ଦ୍ର ସରକାର ୨୫୦ କୋଟି ପାଣ୍ଠି ଦ୍ୱାରା ୧୫,୦୦୦ ହାଇସ୍କୁଲ ଏବଂ ୫୦୦ କଲେଜରେ କଣ୍ଟେଣ୍ଟ କ୍ରିଏଟର ଲ୍ୟାବ ସ୍ଥାପନ କରିବାକୁ ଯୋଜନା କରିଛନ୍ତି। ଏହି ପଦକ୍ଷେପ ସୃଜନ ଅର୍ଥନୀତୀର ଅଭିବୃଦ୍ଧିରେ ମହିପୁର୍ଣ୍ଣ ଭୂମିକା ନିର୍ବାହ କରିପାରିବ । ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଉପରେ ମଧ୍ୟ ଦୃଢ଼ ଧ୍ୟାନ ଦିଆଯାଉଛି, ଶିକ୍ଷା ପାଇଁ ୧,୩୯,୨୮୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ସମାବେଶରେ ବିଜେପି ଯୁବମୋର୍ଚ୍ଚାର ସଭାପତି ଅଭିଳାଷ ପଣ୍ଡା ଉପସ୍ଥିତ ଯୁବଗୋଷ୍ଠିଙ୍କୁ ସମ୍ବୋଧନ କରିବା ସହ ବଜେଟ ବିଷୟରେ ଉତ୍ସାହିତ କରିଥିଲେ । ଏହି ସଭାରେ ଜିଲ୍ଲା ସଭାପତି ସରୋଜ କୁମାର ସାବତ ସଭାପତିତ୍ୱ କରିଥିଲେ।

# ଆନନ୍ଦ ଚନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଶୋକସଭା


ଭୁବନେଶ୍ୱର, (ସବ୍ୟୁ) : ସମନ୍ତରାପୁର, ଲୁଇସ୍ ରୋଡ୍, ଭୁବନେଶ୍ୱରସ୍ଥିତ ଜୟଦେବ ଗ୍ୟାସ କାର୍ଯ୍ୟାଳୟ ପ୍ରାଙ୍ଗଣରେ ସଂସ୍ଥାର ମାଲିକ ସ୍ୱର୍ଗତ ଆନନ୍ଦ ଚନ୍ଦ୍ର ପ୍ରଧାନଙ୍କ ଅକାଳ ବିୟୋଗରେ ଏକ ଶୋକ



ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶୋକ ସଭାରେ ଜୟଦେବ ଗ୍ୟାସର ସମସ୍ତ କର୍ମଚାରୀ ଓ କର୍ମୀବୃନ୍ଦ ସହିତ ସ୍ଥାନୀୟ ଅଞ୍ଚଳର ପଡ଼ୋଶୀ ଦୋକାନଦାର, ଓ ଶୁଭେଚ୍ଛୁମାନେ ଉପସ୍ଥିତ ରହିଥିଲେ।ଶୋକ ସଭାରେ ସମସ୍ତେ ଦୁଇ ମିନିଟ୍‌ର ନିରବତା ପାଳନ କରି ସ୍ୱର୍ଗତ ଆତ୍ମାର ସଦ୍‌ଗତି ଓ ଶାନ୍ତି କାମନା କରିଥିଲେ।ଏହି ଅବସରରେ ବକ୍ତାମାନେ ସ୍ୱର୍ଗତ ପ୍ରଧାନଙ୍କ ଜୀବନ ଓ କର୍ମକୁ ସ୍ମରଣ କରି ସେ ଜଣେ ସରଳ, ସଦାଚାରୀ, କର୍ମଠ ଓ କର୍ମଚାରୀପ୍ରିୟ ବ୍ୟକ୍ତି ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସେ କେବଳ ଜଣେ ସଫଳ ବ୍ୟବସାୟୀ ନୁହେଁ, ବରଂ ସ୍ଥାନୀୟ ଅଞ୍ଚଳରେ ଏକ ସମ୍ମାନିତ ଓ ସହଯୋଗୀ ସ୍ୱଭାବର ବ୍ୟକ୍ତି ଭାବେ ପରିଚିତ ଥିଲେ ବୋଲି ଉପସ୍ଥିତମାନେ ମତ ପ୍ରକାଶ କରିଥିଲେ।ତାଙ୍କ ବିୟୋଗରେ ଜୟଦେବ ଗ୍ୟାସ ପରିବାର ସହିତ ସ୍ଥାନୀୟ ବ୍ୟବସାୟୀ ସମୁଦାୟ ଓ ପଡ଼ୋଶୀ ଅଞ୍ଚଳରେ ଗଭୀର ଶୋକର ପରିବେଶ ସୃଷ୍ଟି ହୋଇଛି।

# ଶ୍ରମିକମାନଙ୍କୁ ବନ୍ଧନରୁ ମୁକ୍ତି ଦାବି କଲା ସୁରକ୍ଷା

ଭୁବନେଶ୍ୱର,(ସବ୍ୟୁ): ସ୍ୱାଧୀନତାର ୭ ଦଶନ୍ଧୀ ପରେ ମଧ୍ୟ ଗରୀବ ଓ ଶ୍ରମିକ ଶ୍ରେଣୀଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ମିଳିନାହିଁ । ଆଦି ମଧ୍ୟ ଓଡ଼ିଶାର ୧୧ ଜିଲ୍ଲାରୁ ଶ୍ରମିକ ମାନେ ପେଟ ପାଇଁ ଦାଦନ ଯାଇ ଅନେକ ସମୟରେ ନିର୍ଯ୍ୟାତନାର ଶୀକାର ହେଉଛନ୍ତି । ବନ୍ଧକ ଶ୍ରମ ପ୍ରଥା (ଉଚ୍ଛେଦ) ଆଇନ ୧୯୭୭ର ୫୦ ବର୍ଷ ପୂର୍ତ୍ତି ଅବସରରେ ୨୦୨୬ରେ ଏହାର ସୁବର୍ଣ୍ଣ ଜୟନ୍ତୀ ସମାରୋହ ହେଉଛି । ଏହି ପରିପ୍ରେକ୍ଷୀରେ ବନ୍ଧକ,



ଦାଦନ ଶ୍ରମିକ ମାନଙ୍କ ପାଇଁ ସୁରକ୍ଷା ନାମରେ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଆଗେଇ ଆସିଛି । ଆସନ୍ତା ୯ ତାରିଖରେ ଏହି ଆଇନକୁ ୫୦ ବର୍ଷ ପୂର୍ତ୍ତି ଅବସରରେ କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ରାଜ୍ୟ ବନ୍ଧକ ଶ୍ରମ ପ୍ରଥା(ଉଚ୍ଛେଦ) ଆଇନ ଦିବସ ଭାବେ ପାଳନ କରୁଥିବାରୁ ଓଡ଼ିଶାରେ ମଧ୍ୟ ଏହି ଦିବସକୁ ପାଳନ କରିବା ପାଇଁ ଘୋଷଣା କରାଯାଉ ବୋଲି ସୁରକ୍ଷା ମଞ୍ଚର ଆବାହକ ଅମୀୟ ଭୂଷଣ ବିଶ୍ୱାଳ ଓ ସାମାଜିକ କର୍ମି ସୁଦର୍ଶନ ଛୋଟରାୟ ବୁଧବାର ଆୟୋଜିକ ଏକ ସାମ୍ବାଦିକ ସମ୍ମିଳନୀରେ ଗୁରୁତ୍ୱାରୋପ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଆବାହକ ଲୋକନାଥ ମିଶ୍ର ଓ ସୁରକ୍ଷା ମଞ୍ଚର ସଦସ୍ୟ ଜୟନ୍ତ କୁମାର ନାଗ ଉପସ୍ଥିତ ରହି ଶ୍ରମ ଆଇନର ବିଭିନ୍ନ ଦିଗ ଉପରେ ବ୍ୟାପକ ଆଲୋଚନା କରିଥିଲେ ।

# ଗଦ୍ଦାଫିଙ୍କ ପୁଅ ସୈଫ୍ ଅଲ୍ ଇସଲାମଙ୍କୁ ଗୁଳି କରି ହତ୍ୟା



**ତ୍ରିପୋଲି:** ଲିବ୍ୟାରେ ପୁଣି ଥରେ ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଛି। ଜିଣ୍ଟାନ ସହରରେ ଲିବ୍ୟାର ପୂର୍ବତନ ଏକଛତ୍ରବାଦୀ ଶାସକ ମୁଅମର୍ ଗଦ୍ଦାଫିଙ୍କ ପୁଅ ସୈଫ୍ ଅଲ- ଇସଲାମ୍ ଗଦ୍ଦାଫି (୫୩)ଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ଘରେ ଗୁଳି କରି ହତ୍ୟା କରାଯାଇଛି। ସୈଫ ଅଲ- ଇସଲାମ୍ ତାଙ୍କ ବଗିଚାରେ ବୁଲୁଥିବା ସମୟରେ ୪ ଜଣ ବନ୍ଧୁକଧାରୀ ତାଙ୍କ ଉପରକୁ ଅତର୍କିତ ଭାବେ ଗୁଳିଚାଳନା କରିଥିଲେ।ସୈଫ୍ ଅଲ୍-ଇସଲାମ୍ଙ୍କୁ ଏକଦା ଲିବ୍ୟାର ପରବର୍ତ୍ତୀ ଶାସକ ଭାବେ ବିବେଚନା କରାଯାଉଥିଲା। ମୁଅମର ଗାଦ୍ଦାଫିଙ୍କ ଶାସନ କାଳରେ ସେ ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତି ଥିଲେ। କେଉଁ କାରଣରୁ ସୈଫ୍ ଅଲ୍-ଇସଲାମଙ୍କୁ ହତ୍ୟା କରାଯାଇଥିଲା ତାହା ଅସ୍ପଷ୍ଟ ରହିଛି। ତେବେ ଏହି ଘଟଣା ପୁଣି ଥରେ ଲିବ୍ୟାର ଅସ୍ଥିର ସୁରକ୍ଷା ବ୍ୟବସ୍ଥା ଏବଂ ଦୀର୍ଘକାଳୀନ ରାଜନୈତିକ ଦ୍ୱନ୍ଦ୍ୱକୁ ଚର୍ଚ୍ଚାକୁ ଆଣିଛି। ସୈଫ୍ ଅଲ୍-ଇସଲାମ୍ଙ୍କୁ ଜିଣ୍ଟାନ ସହରରେ ତାଙ୍କ ଘରେ ହତ୍ୟା କରାଯାଇଥିବା ତାଙ୍କ ଓକିଲ ଖାଲିଦ ଅଲ-ଜାୟଦି ଓ ତାଙ୍କ ରାଜନୈତିକ ପ୍ରତିନିଧି ମଙ୍ଗଳବାର ସୂଚନା ଦେଇଛନ୍ତି। ବନ୍ଧୁକଧାରୀମାନେ ମୁଖା ପିନ୍ଧିଥିବାବେଳେ ହତ୍ୟାକାଣ୍ଡ ପୂର୍ବରୁ ଘରେ ଲାଗିଥିବା କ୍ୟାମେରାକୁ ନିଷ୍କ୍ରିୟ କରିଦେଇଥିଲେ। ଲିବ୍ୟାର ଅଧିକାରୀ ଏହି ହତ୍ୟାକାଣ୍ଡର ତଦନ୍ତ ଆରମ୍ଭ କରିଦେଇଛନ୍ତି। ହତ୍ୟାକାରୀ ଏକ କମାଣ୍ଡୋ ୟୁନିଟ୍ ବୋଲି କୁହାଯାଇଛି। ହତ୍ୟାର ଉଦ୍ଦେଶ୍ୟ ଏବଂ ଏହାର ପଛରେ କାହାର ହାତ ଅଛି ଜଣାପଡ଼ିନି।ତେବେ ସୈଫ୍ ଅଲ୍-ଇସଲାମଙ୍କ ହତ୍ୟାକୁ ନେଇ ଅଲଗା ଅଲଗା କଥା ସାମ୍ନାକୁ ଆସୁଛି। ଇସଲାମଙ୍କ ଭଉଣୀ ଲିବ୍ୟା ଟେଲିଭିଜନକୁ କହିଥିଲେ ଯେ, ଆଲଜେରିଆ ଓ ଲିବ୍ୟା ସୀମା ନିକଟର ତାଙ୍କ ଭାଇର ମୃତ୍ୟୁ ହୋଇଛି। ମୁଅମର ଗାଦ୍ଦାଫିଙ୍କ ପତନ ପରେ ୨୦୧୧ରେ ଧରାପଡ଼ିବା ପରେ ସୈଫ୍ ଅଲ୍- ଇସଲାମ ଜାତୀୟ ରାଜନୀତିରେ ପୁନର୍ବାର ଉଭା ହେବା ପୂର୍ବରୁ ଏକ ଦୂର ପାହାଡିଆ ସହରରେ ପ୍ରାୟ ଏକ ଦଶନ୍ଧି ବନ୍ଦୀ ଜୀବନ ବିତାଇଥିଲେ।

# ଆମେରିକା ସହ ବାଣିଜ୍ୟ ଚୁକ୍ତି

# ସଂସଦକୁ ସରକାରଙ୍କ ଆଶ୍ୱାସନା




**ନୂଆଦିଲ୍ଲୀ:** କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ବୁଧବାର ଆମେରିକା ସହ ବାଣିଜ୍ୟ ଚୁକ୍ତି ବିଷୟରେ ସଂସଦକୁ ସୂଚନା ଦେଇଛନ୍ତି। ବିରୋଧୀ ସାଂସଦଙ୍କ ବିରୋଧ ମଧ୍ୟରେ ଲୋକସଭାରେ ଭାଷଣ ଦେଇ ଗୋୟଲ ଆଶ୍ୱାସନା ଦେଇଛନ୍ତି ଯେ, କୃଷି ଓ ଦୁଗ୍ଧ ଉତ୍ପାଦନ ଭଳି ସମ୍ବେଦନଶୀଳ କ୍ଷେତ୍ରର ସୁରକ୍ଷା ସୁନିଶ୍ଚିତ କରିବାରେ ନୂଆଦିଲ୍ଲୀ ସଫଳ ହୋଇଛି।ଗୋୟଲ କହିଛନ୍ତି ଯେ, ଉଭୟ ପକ୍ଷ ସହମତିରେ ପହଞ୍ଚିବାକୁ ଏକ ବର୍ଷ ସମୟ ନେଇଥିଲେ, କିନ୍ତୁ ନିଶ୍ଚିତ ରିଥିଲେ ଯେ ଭାରତୀୟ ଚାଷୀଙ୍କ ସହ ଜଡ଼ିତ କୌଣସି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଅଣଦେଖା କରାଯିବ ନାହିଁ। ଆଲୋଚନା ସମୟରେ ଭାରତୀୟ ପକ୍ଷ ଏହାର ସମ୍ବେଦନଶୀଳ କ୍ଷେତ୍ର, ବିଶେଷ କରି କୃଷି ଓ ଦୁଗ୍ଧ ଉତ୍ପାଦନ କ୍ଷେତ୍ରର ସ୍ୱାର୍ଥ ରକ୍ଷା କରିବାରେ ସଫଳ ହୋଇଥିଲା। ଏକ ବର୍ଷର ଆଲୋଚନା ପରେ ଉଭୟ ପକ୍ଷ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିର ବିଭିନ୍ନ କ୍ଷେତ୍ରକୁ ଚୂଡ଼ାନ୍ତ ରୂପ ଦେବାରେ ସଫଳ ହୋଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।ସୋମବାର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ଘୋଷଣା କରିଥିଲେ ଏବଂ କହିଥିଲେ ଯେ ସେ ଭାରତ ଉପରେ ପାରସ୍ପରିକ ଶୁଳ୍କ ୨୫ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରିବେ। ତେବେ କୃଷି ସମେତ ୫୦୦ ବିଲିୟନ ଡଲାରରୁ ଅଧିକ ଉତ୍ପାଦ କିଣିବାକୁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ଉଲ୍ଲେଖ କରିବା ଶୀଘ୍ର ଦୃଷ୍ଟି ଆକର୍ଷଣ କରିଥିଲା। ଏହା ବିରୋଧୀ ଶିବିରରୁ ତୀବ୍ର ସମାଲୋଚନାକୁ ଆମନ୍ତ୍ରଣ କରିଥିଲା।

# ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ: ୪,୦୦୦ରୁ ଅଧିକ ପୋଲିସ ନିୟୋଜିତ ହେବେ




**ନୂଆଦିଲ୍ଲୀ:** ଫେବ୍ରୁଆରି ୧୬ ରୁ ୨୦ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରୀୟ ଦିଲ୍ଲୀର ଭାରତ ମଣ୍ଡପମରେ ଆୟୋଜିତ ହେବାକୁ ଥିବା ଇଣ୍ଡିଆ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଇମ୍ପାକ୍ଟ ସମିଟ୍ ସମୟରେ ଟ୍ରାଫିକ୍ ପରିଚାଳନା ପାଇଁ ୧୦ ଜଣ ଡେପୁଟି ପୁଲିସ କମିସନର (ଡିସିପି) ସମେତ ୪,୦୦୦ ରୁ ଅଧିକ ଦିଲ୍ଲୀ ଟ୍ରାଫିକ୍ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ଟ୍ରାଫିକ୍ ପରିଚାଳନା ପାଇଁ ଦିଲ୍ଲୀରେ ୧୦ ଟି ଜୋନ୍ ସୃଷ୍ଟି କରାଯିବା ଜୋନ୍ଗୁଡ଼ିକୁ ୨୨ଟି ସେକ୍ଟରରେ ବିଭକ୍ତ କରାଯିବ। ଭାରତ ମଣ୍ଡପମରେ କାର୍ଯ୍ୟକ୍ରମ ସ୍ଥାନ , କେନ୍ଦ୍ରୀୟ ଓ ଦକ୍ଷିଣ ଦିଲ୍ଲୀରେ ୧୦ଟି ବିଳାସପୂର୍ଣ୍ଣ ହୋଟେଲ ଯେଉଁଠାରେ ବିଦେଶୀ ପ୍ରତିନିଧିମାନେ ରହିବେ, ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ତଥା ଏହି ସମସ୍ତ ସ୍ଥାନକୁ ସଂଯୋଗ କରୁଥିବା ରୁଟ୍ଗୁଡ଼ିକୁ କଭର କରାଯିବ।ସମସ୍ତ ସ୍କୁଲ, କାର୍ଯ୍ୟାଳୟ ଏବଂ ବ୍ୟବସାୟ ପ୍ରତିଷ୍ଠାନ ସବୁଦିନ ପରି ଖୋଲା ରହିବ। ଏଆଇ ସମ୍ମିଳନୀ-ସମ୍ବନ୍ଧୀୟ ରୁଟ୍ ଯୋଜନା ଏପରି ଭାବରେ ପ୍ରସ୍ତୁତ କରାଯାଇଛି ଯେ, ଟ୍ରାଫିକ୍ ପ୍ରତିବନ୍ଧକ ଓ ଡାଇଭର୍ସନ ସ୍କୁଲ ପିଲାମାନଙ୍କୁ ନେଇ ଯାଉଥିବା ବସ୍ ତଥା ଚାରିଚକିଆ ଯାନ ସମେତ ଅନ୍ୟ ଯାନବାହାନର ଗତିବିଧିକୁ ପ୍ରଭାବିତ କରିବ ନାହିଁ। ଏପରି ଯାନବାହାନ ପାଇଁ ବିକଳ୍ପ ରାସ୍ତା ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। କାର୍ଯ୍ୟକ୍ରମ ସମୟରେ ରାସ୍ତାରେ ଜନସାଧାରଣଙ୍କୁ ସର୍ବନିମ୍ନ ଅସୁବିଧା ସୁନିଶ୍ଚିତ କରାଯିବ ବୋଲି ଏଆଇ ସମ୍ମିଳନୀ ଟ୍ରାଫିକ୍ ବ୍ୟବସ୍ଥା ଯୋଜନାର ଦାୟିତ୍ୱରେ ଥିବା ଅତିରିକ୍ତ ପୁଲିସ କମିସନର (ଟ୍ରାଫିକ୍) ଦିନେଶ କୁମାର ଗୁପ୍ତା କହିଛନ୍ତି। ଭାରତ ମଣ୍ଡପମ୍ ,ପ୍ରଗତି ମୈଦାନ ନିକଟବର୍ତ୍ତୀ ଶିଖର ସମ୍ମିଳନୀ ସ୍ଥଳ ଓ ଏହାର ଆଖପାଖ ଅଞ୍ଚଳଗୁଡ଼ିକୁ ଦୁଇଟି ଟ୍ରାଫିକ୍ ଜୋନ୍, ଜୋନ୍-୧ ଓ ଜୋନ୍-୨ ରେ ବିଭକ୍ତ କରାଯାଇଛି। ଚାରୋଟି ଟ୍ରାଫିକ୍ ସେକ୍ଟରକୁ ଏ, ବି, ସି ଏବଂ ଡି ଭାବରେ ଲେବଲ୍ କରାଯାଇଛି।

# ବାଂଲାଦେଶରେ ରାଜନୈତିକ ହିଂସା: ୧୧ ମୃତ, ଶତାଧିକ ଆହତ



**ଢାକା:** ବାଂଲାଦେଶରେ ଆଗାମୀ ଜାତୀୟ ନିର୍ବାଚନ ପୂର୍ବରୁ, ସାରା ଦେଶରେ ସୁରକ୍ଷା ପରିସ୍ଥିତି ଅତ୍ୟନ୍ତ ଆହ୍ୱାନମୂଳକ ତଥା ଚିନ୍ତାଜନକ ହୋଇପଡ଼ିଛି। ବାଂଲାଦେଶରେ ବୃଦ୍ଧି ପାଉଥିବା ରାଜନୈତିକ ହିଂସା ସାଧାରଣ ଜନତା ଓ ସୁରକ୍ଷା ଏଜେନ୍ସିଙ୍କ ଉପରେ ଚାପ ପକାଇବା ଆରମ୍ଭ କରିଛି। ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ ନିର୍ବାଚନ ପୂର୍ବରୁ ଅଶାନ୍ତି ଯଥେଷ୍ଟ ବୃଦ୍ଧି ପାଇଛି। ମାନବାଧିକାର ସଂଗଠନଗୁଡ଼ିକ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ବଢୁଥିବା ଛକାପଞ୍ଝା ସ୍ଥିତି ସମ୍ପର୍କରେ ଚେତାବନୀ ଦେଇଛନ୍ତି।ସମସ୍ତଙ୍କୁ ଶାନ୍ତି ବଜାୟ ରଖିବା ପାଇଁ ଅପିଲ୍ କରାଯାଇଛି।

ଢାକାସ୍ଥିତ ମାନବାଧିକାର ସଂଗଠନ ଆଇନ୍ ଓ ସାଲିଶ୍ କେନ୍ଦ୍ରର ଏକ ସାମ୍ପ୍ରତିକ ରିପୋର୍ଟ ଦେଶର ବିପର୍ଯ୍ୟସ୍ତ ସୁରକ୍ଷା ପରିସ୍ଥିତିର ପର୍ଦ୍ଦାଫାସ୍ କରିଛି। ରିପୋର୍ଟ ଅନୁଯାୟୀ, ଜାନୁଆରି ମାସରେ ଦେଶର ବିଭିନ୍ନ ସ୍ଥାନରେ ୭୫ ପ୍ରମୁଖ ରାଜନୈତିକ ହିଂସା ଘଟଣା ରିପୋର୍ଟ ହୋଇଛି। ଏହି ହିଂସାତ୍ମକ ଘଟଣାରେ ଏପର୍ଯ୍ୟନ୍ତ ୧୧ ଜଣଙ୍କ ଜୀବନ ଯାଇଛି। ଏସବୁ ଘଟଣାରେ ୬୧୬ ଜଣ ଗୁରୁତର ଆହତ ହୋଇଛନ୍ତି। ଜାନୁଆରି ମାସରେ ହିଂସା ଡିସେମ୍ବର ୨୦୨୫ ତୁଳନାରେ ପ୍ରାୟ ଚାରିଗୁଣ ବୃଦ୍ଧି ପାଇଛି। ଡିସେମ୍ବରରେ କେବଳ ୧୮ ଘଟଣା ଘଟିଥିଲା। ସେଥିରେ ଚାରି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୬୮ ଆହତ ହୋଇଥିଲେ। ଏହାସୂଚାଇ ଦେଉଛି ଯେ, ନିର୍ବାଚନ ତାରିଖ ପାଖେଇ ଆସିବା ସହିତ ଉତ୍ତେଜନା ବୃଦ୍ଧି ପାଉଛି।

# ଶପଥ ନେଲେ ୟୁମନାମ ଖେମଚାନ୍ଦ ସିଂହ



**ଇମ୍ଫାଲ:** ମଣିପୁରର ମୁଖ୍ୟମନ୍ତ୍ରୀ ଭାବେ ୟୁମନାମ ଖେମଚାନ୍ଦ ସିଂହ ଶପଥ ଗ୍ରହଣ କରିଛନ୍ତି। ବୁଧବାର ରାଜ୍ୟପାଳ ଭଲ୍ଲା ତାଙ୍କୁ ଲୋକ ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଇମ୍ଫାଲ ସ୍ଥିତ ଲୋକ ଭବନରେ ଆୟୋଜିତ ଶପଥ ପାଠ ଉତ୍ସବରେ ଏକାଧିକ ବିଜେପି ବିଧାୟକ, ଦଳର ବରିଷ୍ଠ ନେତା ଓ ମଣିପୁର ଏନଡିଏର ପ୍ରମୁଖ ନେତାମାନେ ଉପସ୍ଥିତ ରହିଥିଲେ। ଦୀର୍ଘ ଗୋଟିଏ ବର୍ଷ ପରେ ମଣିପୁରକୁ ମିଳିଛନ୍ତି ନୂଆ ମୁଖ୍ୟମନ୍ତ୍ରୀ। ବିଜେପି ନେତା ତଥା ମଣିପୁର ବିଧାନସଭାର ବିଧାୟକ ଦଳ ନେତା ୟୁମନାମ ଖେମଚାନ୍ଦ ସିଂହ ଆଜି ରାଜ୍ୟର ୧୩ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି।ବୁଧବାର ରାଜ୍ୟପାଳ ଭଲ୍ଲା ତାଙ୍କୁ ଲୋକ ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଇମ୍ଫାଲ ସ୍ଥିତ ଲୋକ ଭବନରେ ଆୟୋଜିତ ଶପଥ ପାଠ ଉତ୍ସବରେ ଏକାଧିକ ବିଜେପି ବିଧାୟକ, ଦଳର ବରିଷ୍ଠ ନେତା ଓ ମଣିପୁର ଏନଡିଏର ପ୍ରମୁଖ ନେତାମାନେ ଉପସ୍ଥିତ ରହିଥିଲେ।

# ବନ୍ଦେ ଭାରତ ସ୍ଲିପର୍ ଟ୍ରେନ ସେଟର ୨୬୦ଟି ରେକ୍ ଉତ୍ପାଦନ ପାଇଁ ଯୋଜନା

**ନୂଆଦିଲ୍ଲୀ:** ବନ୍ଦେ ଭାରତ ସ୍ଲିପର୍ ପରି ନୂତନ ରୋଲିଂ ଷ୍ଟକର ଉନ୍ନୟନ ପ୍ରକ୍ରିୟା ପାଇଁ ପ୍ରଯୁକ୍ତିଗତ ନବୀନତା, ରଣନୀତିଗତ ଯୋଜନା ଏବଂ ଉତ୍ପାଦନକୁ ଏକତ୍ର କରି ଏକ ସମଗ୍ର ଆଭିଗମ ଆବଶ୍ୟକ, ଯାହା ଯାତ୍ରାକୁ ସୁରକ୍ଷିତ, ବିଶ୍ୱସନୀୟ ଏବଂ ସୁବିଧାଜନକ କରିଥାଏ । ଏଥିରେ ପ୍ରଟୋଟାଇପ୍ ବିକାଶ, ବ୍ୟାପକ ପରୀକ୍ଷା ଓ ଟ୍ରାୟାଲ୍ ପରେ ଶ୍ରେଣୀବଦ୍ଧ ଉତ୍ପାଦନ ସାମିଲ ଅଛି ।


ବନ୍ଦେ ଭାରତ ସ୍ଲିପର୍ ଟ୍ରେନସେଟ୍ ଉତ୍ପାଦନ କାର୍ଯ୍ୟକ୍ରମ ପ୍ରଟୋଟାଇପ୍ ବିକାଶ, ପରୀକ୍ଷା ଓ ଶ୍ରେଣୀବଦ୍ଧ ଉତ୍ପାଦନ ମାଧ୍ୟମରେ ପର୍ଯ୍ୟାୟକ୍ରମେ ବିଇଏମଏଲ ଓ ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରି, ଚେନ୍ନାଇ ଏବଂ ପ୍ରଯୁକ୍ତି ସହଯୋଗୀମାନଙ୍କ ଦ୍ୱାରା କାର୍ଯ୍ୟାନ୍ୱିତ କରାଯାଉଛି ।

ଏହି ଟ୍ରେନସେଟଗୁଡ଼ିକୁ ସାଧାରଣ ଯାତ୍ରୀ ସେବାରେ ସାମିଲ କରିବା କାମ ଚାହିଦା ଓ ପରିଚାଳନା ତତ୍ପରତା ଅନୁଯାୟୀ ପର୍ଯ୍ୟାୟକ୍ରମେ କରାଯିବ । ମୋଟ ୨୬୦ଟି ବନ୍ଦେ ଭାରତ ସ୍ଲିପର୍ ଟ୍ରେନସେଟ୍ ରେକ୍ ଉତ୍ପାଦନ କରିବା ପାଇଁ ଯୋଜନା କରାଯାଇଛି । ଯାତ୍ରୀମାନଙ୍କର ଯାତ୍ରା ଅନୁଭୂତିକୁ ଉନ୍ନତ କରିବା ଏବଂ ସୁରକ୍ଷିତ ଓ ସୁବିଧାଜନକ ଯାତ୍ରାରେ ନୂଆ ମାନଦଣ୍ଡ ସ୍ଥାପନ କରିବା ଉଦ୍ଦେଶ୍ୟରେ, ଏହି ଟ୍ରେନସେଟଗୁଡ଼ିକୁ ଆଧୁନିକ କୋଚ୍ ସହିତ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ ଏବଂ ଯାତ୍ରୀ ସୁବିଧା ସାମଗ୍ରୀ ପ୍ରଦାନ କରାଯାଇଛି ।,



ପ୍ରତ୍ୟେକ କୋଚର ଶେଷ ଭାଗରେ ଅଗ୍ନି-ନିରୋଧକ ଦ୍ୱାର, ଅଗ୍ନି ସୁରକ୍ଷା ମାନଦଣ୍ଡ ପାଳନ ପାଇଁ ବ୍ୟବସ୍ଥା ରହିବ । ଏୟାର କଣ୍ଡିସନିଂୟୁନିଟରେ ଦେଶୀୟଭାବେ ବିକାଶିତୟୁଭି-ସ ଲ୍ୟାମ୍ପ ଆଧାରିତ ଡିସଇନଫେକ୍ସନ୍ କୌଶଳ ଲାଗୁ କରାଯିବ । ଦିବ୍ୟାଙ୍ଗଜନ ଯାତ୍ରୀମାନଙ୍କ ପାଇଁ, ଦୁଇ ପାର୍ଶ୍ୱର ଡ୍ରାଇଭିଂ କୋଚରେ ବିଶେଷ ଶୌଚାଳୟ ରହିବ । ଏହି ସୂଚନା ଆଜି ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକେଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି ।

# ସମୁଦ୍ରରେ ଭାସି ଯାଉଥିବା ମା’ ଓ ଭାଇ ଭଉଣୀଙ୍କୁ ବଞ୍ଚାଇଲେ ୧୩ ବର୍ଷ ବାଳକ



ସିଡନୀ: ଅଷ୍ଟ୍ରେଲିଆର ଜଣେ ୧୩ ବର୍ଷ ବାଳକଙ୍କ ସାହସ ଓ ଦୃଢ଼ ଇଚ୍ଛାଶକ୍ତି ନିକଟରେ ହାର୍ ମାନିଛି ସମସ୍ତ ପ୍ରତିକୂଳ ପରିସ୍ଥିତି। ଶେଷରେ ସମୁଦ୍ରର ବଡ଼ ବଡ଼ ଲହଡ଼ିକୁ ଭୟ ନ କରି ୪ ଘଣ୍ଟା ଧରି ପହଁରି ପହଁରି ନିଜ ପରିବାରକୁ ମୃତ୍ୟୁ ମୁଖରୁ ବଞ୍ଚାଇ ପାରିଛନ୍ତି ଅଷ୍ଟିନ୍ ଆପେଲବି। ଅଷ୍ଟିନ ଶୁକ୍ରବାର ନିଜ ପରିବାର ସହିତ ଛୁଟି କାଟିବାକୁ ପର୍ଥରୁ ପଶ୍ଚିମ ଅଷ୍ଟ୍ରେଲିଆର କ୍ୱିଣ୍ଡାଲପରେ ଯାଇଥିଲେ। ସେଠାରେ ରହୁଥିବା ହୋଟେଲରୁ କାୟାକ୍ ଏବଂ ପ୍ୟାଡେଲ୍ ବୋର୍ଡ ଭଡ଼ାରେ ନେଇ ସମୁଦ୍ରକୁ ଯାଇଥିଲେ। କିନ୍ତୁ ପବନ ଅଧିକ ହେଉଥିବାରୁ ଅଷ୍ଟିନ, ତାଙ୍କ ମାଆ ଏବଂ ଦୁଇ ସାନ ଭାଇଭଉଣୀ ସମୁଦ୍ରର ବହୁ ଭିତରକୁ ଚାଲି ଯାଇଥିଲେ। ଗଭୀର ସମୁଦ୍ରରେ ଅଷ୍ଟିନ ଓ ତାଙ୍କ ପରିବାର ଫସି ଯାଇଥିବାବେଳେ ସମୁଦ୍ର କୂଳକୁ ଫେରି ପାରିନଥିଲେ। ଶେଷରେ ସମୁଦ୍ରରେ ଫସି ରହିଥିବା ନିଜ ପରିବାରକୁ ଉଦ୍ଧାର କରିବାକୁ ଅଷ୍ଟିନଙ୍କୁ ଏକାକୀ ସଂଘର୍ଷ କରିବାକୁ ପଡ଼ିଥିଲା। ସହାୟତା ମାଗିବାକୁ ଅଷ୍ଟିନ ତାଙ୍କ କାୟାକରେ ଯାତ୍ରା ଆରମ୍ଭ କରିଥିଲେ। କିନ୍ତୁ କାୟାକରେ ପାଣି ଭରି ଯିବାରୁ ସେ ପିନ୍ଧିଥିବା ଲାଇଫ୍ ଜ୍ୟାକେଟ୍କୁ ଫିଙ୍ଗି ଦେଇ ପହଁରି ପହଁରି ସମୁଦ୍ର କୂଳକୁ ଯିବାକୁ ଚିନ୍ତା କରିଥିଲେ। ପଶ୍ଚିମ ଅଷ୍ଟ୍ରେଲିଆର ଅଶାନ୍ତ ଜଳରାଶିରେ ପ୍ରାୟ ଚାରି ଘଣ୍ଟା ଧରି ପହଁରି ସନ୍ଧ୍ୟା ପ୍ରାୟ ୬ଟାରେ ଉପକୂଳରେ ପହଞ୍ଚିଥିଲେ।

# କାଳ ହେଲା ମୋବାଇଲ ନିଶା: ଜୀବନ ହାରିଲେ ୩ ଭଉଣୀ

**ଗାଜିଆବାଦ:** ଉତ୍ତରପ୍ରଦେଶର ଗାଜିଆବାଦରେ ଏକ ଅଭାବନୀୟ ଘଟଣା ଘଟିଛି। ପିତାମାତା ସେମାନଙ୍କ ଗେମିଂ ନିଶାକୁ ବିରୋଧ କରିବା ଓ ମୋବାଇଲ ଫୋନ୍ ଛଡ଼ାଇ ନେବା ପରେ ତିନି ନାବାଳିକା ଭଉଣୀ ସେମାନଙ୍କ ଆପାର୍ଟମେଣ୍ଟ ବିଲ୍ଡିଂର ନବମ ମହଲାରୁ ଡେଇଁପଡ଼ିଥିଲେ। ଆତ୍ମହତ୍ୟା ପୂର୍ବରୁ, ସେମାନେ ଏକ ପକେଟ୍ ଡାଏରିରେ ଏକ ଆଠ ପୃଷ୍ଠାର ନୋଟ୍ ଛାଡିଥିଲେ, ଯେଉଁଥିରେ ସେମାନେ ପିତାମାତାଙ୍କୁ କ୍ଷମା ମାଗିବା ସହ ସେମାନଙ୍କ ଖେଳ କାର୍ଯ୍ୟକଳାପ ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ। ‘ଦୁଃଖିତ, ବାପା! ମୁଁ ଭାରି ଏକୁଟିଆ ଅନୁଭବ କରୁଛି...’ ଉତ୍ତରପ୍ରଦେଶ ଗାଜିଆବାଦରେ ଥିବା ନିଜ ଆବାସିକ କୋଠାର ନବମ ମହଲାରୁ ଡେଇଁ ଆତ୍ମହତ୍ୟା କରିଥିବା ତିନି ଭଉଣୀଙ୍କର ଏହା ଥିଲା ଶେଷ ଶବ୍ଦ। ବୁଧବାର ରାତି ପ୍ରାୟ ୨ଟା ସମୟରେ ଏହି ଘଟଣା ଘଟିଥିଲା। ପ୍ରଥମେ ବିଶ୍ୱାସ କରାଯାଉଥିଲା ଯେ ୧୨, ୧୪ ଓ ୧୬ ବର୍ଷ ବୟସର ତିନି ଭଉଣୀଙ୍କ ଆତ୍ମହତ୍ୟା ଏପର୍ଯ୍ୟନ୍ତ ଚିହ୍ନଟ ହୋଇ ନ ଥିବା ଟାସ୍କ-ଆଧାରିତ କୋରିଆନ୍ ଅନଲାଇନ୍ ଗେମିଂ ଆପ୍ ସହିତ ଜଡିତ ଥିଲା, ଯେଉଁଥିରେ ଝିଅମାନେ ଆସକ୍ତ ଥିଲେ। କିନ୍ତୁ, ପୁଲିସ କହିଛି, ପୀଡିତାମାନେ ସେମାନଙ୍କ ଡାଏରିରେ



କୋରିଆ ସଂସ୍କୃତି ପ୍ରତି ସେମାନଙ୍କ ପ୍ରେମ ପ୍ରକାଶ କରିଛନ୍ତି। ସେମାନଙ୍କଠାରୁ ମୋବାଇଲ ଫୋନ୍ ଛଡ଼ାଇ ନିଆଯିବା ପରେ ନିରାଶ ହୋଇ ସେମାନେ ଏପରି ଚରମ ପଦକ୍ଷେପ ନେଇଛନ୍ତି।

ଝିଅଟିର ବାପା ଚେତନ କୁମାର ଦୁଇଥର ବିବାହ କରିଛନ୍ତି ଏବଂ ତାଙ୍କର ତିନି ଝିଅଙ୍କ ସମେତ ପାଞ୍ଚଟି ସନ୍ତାନ ଅଛନ୍ତି। ପୀଡିତାଙ୍କ ମଧ୍ୟରୁ ଦୁଇଜଣ ତାଙ୍କ ଦ୍ୱିତୀୟ ପତ୍ନୀଙ୍କ ଝିଅ ଥିବାବେଳେ ଜଣେ ତାଙ୍କର ପ୍ରଥମ ବିବାହର ଝିଅ ଥିଲେ। ଝିଅମାନେ ସେମାନଙ୍କ ଡାଏରୀରେ ଲେଖିଛନ୍ତି ଯେ, ସେମାନେ କୋରିଆ ସଂସ୍କୃତିକୁ ଭଲ ପାଆନ୍ତି ଏବଂ ସେମାନଙ୍କର ପସନ୍ଦ ବିଷୟରେ ଉଲ୍ଲେଖ କରିଛନ୍ତି, ଯେପରିକି କେ-ପପ୍ ସଂସ୍କୃତି, କୋରିଆ ଚଳଚ୍ଚିତ୍ର, କୋରିଆ ସଙ୍ଗୀତ, କୋରିଆ କ୍ଷୁଦ୍ର ଚଳଚ୍ଚିତ୍ର, କୋରିଆ ସୋ ଓ କୋରିଆ ସିରିଜ୍। ଝିଅମାନେ ହିନ୍ଦୀ-ଇଂଲିସର ମିଶ୍ରିତ ଭାଷାରେ ଲେଖିଥିବା ଚିଠି ସେମାନଙ୍କ ପିତାମାତାଙ୍କୁ ସମ୍ପୂର୍ଣ୍ଣ ପଢିବାକୁ ଅନୁରୋଧ କରିଥିଲେ। ଡାଏରିରେ ଯାହା ଲେଖାଯାଇଛି, ତାହା ସତ୍ୟ ବୋଲି ସେମାନେ କହିଛନ୍ତି। ‘ଇସ୍ ଡାଏରି ମେ ଜୋ କୁଛ ଭି ଲିଖା ହୈ ଓ ସବ୍ ପଢ଼ ଲୋ କ୍ୟୁଁ କି ୟେ ସବ୍ ସଚ୍ ହୈ।’ ‘ବର୍ତ୍ତମାନ ପଢ଼ନ୍ତୁ! ମୁଁ ବାସ୍ତବରେ କ୍ଷମା ଚାହୁଛି। କ୍ଷମା କରିବେ, ବାପା’ ବୋଲି ନୋଟରେ ଲେଖାଯାଇଛି। ଏହା ପରେ ଏକ ବଡ କାନ୍ଦୁଥିବା ଇମୋଜି ଆସିଥିଲା।

ପ୍ରାରମ୍ଭିକ ଅନୁସନ୍ଧାନରୁ ଜଣାପଡିଛି ଯେ, ପୀଡିତାମାନେ ମୋବାଇଲ୍ ଫୋନରେ ଯଥେଷ୍ଟ ସମୟ ଅତିବାହିତ କରୁଥିଲେ ଏବଂ ତଥାକଥିତ କୋରିଆ ଗେମିଂ ଆପ୍ରେ ଆସକ୍ତ ଥିବା ଅଭିଯୋଗ ହୋଇଥିଲା। ପରେ, ପୁଲିସ ସୂତ୍ର କୋରିଆ ଗେମିଂ ଆପ୍ ଆଙ୍ଗେଲକୁ ଏଡ଼ାଇ ଦେଇଥିଲା। ପରିବାରର ଫ୍ଲାଟ୍ରେ ଚଢ଼ାଉ କରିବା ସମୟରେ ପୁଲିସ ନାବାଳିକାଙ୍କ ପିତାମାତାଙ୍କୁ ସମ୍ବୋଧନ କରି ଏକ ପୃଷ୍ଠାର ସୁଇସାଇଡ୍ ନୋଟ୍ ଜବତ କରିଛି। ତଦନ୍ତର ଏକ ଅଂଶ ଭାବରେ ପୁଲିସ ଏହି ନୋଟ୍କୁ ଜବତ କରିଛି। ଏହି ଘଟଣା ପରେ ପୀଡିତାଙ୍କ କୋଠରିର ଚଟାଣରେ ବିକ୍ଷିପ୍ତ ହୋଇ ପଡ଼ିଥିବା ପରିବାର ସଦସ୍ୟଙ୍କ ଫଟୋ ମଧ୍ୟ ପୁଲିସ ପାଇଥିଲା। କୋଠା ଭିତରର କାନ୍ଥରେ ଲେଖା ମିଳିଥିଲା, ଯେଉଁଥିରେ ଜଣେ ଭଉଣୀ ଲେଖିଥିଲା, “ମୁଁ ବହୁତ ଏକୁଟିଆ ଅଛି। ମୋ ଜୀବନ ବହୁତ ଏକାକୀ ଅଛି।”

# ନେପାଳରେ ବିବାଦୀୟ ସୋସିଆଲ ମିଡିଆ ବିଲ୍ ପ୍ରତ୍ୟାହାର




**କାଠମାଣ୍ଡୁ:** ନେପାଳର ମଧ୍ୟବର୍ତ୍ତୀକାଳୀନ ସରକାର ଅଭିବ୍ୟକ୍ତିର ସ୍ୱାଧୀନତାକୁ ସୁରକ୍ଷା ଦେବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ସରକାର ସଂସଦରେ ବିଚାରାଧୀନ ବିବାଦୀୟ ସୋସିଆଲ ମିଡିଆ ବିଲ୍ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯାହା ଦେଶରେ ବ୍ୟାପକ ଜନଆକ୍ରୋଶ ସୃଷ୍ଟି କରିଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କ ନେତୃତ୍ୱରେ ସରକାର ଏହି ବିଲ୍ ଆଗତ କରିଥିଲେ। ଯୁବପିଢ଼ି ଓ ନାଗରିକ ସମାଜ ଏହାକୁ କଡ଼ା ବିରୋଧ କରିଥିଲେ। ଏବେ ଜନଭାବନା ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ଦେଇ, ସରକାର ଏହି ଆଇନକୁ ସମ୍ପୂର୍ଣ୍ଣ ଭାବରେ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ନେପାଳ ସାମ୍ବାଦିକ ମହାସଂଘ ଓ ଅନ୍ୟାନ୍ୟ ଡିଜିଟାଲ୍ ଅଧିକାର ଗୋଷ୍ଠୀ ଏହି ବିଲ୍କୁ ସମାଲୋଚନା କରିଥିଲେ। ଏହାର ବ୍ୟବସ୍ଥାଗୁଡ଼ିକୁ ଗଣତାନ୍ତ୍ରିକ ଢାଞ୍ଚା ବିରୋଧରେ ବୋଲି କହିଥିଲେ। ସେମାନେ ଯୁକ୍ତି ଦେଇଥିଲେ ଯେ, ଏହାଦ୍ୱାରା ସାମାଜିକ ଗଣମାଧ୍ୟମର ଅପବ୍ୟବହାର ନାମରେ ସାଧାରଣ ନାଗରିକ ଓ ସାମ୍ବାଦିକମାନଙ୍କୁ ସହଜରେ ଟାର୍ଗେଟ କରାଯାଇପାରିବ। ବ୍ୟାପକ ସମାଲୋଚନା ଓ ଜନସାଧାରଣଙ୍କ ଚାପ ଶେଷରେ ମଧ୍ୟବର୍ତ୍ତୀକାଳୀନ ସରକାର ବିବାଦୀୟ ଆଇନ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଛନ୍ତି।ନେପାଳର ଗୃହମନ୍ତ୍ରୀ ତଥା ସରକାରୀ ମୁଖପାତ୍ର ଓମ୍ ପ୍ରକାଶ ଆର୍ଯ୍ୟାଲ ଆନୁଷ୍ଠାନିକ ଭାବରେ ଘୋଷଣା କରିଛନ୍ତି, କ୍ୟାବିନେଟ ସୋସିଆଲ ମିଡିଆ ବିଲ୍ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି। ଏହି ବିଲ୍ ଦୀର୍ଘ ସମୟ ଧରି ସଂସଦର ଉଚ୍ଚ ସଦନରେ ପଡ଼ି ରହିଥିଲା । ଏଥିରେ ଅଭିବ୍ୟକ୍ତିର ସ୍ୱାଧୀନତାକୁ ପ୍ରତିବନ୍ଧିତ କରୁଥିବା ଅନେକ କଠୋର ବ୍ୟବସ୍ଥା ଥିଲା। ସରକାର ହୃଦୟଙ୍ଗମ କରିଛନ୍ତି ଯେ, ପୁରୁଣା ନିୟମାବଳୀ ସଂଶୋଧନ କରିବା ପରିବର୍ତ୍ତେ ବିଲ୍ ଉପରେ ପୁନର୍ବିଚାର କରିବା ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଜରୁରୀ।

# ଟି-୨୦ ବିଶ୍ୱକପ ୯ ସଂସ୍କରଣରେ ଆୟୋଜକ ଜିତି ନାହାନ୍ତି ଟ୍ରଫି

ନୂଆଦିଲ୍ଲୀ,୪।୨(ଏଜେନ୍ସି): ଆଉ ଦିନ କେଇଟାର ଅପେକ୍ଷା ପରେ ଟି-୨୦ ବିଶ୍ୱକପ୍ ବିଗୁଲ ବାଜିବାକୁ ଯାଉଛି। ଇତିମଧ୍ୟରେ ୯ଟି ସଂସ୍କରଣ ସରିଛି। ଇତିହାସ ପୃଷ୍ଠାରେ ଟି-୨୦ ବିଶ୍ୱକପ ପରିସଂଖ୍ୟାନ ଭିନ୍ନ କହୁଛି। ଏପର୍ଯ୍ୟନ୍ତ ଖେଳାଯାଇଥିବା ବିଶ୍ୱକପ ସଂସ୍କରଣ ଗୁଡ଼ିକରେ କୌଣସି ଆୟୋଜକ ରାଷ୍ଟ୍ର ଚାମ୍ପିଅନ ହୋଇନାହାନ୍ତି। ଏହାର ଅର୍ଥ ଚଳିତ ବର୍ଷ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଟି-୨୦ ବିଶ୍ୱକପ ଆୟୋଜନ କରିବାକୁ ଯାଉଛନ୍ତି। ଯଦି ପରିସଂଖ୍ୟାନକୁ ଦେଖିବା ତେବେ ଏଥର ମଧ୍ୟ ଭାରତ କିମ୍ବା ଶ୍ରୀଲଙ୍କା ଟି-୨୦ ବିଶ୍ୱକପ ଜିତିପାରିବେ ନାହିଁ। କିନ୍ତୁ ବର୍ତ୍ତମାନ ସମୟରେ ଭାରତୀୟ ଦଳ ଟି-୨୦ ଫର୍ମାଟରେ ସୁପର ଫର୍ମରେ ଅଛି। ତେଣୁ ଭାରତ ନିକଟରେ ଟି-୨୦ ବିଶ୍ୱକପ ଇତିହାସର ସବୁ ଅଲୋଡ଼ା ରେକର୍ଡକୁ ପଛରେ ପକାଇ ଟ୍ରଫି ଟେକି ଧରିବାର ସୁବର୍ଣ୍ଣ ସୁଯୋଗ ରହିଛି। ଭାରତ, ୱେଷ୍ଟଇଣ୍ଡିଜ୍, ଇଂଲଣ୍ଡ ଦୁଇଥର ଲେଖାଏଁ ବିଶ୍ୱକପ ଜିତିଥିବା ବେଳେ ପାକିସ୍ତାନ, ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ଥରେ ଲେଖାଏଁ ଚାମ୍ପିଅନ ହୋଇଛନ୍ତି।



୨୦୦୭ରେ ଟି-୨୦ ବିଶ୍ୱକପ ଆରମ୍ଭ ହୋଇଥିଲା। କ୍ୟାପଟେନକୁଲ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଭାରତୀୟ ଦଳ ପ୍ରଥମ ସଂସ୍କରଣ ବିଜେତା ହୋଇଥିଲା। ଦ.ଆଫ୍ରିକାର ଜୋହାନ୍ସବର୍ଗର ୱାଣ୍ଡରର୍ସ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଭାରତୀୟ ଦଳ ୫ ରନରେ ପାକିସ୍ତାନକୁ ହରାଇ ଚାମ୍ପିଅନ ହୋଇଥିଲା। ଏହାପରେ ଦଳକୁ ୧୭ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା। ୨୦୨୪ରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆ ବାରବାଡୋସ ସ୍ଥିତ କେନ୍ସିଂଟନ ଓଭାଲ ଷ୍ଟାଡିୟମରେ ଦ.ଆଫ୍ରିକାକୁ ୭ ରନରେ ପରାଜିତ କରି ଦ୍ୱିତୀୟଥର ଚାମ୍ପିଅନ ହୋଇଥିଲା। ଡିଫେଣ୍ଡିଂ ଚାମ୍ପିଅନ ଭାବେ ଚଳିତ ଟି-୨୦ ବିଶ୍ୱକପ ଆରମ୍ଭ କରିବାକୁ ଯାଉଛି।

୨୦୦୭ରେ ଦ.ଆଫ୍ରିକାରେ ଟି-୨୦ ବିଶ୍ୱକପର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହୋଇଥିଲା। ୨୦୦୯ରେ ଇଂଲଣ୍ଡ, ୨୦୧୦ରେ ୱେଷ୍ଟଇଣ୍ଡିଜ୍ ୨୦୧୨ରେ ଶ୍ରୀଲଙ୍କା, ୨୦୧୪ରେ ବାଂଲାଦେଶ, ୨୦୧୬ରେ ଭାରତ, ୨୦୨୧ରେ ୟୁଏଇ ଓ ଓମାନ, ୨୦୨୨ରେ ଅଷ୍ଟ୍ରେଲିଆ ଏବଂ ୨୦୨୪ରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ବିଶ୍ୱକପ ଆୟୋଜିତ ହୋଇଥିଲା। ଏଥର ୨୦୨୬ ସଂସ୍କରଣ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବ।

**୨୦୦୭ ଟି-୨୦ ବିଶ୍ୱକପ**
**ଚାମ୍ପିଅନ-ଭାରତ**
**ରନର୍ସ ଅପ୍-ପାକିସ୍ତାନ**
**ଆୟୋଜକ-ଦ.ଆଫ୍ରିକା**

ବିଶ୍ୱକପର ପ୍ରଥମ ସଂସ୍କରଣରେ ଭାରତ ୫ ରନ ବ୍ୟବଧାନରେ ପାକିସ୍ତାନକୁ ହରାଇ ଚାମ୍ପିଅନ ହୋଇଥିଲା। ବିଶ୍ୱକପର ଫାଇନାଲ ମ୍ୟାଚ ୱାଣ୍ଡରର୍ସରେ ଖେଳାଯାଇଥିଲା। ଏହି ଫାଇନାଲ ବିଶ୍ୱକପ ଇତିହାସର ଏକ ସ୍ମରଣୀୟ ତଥା ଚିତ୍ତାକର୍ଷକ ମ୍ୟାଚ ହୋଇରହିଛି। କାରଣ ଶେଷ ୪ ବଲରୁ ପାକିସ୍ତାନକୁ ଜିତିବା ପାଇଁ ୬ ରନର ଆବଶ୍ୟକତା ଥିଲା। ମିସବା ଉଲ୍ ହକ ସଟଫାଇନଲେଗ ଅଞ୍ଚଳରେ ଯୋଗୀନ୍ଦର ଶର୍ମାଙ୍କ ବଲକୁ ଏକ ବିପଦପୂର୍ଣ୍ଣ ସଟ (ସ୍କୁପ) ଖେଳିଥିଲେ। ଶ୍ରୀସନ୍ଥ ଏହାକୁ ସୁନ୍ଦର ଭାବେ କ୍ୟାଚ ନେଇ ପାକିସ୍ତାନର ପରାଜୟ ନିଶ୍ଚିତ କରିଥିଲେ। ମ୍ୟାଚ ପରେ ଧୋନୀ କହିଥିଲେ ଏହା ମୋ ଖେଳ ଜୀବନର ସବୁଠୁ ବଡ଼ ଉପହାର। ଯାହା ସାରା ଜୀବନ ମନେ ରହିବ।




**୨୦୦୯ ଟି-୨୦ ବିଶ୍ୱକପ**
**ଚାମ୍ପିଅନ-ପାକିସ୍ତାନ**
**ରନର୍ସ ଅପ୍ - ଶ୍ରୀଲଙ୍କା**
**ଆୟୋଜକ- ଇଂଲଣ୍ଡ**

ଅଳ୍ପକେ ୨୦୦୭ ବିଶ୍ୱକପ ଟ୍ରଫି ହାତଛଡ଼ା କରିଥିବା ପାକିସ୍ତାନ ୨୦୦୯ରେ ଟ୍ରଫି ଟେକିଧରିବାକୁ ସକ୍ଷମ ହୋଇଥିଲା। ଲର୍ଡ୍ସ କ୍ରିକେଟ୍ ଷ୍ଟାଡିୟମରେ ଶ୍ରୀଲଙ୍କାକୁ ଧରାଶାୟୀ କରି ପାକିସ୍ତାନ ଚାମ୍ପିଅନ ହୋଇଥିଲା। ଅବଦୁଲ ରଜାକଙ୍କ ୩ ୱିକେଟ୍ ସଫଳତା ଯୋଗୁଁ ଶ୍ରୀଲଙ୍କା ୨୦ ଓଭରରେ ୬ ୱିକେଟ୍ ହରାଇ ୧୩୮ ରନ୍ କରିବାକୁ ସକ୍ଷମ ହୋଇଥିଲା। ପାକିସ୍ତାନର ସହିଦ ଆଫ୍ରିଦୀ ୫୪ ରନର ବିସ୍ଫୋରକ ଇନିଂସ ଖେଳି ୧୯ ଓଭରରେ ଦଳକୁ ବିଜୟୀ କରିଥିଲେ। ୟୁନିସ ଖାନ୍ ପାକିସ୍ତାନର ନେତୃତ୍ୱ ନେଇଥିଲେ। ଲର୍ଡ୍ସରେ ଉପସ୍ଥିତ ୩୦,୦୦୦ରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ଗ୍ରହଣରେ ପାକିସ୍ତାନ ଟ୍ରଫି ଟେକି ଧରିଥିଲା।

**୨୦୧୦ ଟି-୨୦ ବିଶ୍ୱକପ**
**ଚାମ୍ପିଅନ-ଇଂଲଣ୍ଡ**
**ରନର୍ସ ଅପ୍-ଅଷ୍ଟ୍ରେଲିଆ**
**ଆୟୋଜକ-ଇଣ୍ଡିଜ୍**

୨୦୦୯ ସଂସ୍କରଣର ଆୟୋଜକ ଇଂଲଣ୍ଡ ଏଥର ୱେଷ୍ଟଇଣ୍ଡିଜରେ ଚାମ୍ପିଅନ ହୋଇଥିଲା। ଫାଇନାଲରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ମାତ ଦେଇଥିଲା ଇଂଲଣ୍ଡ। ପଲ କଲିଂଉଡସଙ୍କ ଅଧିନାୟକତ୍ୱରେ ଇଂଲଣ୍ଡ ଆଇସିସି ଟ୍ରଫି ଜିତିବାର ସୌଭାଗ୍ୟ ଅର୍ଜନ କରିଥିଲା। ଫାଇନାଲରେ ଅଷ୍ଟ୍ରେଲିଆ ୨୦ ଓଭରରେ ୬ ୱିକେଟ୍ ହରାଇ ୧୪୭ ରନ୍ କରିଥିଲା। ଜବାବରେ ଇଂଲଣ୍ଡ କ୍ରେଗ୍ କୁସୱେଟରଙ୍କ ୬୩ ଏବଂ କେଭିନ ପିଟରସନଙ୍କ ୪୭ ରନ ସହାୟତାରେ ବିଜୟଲକ୍ଷ୍ୟକୁ ୧୭ ଓଭରରେ ହାସଲ କରିନେଇଥିଲା।

**୨୦୧୨ ଟି-୨୦ ବିଶ୍ୱକପ**
**ଚାମ୍ପିଅନ-ୱେଷ୍ଟଇଣ୍ଡିଜ୍**
**ରନର୍ସ ଅପ୍-ଶ୍ରୀଲଙ୍କା**



**ଆୟୋଜକ-ଶ୍ରୀଲଙ୍କା**

୨୦୧୨ ସଂସ୍କରଣରେ ୱେଷ୍ଟଇଣ୍ଡିଜ୍ ଚାମ୍ପିଅନ ହୋଇଥିଲା। ୧୯୭୯ ପରେ ଏହା ଇଣ୍ଡିଜର ପ୍ରଥମ ବିଶ୍ୱକପ ଟାଇଟଲ ଥିଲା। ଦୀର୍ଘ ଦଶନ୍ଧର ପ୍ରତୀକ୍ଷାର ଅନ୍ତ ଘଟିଥିଲା। କଲମ୍ବୋରେ ଅନୁଷ୍ଠିତ ଫାଇନାଲରେ ଆୟୋଜକ ଶ୍ରୀଲଙ୍କାକୁ ଧରାଶାୟୀ କରିଥିଲା ଇଣ୍ଡିଜ୍। ଏହି ମ୍ୟାଚରେ ଅଜନ୍ତା ମେଣ୍ଡିସ୍ ୧୨ ରନ ଦେଇ ୪ ୱିକେଟ୍ ନେଇଥିଲେ। ଇଣ୍ଡିଜ୍ ୨୦ ଓଭରରେ ୬ ୱିକେଟ୍ ହରାଇ ୧୩୭ ରନ କରିବାକୁ ସକ୍ଷମ ହୋଇଥିଲା। ସାମୁଏଲ ୫୬ ବଲରୁ ୭୮ ରନର ଇନିଂସ ଖେଳିଥିଲେ। ସୁନୀଲ ନାରିନ ୩ ୱିକେଟ୍ ଓ ଡାରେନ ସାମି ଦୁଇ ୱିକେଟ୍ ଅକ୍ତିଆର କରିବାରୁ ଶ୍ରୀଲଙ୍କା କେବଳ ୧୦୧ ରନରେ ସୀମିତ ରହିଥିଲା। ଇଣ୍ଡିଜ୍ ୩୬ ରନରେ ବିଜୟୀ ହୋଇଥିଲା।

**୨୦୧୪ ଟି-୨୦ ବିଶ୍ୱକପ**
**ଚାମ୍ପିଅନ-ଶ୍ରୀଲଙ୍କା**
**ରନର୍ସ ଅପ୍ -ଭାରତ**
**ଆୟୋଜକ-ବାଂଲାଦେଶ**

୨୦୦୭ ସଂସ୍କରଣର ବିଜେତା ଭାରତ ୨୦୧୪ରେ ସଂସ୍କରଣ ଶ୍ରୀଲଙ୍କା ନିକଟରୁ ପରାଜିତ ହୋଇ ରନର୍ସ ଅପ୍ ହୋଇଥିଲା। ଫାଇନାଲ ମ୍ୟାଚରେ ଭାରତ ୨୦ ଓଭରରେ ୪ ୱିକେଟ୍ ହରାଇ ୧୩୦ ରନ୍ କରିବାକୁ ସକ୍ଷମ ହୋଇଥିଲା। ବିରାଟ କୋହଲି ୫୮ ବଲରୁ ୭୭ ରନର ଇନିଂସ ଖେଳିଥିଲେ। ଏହି ମ୍ୟାଚରେ କୁମାର ସାଙ୍ଗାକାରା ୩୫ ବଲରୁ ୫୨ର ଇନିଂସ ଖେଳି ଢ଼ାକାରେ ଶ୍ରୀଲଙ୍କାକୁ ଚାମ୍ପିଅନ୍ କରାଇଥିଲେ।

**୨୦୧୬ ଟି-୨୦ ବିଶ୍ୱକପ**
**ଚାମ୍ପିଅନ୍-ୱେଷ୍ଟଇଣ୍ଡିଜ୍**
**ରନର୍ସ ଅପ-ଇଂଲଣ୍ଡ**

୨୦୧୬ ଟି-୨୦ ବିଶ୍ୱକପରେ ଇଣ୍ଡିଜ୍ ଦ୍ୱିତୀୟଥର ପାଇଁ ଚାମ୍ପିଅନ ହୋଇଥିଲା। ଏହି ମ୍ୟାଚରେ କାର୍ଲୋସ ବ୍ରାଥୱେଟ ଇଣ୍ଡିଜ୍ ବିଜୟର ହୀରୋ ସାଜିଥିଲେ। ଇଂଲଣ୍ଡ ୨୦ ଓଭରରେ ୯ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା। ଜବାବରେ ଇଣ୍ଡିଜ୍ ମାତ୍ର ୧୧ ରନ୍ ମଧ୍ୟରେ ଜନସନ ଚାର୍ଲ୍ସ, କିସଗେଲ ଓ ଲେଣ୍ଡଲ ସିମନ୍ସଙ୍କ ୱିକେଟ୍ ହରାଇଥିଲା। କିନ୍ତୁ ମାର୍ଲନ ସାମୁଏଲ୍ସ ୮୫ ରନର ଅପରାଜିତ ଇନିଂସ ଖେଳି ମ୍ୟାଚର ମୋଡ ବଦଳାଇ ଦେଇଥିଲେ। ଶେଷଓଭରରେ ଇଣ୍ଡିଜକୁ ଜିତିବା ପାଇଁ ୬ ବଲରୁ ୧୯ ରନର ଆବଶ୍ୟକତା ଥିଲା। ବ୍ରାଥୱେଟ୍ ଷ୍ଟ୍ରାଇକରେ ଥିଲେ। ବ୍ରାନ ଷ୍ଟୋକ୍ସ ବଲ ଫିଙ୍ଗି ଥିଲେ। ବ୍ରାଥୱେଟ୍ ୪ଟି ଛକା ମାରି ମ୍ୟାଚ ଜିତାଇଥିଲେ।

**୨୦୨୧ ଟି-୨୦ ବିଶ୍ୱକପ**
**ଚାମ୍ପିଅନ -ଅଷ୍ଟ୍ରେଲିଆ**
**ରନର୍ସ ଅପ- ନ୍ୟୁଜିଲାଣ୍ଡ**
**ଆୟୋଜକ-ୟୁଏଇ ଏବଂ ଓମାନ**

ଉଭୟ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ପ୍ରଥମଥର ଟି-୨୦ ବିଶ୍ୱକପ ଟାଇଟଲ ମୁକାବିଲାରେ ମୁହାଁମୁହିଁ ହୋଇଥିଲେ। ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ୨୦ ଓଭରରେ ୪ ୱିକେଟ ହରାଇ ୧୭୨ ରନ କରିଥିଲା। କେନ ୱିଲିୟମସନ ୪୮ ବଲରୁ ୮୫ ରନ କରିଥିଲେ। ଜବାବରେ ଅଷ୍ଟ୍ରେଲିଆ ଡେଭିଡ ୱାର୍ଣ୍ଣରଙ୍କ ୫୩, ମିଚେଲ ମାର୍ସଙ୍କ ଅପରାଜିତ ୭୭ ରନ ବଳରେ ଚାମ୍ପିଅନ ହୋଇଥିଲା।

**୨୦୨୨ ଟି-୨୦ ବିଶ୍ୱକପ**
**ଚାମ୍ପିଅନ-ଇଂଲଣ୍ଡ**
**ରନର୍ସ ଅପ୍-ପାକିସ୍ତାନ**
**ଆୟୋଜକ-ଅଷ୍ଟ୍ରେଲିଆ**

୨୦୨୨ ସଂସ୍କରଣରେ ଉଭୟ ଟାଇଟଲ ହାତେଇଥିବା ଇଂଲଣ୍ଡ ଓ ପାକିସ୍ତାନ ଫାଇନାଲରେ ମୁହାଁମୁହିଁ ହୋଇଥିଲେ। ଇଂଲଣ୍ଡ ୫ ୱିକେଟରେ ବିଜୟଲାଭ କରିଥିଲା। ଏହି ମ୍ୟାଚରେ ଇଂଲଣ୍ଡ ପକ୍ଷରୁ ସାମ କୁରନ ୩ଟି, ଆଦିଲ ରସିଦ ୨ଟି ଓ କ୍ରିସ ଜୋର୍ଡାନ ଦୁଇଟି ୱିକେଟ୍ ନେଇ ପାକିସ୍ତାନକୁ ୧୩୭/୮ ରନରେ ସୀମିତ ରଖିଥିଲେ। ବେନଷ୍ଟୋକ୍ସ ଅପରାଜିତ ୫୨ ରନ ଇନିଂସ ଖେଳି ଇଂଲଣ୍ଡକୁ ଚାମ୍ପିଅନ କରାଇଥିଲେ। ଦ୍ୱିତୀୟଥର ଇଂଲଣ୍ଡ ଟି-୨୦ ବିଶ୍ୱକପ ଜିତିଥିଲା।

**୨୦୨୪ ଟି-୨୦ ବିଶ୍ୱକପ**
**ଚାମ୍ପିଅନ-ଭାରତ**
**ରନର୍ସ ଅପ-ଦ.ଆଫ୍ରିକା**
**ଆୟୋଜକ-ଆମେରିକା ଏବଂ ଇଣ୍ଡିଜ୍**

ଦୀର୍ଘ ୧୭ ବର୍ଷ ପରେ ଭାରତ ଦ୍ୱିତୀୟଥର ଟି-୨୦ ବିଶ୍ୱକପ ଚାମ୍ପିଅନ ହୋଇଥିଲା। ଏହି ସଂସ୍କରଣର ଫାଇନାଲରେ ଦ.ଆଫ୍ରିକାକୁ ହରାଇଥିଲା ଭାରତ। ବିରାଟ କୋହଲି, ରୋହିତ ଶର୍ମା ଏବଂ ରବିନ୍ଦ୍ର ଜାଡେଜା ବିଶ୍ୱକପ ଚାମ୍ପିଅନ ହେବା ସହ ଟି-୨୦ ଫର୍ମାଟରୁ ଅବସର ଘୋଷଣା କରିଥିଲେ।

## ଓଡ଼ିଶା କପ୍: ଉତ୍କଳ ରାଇଜିଂ ଷ୍ଟାର୍ସ ଚାମ୍ପିଅନ




ଭୁବନେଶ୍ୱର,୪।୨(ସବ୍ୟୁ):ଓଡ଼ିଶା କପ୍ ସ୍ପୋର୍ଟ୍ସ ଆସୋସିଏସନ୍ ଅଫ୍ ୟୁଏଇର ଆଜମାନର ଦି ସେଭେନ୍ ଡିଷ୍ଟ୍ରିକ୍ଟ କ୍ଲବରେ ଓଡ଼ିଶା କପ୍-୨୦୨୫ ସଂସ୍କରଣ ୧୨ ଉଦଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ କଳିଙ୍ଗ ୱାରିଅର୍ସ ଓ ଉତ୍କଳ ରାଇଜିଂ ଷ୍ଟାର୍ସ ମଧ୍ୟରେ ଖେଳାଯାଇଥିଲା । ଉତ୍କଳ ରାଇଜିଂ ଷ୍ଟାର୍ସ ପ୍ରଥମେ ବ୍ୟାଟିଂ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୨୭ ରନ କରିଥିଲା । ଜବାବରେ କଳିଙ୍ଗ ୱାରିଅର୍ସ ୯ ୱିକେଟ ବିନିମୟରେ ୧୦୨ ରନ କରିବାକୁ ସମର୍ଥ ହୋଇଥିଲା । ରାଜେନ୍ଦ୍ର ପଲ୍ଲାଇ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଓଲିଉଡ ଅଭିନେତ୍ରୀ ଶିବାନୀ ସଙ୍ଗୀତା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ । ଓଡ଼ିଶା କପ୍ ଉପଦେଷ୍ଟା ଓ ବରିଷ୍ଠ ବ୍ୟବସାୟ ପରିଚାଳନା ଦକ୍ଷ ପ୍ରିୟଦର୍ଶୀ ପାଣିଗ୍ରାହୀ ଏହି ଆୟୋଜନକୁ ମଧ୍ୟପୂର୍ବ ଓ ଉତ୍ତର ଆଫ୍ରିକାରେ ପ୍ରବାସୀ ଓଡ଼ିଆମାନଙ୍କର ସବୁଠାରୁ ବଡ଼ ସାକ୍ଷାତ୍ ସମାଗମ ବୋଲି ବର୍ଣ୍ଣନା କରିଥିଲେ ଓଡ଼ିଶା କପ ସ୍ପୋର୍ଟ୍ସ ଆସୋସିଏସନ୍ ବରିଷ୍ଠ ସଦସ୍ୟମାନେ, ରଜତ ରଥ, ସତ୍ୟମ ପଟ୍ଟନାୟକ, ନିର୍ଲିପ୍ତ ମହାନ୍ତି , ଅବନୀକାନ୍ତ ପାତ୍ର, ଚିନ୍ମୟ କୁମାର ଜେନା, ଇମଦାଦ ମହମ୍ମଦ, ଦେବ ମିଶ୍ର, ଅମୃତେନ୍ ଚାଟାର୍ଜୀ, ଜ୍ୟୋତି ରଞ୍ଜନ ପଣ୍ଡା, ସୁଜିତ ଖଟୁଆ, ଆଶିଷ ନାୟକ, ଅଜିତ ପାତ୍ର, ଦୁର୍ଯ୍ୟୋଧନ ପ୍ରଧାନ ଓ ସୌମ୍ୟ ରଞ୍ଜନ ପଣ୍ଡା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ଦାମୋଦର ସ୍ମାରକୀ ଫୁଟବଲ: ତାରାସ ଚାମ୍ପିଅନ

ରାଜକନିକା,୪।୨(ସବ୍ୟୁ): ଓଳାଭର ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ଦିବଂଗତ କ୍ରୀଡ଼ାବିତ ଦାମୋଦର ମଲ୍ଲିକ ଙ୍କ ପରିବାର ର ସହଯୋଗ ରେ ସ୍ଥାନୀୟ କାଳୀ ପଡ଼ିଆ ଠାରେ ଚାଲିଥିବା ଦାମୋଦର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ନେତାଜୀ କ୍ଲବ ତାରାସ ବନାମ ଯୁବଜ୍ୟୋତି କ୍ଲବ ଚେରଣ୍ଟ ପଡା ମଧ୍ୟରେ ହୋଇଥିଲା ଏଥିରେ ନେତାଜୀ କ୍ଲବ ୧-୦ ଗୋଲ ରେ ବିଜୟଲାଭ କରି ଚାମ୍ପିଅନ ହୋଇଛି ଅନୁଷ୍ଠାନ ର ପ୍ରାକ୍ତନ ସମ୍ପାଦକ ଅକ୍ଷୟ କୁମାର ନାଥଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିବରଣୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ରାଜକନିକା ବିଡ଼ିଓ କୈଳାସ ଚନ୍ଦ୍ର ମାହାଳିକ,ପ୍ରାକ୍ତନ



କ୍ରୀଡ଼ାବିତ ପ୍ରମୋଦ କୁମାର ବାରିକ,ସ୍ୱର୍ଗତ ଦାମୋଦର ମଲ୍ଲିକ ଙ୍କ ସୁପୁତ୍ର ବାବାଜୀ ଚରଣ ମଲ୍ଲିକ,ପ୍ରମୋଦ ମଲ୍ଲିକ,ସୁଶାନ୍ତ ମଲ୍ଲିକ, ସରୋଜ କ୍ୟାମ୍ପ ମଲ୍ଲିକ ପ୍ରମୁଖ ଯୋଗ ଦେଇ ବିଜେତା ଦଳକ କୁ ୧୦ ହଜାର ଟଙ୍କା ଶହ ଟ୍ରଫି ପ୍ରଦାନ କରିବା ଶହ,ବିଜେତା ଦଳର ଶେଖର ନାୟକ ଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ, ଏହି ଅବସରରେ ଆସୋସିଏସନ ର ସଭାପତି ଅରୁଣ କୁମାର ବାରିକ,ସମ୍ପାଦକ ପ୍ରୟାଗ ନାୟକ ,ସଞ୍ଜୟପୃଷ୍ଟି,ସେକ ହାସୀମ,ରାଖାଲ ଦେ , ନିରାକାର ସାମଲ,ଦିବସ ବେହେରା, ଦେବବ୍ରତ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ସେକ ସଲିମ,ସଞ୍ଜୀୟ କୁମାର ନାୟକ,ଓ ସେକ କଉସ ର,ଖେଳ ପରିଚାଳନା କରିଥିଲେ ।

## ୮ରୁ ତମାଣ୍ଡୋ ପ୍ରିମିୟର ଲିଗ୍

ଭୁବନେଶ୍ୱର,୪।୨(ସବ୍ୟୁ): ରାଜ୍ୟର ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ତମାଣ୍ଡୋ କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ହେବାକୁ ଯାଉଛି ଅଷ୍ଟମ ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଏହି ଟୁର୍ଣ୍ଣାମେଣ୍ଟ ୮ ତାରିଖ ଠାରୁ ଆରମ୍ଭ ହୋଇ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୮ ଗୋଟି ଦଳ ନିଲାମି ପ୍ରକ୍ରିୟାରେ ଭାଗ ନେଇ ସାରିଛନ୍ତି। ଟିସିସି(ଭୁବନେଶ୍ୱର), ୟୁ ବି ରକ୍ ଷ୍ଟାର(ଭୁବନେଶ୍ୱର), ମାଇଟ ୟଙ୍ଗ୍ ଷ୍ଟାର (ଭୁବନେଶ୍ୱର), ଏମ୍ଏସ୍ସି (ସମ୍ବଲପୁର), ରୟାଲ ଚାଲେଞ୍ଜର (ବ୍ରହ୍ମପୁର), ଆଦିତ୍ୟ ଏକାଦଶ (ଭୁବନେଶ୍ୱର), ଏସ୍ସି (କାକଟପୁର) ଏବଂ ଭିଜେତା ବାରିଅର (ଭୁବନେଶ୍ୱର)। ଟୁର୍ଣ୍ଣାମେଣ୍ଟ ଚାମ୍ପିଆନ୍ ଦଳକୁ ତମାଣ୍ଡୋ କପ୍ ସହ ନଗଦ ୧ ଲକ୍ଷ ୫୦ ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ କପ୍ ସହ ନଗଦ ୧ ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ତମାଣ୍ଡୋ କ୍ରିକେଟ୍ କ୍ଲବର ସଭାପତି ଆଶିଷ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

ସୂଚନା
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଗ୍ରାହକ ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ହ୍ୱାଟସଆପ୍ / ଇମେଲ୍ classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ଯୋଗାଯୋଗ କରନ୍ତୁ।

## ୧୯ ବର୍ଷରୁ କମ୍ ବିଶ୍ୱକପ ଫାଇନାଲରେ ଭାରତ

ନୂଆଦିଲ୍ଲୀ,୪।୨(ଏଜେନ୍ସି): ଜିମ୍ବାୱେରେ ଚାଲିଥିବା ୧୯ ବର୍ଷରୁ କମ୍ ବିଶ୍ୱକପ ଫାଇନାଲରେ ଟିମ ଇଣ୍ଡିଆ ପ୍ରବେଶ କରିଛି । ବୁଧବାର ସେମି ଫାଇନାଲରେ ଦଳ ବେଶ ସହଜରେ ଆଫଗାନିସ୍ତାନକୁ ପରାସ୍ତ କରି ଦେଇଛି। ଓପନର ଅରୁଣ ଜର୍ଜଙ୍କ ଶତକ ୧୧୫, ବୈଭବ ସୂର୍ଯ୍ୟବଂଶୀଙ୍କ ୬୮ ଓ ଅଧିନାୟକ ଆୟୁଷ ମାହେତ୍ରଙ୍କ ୬୨ ରନ ବଳରେ ଭାରତ ଦମଦାର ବିଜୟ ହାସଲ କରିଛି । ଆଫଗାନିସ୍ତାନ ଦେଇଥିବା ବିଶାଳ ୩୧୧ ରନର ଲକ୍ଷ୍ୟକୁ ଦଳ ୫୩ ବଲ ପୂର୍ବରୁ ୩ ୱିକେଟ ହରାଇ ହାସଲ କରି ନେଇଛି। ଏବେ ଭାରତର ମୁକାବିଲା ଫାଇନାଲରେ ଇଂଲଣ୍ଡ ସହ ହେବ। ଏହି ମ୍ୟାଚ୍ଟି ଫେବୃଆରୀ ୬ରେ ଖେଳାଯିବ। ପ୍ରଥମ ସେମି ଫାଇନାଲରେ ଇଂଲଣ୍ଡ ୨୭ ରନରେ ଅଷ୍ଟ୍ରେଲିଆକୁ ହରାଇଥିଲା। ଚଳିତ ବିଶ୍ୱକପରେ ଇଂଲଣ୍ଡ ଓ ଭାରତ ଗୋଟିଏ ବି ମ୍ୟାଚ୍ ହାରି ନାହାନ୍ତି। ଫେବୃଆରୀ ୬ରେ ଭାରତ ୬ଷ୍ଠ ଥର ଟ୍ରଫି ଜିତିବାକୁ ଚେଷ୍ଟା କରିବ। ଭାରତ କ୍ରମାଗତ ୬ଷ୍ଠ ଥର ପାଇଁ ମଧ୍ୟ ବିଶ୍ୱକପ ଫାଇନାଲରେ ପ୍ରବେଶ କରିଛି। ସେହିପରି ଇଂଲଣ୍ଡ ପ୍ରଥମଥର ଟ୍ରଫି ଜିତିବା ଲକ୍ଷ୍ୟରେ ରହିବ।



ସେମି ଫାଇନାଲ କଥା ବିଚାରକୁ ନେଲେ ଆଫଗାନିସ୍ତାନ ଫୈଜଲ ସିନୋଜାଦାଙ୍କ ୯୩ ବଲରେ ୧୧୦ ଓ ଉଜୈରୁଲ୍ଲା ନୈଜାଇଙ୍କ ୮୬ ବଲରେ ଅପରାଜିତ ୧୦୧ ବଲରେ ୪ ୱିକେଟ ହରାଇ ୩୧୦ ରନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଓସମାନ ସଦତ ୩୯ ଓ ଖାଲିଦ ଅହମଦଜାଇ ୩୧ ରନର ଇନିଂସ ଖେଳିଥିଲେ। ଭାରତ ପକ୍ଷରୁ ଦୀପନେଶ ଦେବେନ୍ଦ୍ର ୨ଟି ଓ କନିଷ୍କ ଚୌହାନ ୨ଟି ୱିକେଟ ନେଇଥିଲେ।

୩୧୧ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭାରତକୁ ସୂର୍ଯ୍ୟବଂଶୀ ଓ ଅରୁଣ ଦମଦାର ଆରମ୍ଭ ଦେଇଥିଲେ। ସୂର୍ଯ୍ୟବଂଶୀ ମାତ୍ର ୩୩ ବଲରେ ୬୮ ରନ କରି ଆଉଟ ହୋଇଥିଲେ ହେଁ ଅରୁଣ ସ୍ଥିତି ସମ୍ଭାଳିଥିଲେ। ସୂର୍ଯ୍ୟବଂଶୀ ତାଙ୍କ ଇନିଂସରେ ୪ଟି ଛକା ଓ ୯ଟି ଚୌକା ମାରିଛନ୍ତି। ସେ ଆଉଟ ହୋଇଥିଲେ ହେଁ ଏହାର ପ୍ରଭାବ ଭାରତ ଉପରେ ଆଦୌ ପଡ଼ି ନଥିଲା।

୩ନଂରେ ଆସିଥିବା ଆୟୁଷ ମାହେତ୍ର ମଧ୍ୟ ବଡ଼ ଶଟ ଖେଳିବାରେ ଲାଗିଥିଲେ। ସେ ୪ଟି ଛକା ଓ ୫ଟି ଛକା ବଳରେ ୬୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ଏହି ସମୟରେ ଦଳୀୟ ସ୍କୋର ୨୬.୨ ଓଭରରେ ୨୦୪ରେ ପହଞ୍ଚି ଯାଇଥିଲା। ଏତିକି ବେଳେ ଅରୁଣ ସବୁ ଦାୟିତ୍ୱ ନିଜ ଉପରକୁ ନେଇ ପ୍ରଥମେ ଶତକ ହାସଲ କରିଥିଲେ। ଏହାପରେ ଭାରତକୁ ବିଜୟ ଆଡ଼କୁ ନେଇ ଯାଇଥିଲେ। ତାଙ୍କୁ ଭିଆନ ମାଲହୋତ୍ରା ସହଯୋଗ କରିଥିଲେ।

ତେବେ ଭାରତକୁ ଜିତିବା ପାଇଁ ମାତ୍ର ୧୧ ରନ ଦରକାର ଥିବା ବେଳେ ଅରୁଣଙ୍କୁ ଆଉଟ କରି ୱାହିଦୁଲ୍ଲା ଜର୍ଦାନ ଭାରତକୁ ତୃତୀୟ ଝଟକା ଦେଇଥିଲେ। ୧୦୪ ବଲରେ ୧୧୫ ରନର ଇନିଂସ ଖେଳିଥିବା ଅରୁଣ ୨ଟି ଛକା ଓ ୧୫ଟି ଚୌକା ମାରିଛନ୍ତି। ଭିଆନ ଶେଷ ଯାଏ ୩୮ ଓ ବେଦାନ୍ତ ତ୍ରିବେଦୀ ୫ ରନ କରି କ୍ରିଜରେ ରହିବା ସହ ଭାରତକୁ ୫୩ ବଲ ପୂର୍ବରୁ ୭ ୱିକେଟରେ ବିଜୟ ଭେଟି ଦେଇଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/
store/app/details/
id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି